

ୟୁଏସ୍ ଓପନରେ ଶୀର୍ଷ ସିଡ୍ ସାବାଲେଙ୍କା

▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-67 ♦MONDAY ♦31 AUGUST 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୪ ♦ସଂଖ୍ୟା-୬୭ ♦ସୋମବାର ♦୩୧ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଆମ୍ବୁଲାନ୍ସ ଡ୍ରାଇଭରରୁ ଇସ୍ରୋ ବୈଜ୍ଞାନିକ



■ ନଦିଆ, ୩୦।୮ (ଏଜେନ୍ସି): ପଶ୍ଚିମବଙ୍ଗର ନାଦିଆ ଜିଲ୍ଲାରୁ ଏକ ପ୍ରେରଣାଦାୟକ କାହାଣୀ ସାମ୍ନାକୁ ଆସିଛି। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଚଳାଇବା ସହ କଠିନ ପରିଶ୍ରମ କରି ଦେବଜିତ୍ ଭଦ୍ରା ନାମକ ଜଣେ ଯୁବକ ଭାରତୀୟମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ରେ ଚାକିରି ହାସଲ କରିଛନ୍ତି। ବାରମ୍ବାର ବିଫଳତା ସତ୍ତ୍ୱେ ତାଙ୍କର ଅଦମ୍ୟ ଜିଦ୍ ଏବଂ କଠିନ ପରିଶ୍ରମ ତାଙ୍କୁ ଏହି ସଫଳତା ଦେଇଛି। ଘଟଣା ଅନୁଯାୟୀ, ନାଦିଆର ଗଙ୍ଗାନାପୁରର ବାସିନ୍ଦା ଦେବଜିତ୍ ଶକ୍ତିନଗର ଜିଲ୍ଲା ହସ୍ପିଟାଲରେ ସରକାରୀ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରୁଥିଲେ। ଦିନକୁ ପ୍ରାୟ ୧୨ ଘଣ୍ଟା କାମ କରିବା ପରେ ସେ ନିଜର ଅବଶିଷ୍ଟ ସମୟକୁ ପାଠପଢ଼ା ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ଲଗାଉଥିଲେ। ଚନ୍ଦ୍ରଯାନର ସଫଳତା ପରେ ତାଙ୍କର ଇସ୍ରୋରେ କାମ କରିବାର ସ୍ୱପ୍ନ ଆହୁରି ଦୃଢ଼ ହୋଇଥିଲା। ତେବେ ଏହି ଯାତ୍ରା ସହଜ ନଥିଲା ଏବଂ ସେ ପ୍ରାୟ ପାଞ୍ଚରୁ ଛଅ ଥର ପରୀକ୍ଷାରେ ବିଫଳ ହୋଇଥିଲେ ମଧ୍ୟ ହାର ମାନି ନଥିଲେ। ୟୁଟ୍ୟୁବ୍ ଏବଂ କୋଚିଂ ସହାୟତାରେ ସେ ପ୍ରସ୍ତୁତି ଜାରି ରଖିଥିଲେ ଏବଂ ଶେଷରେ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରେ 'ଟେକ୍ନିସିଆନ୍-ବି' ପଦବୀ ପାଇଁ ମନୋନୀତ ହୋଇଛନ୍ତି। ତାଙ୍କର ଏହି କାହାଣୀ ପ୍ରମାଣ କରୁଛି ଯେ ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ବଳରେ ଯେକୌଣସି ବାଧାବିଘ୍ନକୁ ଅତିକ୍ରମ କରି ଲକ୍ଷ୍ୟ ହାସଲ କରାଯାଇପାରିବ।



## ବ୍ୟାଙ୍କ, ନାଇଟ୍ କ୍ଲବ୍‌ରେ ବିବାହ ପଞ୍ଜୀକରଣ

■ ବେଜିଂ, ୩୦।୮ (ଏଜେନ୍ସି): ଚୀନ୍‌ରେ କମୁଥିବା ବିବାହ ଏବଂ ଜନ୍ମହାରକୁ ବୃଦ୍ଧି କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଦେଶରେ ଯୁବପିଢ଼ିଙ୍କୁ ବିବାହ ପ୍ରତି ଆକର୍ଷିତ କରିବା ଏବଂ ପ୍ରକ୍ରିୟାକୁ ସହଜ କରିବା ପାଇଁ ବ୍ୟାଙ୍କ, ମେଟ୍ରୋ ଷ୍ଟେସନ୍, ପ୍ରସୂତି ହସ୍ପିଟାଲ ଏବଂ ଏପରିକି ନାଇଟ୍‌କ୍ଲବ୍‌ରେ ମଧ୍ୟ ବିବାହ ପଞ୍ଜୀକରଣ କାଉଣ୍ଟର ଖୋଲାଯାଇଛି। ଶାଣ୍ଡୋଂଗ ପ୍ରଦେଶର ଏକ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ହସ୍ପିଟାଲରେ ଏଭଳି କାଉଣ୍ଟର ଆରମ୍ଭ କରାଯାଇଛି, ଯେଉଁଠାରେ ଦମ୍ପତିମାନେ ବିବାହ ପଞ୍ଜୀକରଣ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରାମର୍ଶ ମଧ୍ୟ ପାଇପାରିବେ। ସେହିପରି ତିଆଞ୍ଜିନ୍ ସହରର ଏକ ବ୍ୟାଙ୍କ ଶାଖାରେ ମଧ୍ୟ ଦେଶର ପ୍ରଥମ ଥର ପାଇଁ ବିବାହ ପଞ୍ଜୀକରଣ ସେବା ଯୋଗାଇ ଦିଆଯାଇଛି। ଏହା ବ୍ୟତୀତ ବିମାନବନ୍ଦର, ପାର୍କ, ଏବଂ ଶାଘାଇର ଏକ ନାଇଟ୍‌କ୍ଲବ୍‌ରେ ମଧ୍ୟ ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ବିବାହ ଏବଂ ଜନ୍ମହାର ହ୍ରାସ ପାଉଥିବାରୁ ଚୀନ୍ ସରକାର ଏହି ବ୍ୟବସ୍ଥା ଆଣିଛନ୍ତି। ତେବେ ସୋସିଆଲ ମିଡ଼ିଆରେ ଲୋକମାନେ ଏହାକୁ ନେଇ ଭିନ୍ନ ମତ ଦେଇଛନ୍ତି। କିଛି ଲୋକଙ୍କ ମତରେ କେବଳ ପଞ୍ଜୀକରଣ ସ୍ଥାନ ବଢ଼ାଇବା ଦ୍ୱାରା ବିବାହ ବଢ଼ିବ ନାହିଁ, ବରଂ ଆର୍ଥିକ ସୁରକ୍ଷା ଏବଂ ଭବିଷ୍ୟତର ଆହ୍ୱାନକୁ ନେଇ ଯୁବପିଢ଼ିଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ଜରୁରୀ।

## ନେପାଳ ବନ୍ୟା ପ୍ରଳୟ

# ସୁଡ଼ଙ୍ଗରେ ଫସିଛନ୍ତି ୯୦୦ ଶ୍ରମିକ

■ କାଠମାଣ୍ଡୁ, ୩୦।୮ (ଏଜେନ୍ସି): ନେପାଳରେ ଆସିଥିବା ଭୟଙ୍କର ବନ୍ୟା ପରେ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡିକର ସୁଡଙ୍ଗ ଭିତରେ ଫସି ରହିଛନ୍ତି ୯୦୦ରୁ ଅଧିକ ଶ୍ରମିକ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି। ନେପାଳର ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀରେ ଆସିଥିବା ହଠାତ୍ ବନ୍ୟା ଯୋଗୁଁ ବ୍ୟାପକ ବିଧ୍ୱଂସ ଘଟିଛି। ଏହି ପ୍ରଳୟଙ୍କରୀ ବନ୍ୟା କାରଣରୁ ବିଭିନ୍ନ ଜଳବିଦ୍ୟୁତ୍ ପ୍ରକଳ୍ପର ସୁଡଙ୍ଗ ମଧ୍ୟରେ ଶ୍ରମିକମାନେ ଫସି ରହିଛନ୍ତି। ପ୍ରାୟ ୮୯୮ ଜଣ ଶ୍ରମିକ ସୁଡଙ୍ଗ ଭିତରେ ବନ୍ଦୀ ହୋଇ ରହିଥିବା ବେଳେ ପ୍ରାୟ ୩୬୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତ୍ରିଶୂଳୀ-୩ ଏ ଜଳବିଦ୍ୟୁତ୍ ପ୍ରକଳ୍ପରେ ଚାଲିଥିବା ଉଦ୍ଧାର କାର୍ଯ୍ୟରେ କିଛିଟା ସଫଳତା ମିଳିଛି। ସୁଡଙ୍ଗ ଭିତରୁ ପଙ୍କ ଓ କାଦୁଅ ହଟାଇବା ପାଇଁ ଉଦ୍ଧାରକାରୀ ଦଳ ପକ୍ଷରୁ ଭାରୀ ଯନ୍ତ୍ରପାତି ବ୍ୟବହାର କରାଯାଉଛି। ଏହା ବ୍ୟତୀତ ସୁଡଙ୍ଗରେ ଏକ ଛଅ ଇଞ୍ଚର କଣା କରାଯାଇ ଏକ ପାଇପ୍ ଜରିଆରେ ଭିତରେ ଥିବା ଶ୍ରମିକମାନଙ୍କ ପାଇଁ ବାୟୁ ଯୋଗାଣ କରାଯାଉଛି। ନେପାଳ ସରକାର ଏହି ଜଟିଳ ସୁଡ଼ଙ୍ଗ ଉଦ୍ଧାର କାର୍ଯ୍ୟ ପାଇଁ ଭାରତ ଓ ଚୀନର ବିଶେଷଜ୍ଞ ଦଳର ସହାୟତା ଲୋଡ଼ିଛନ୍ତି।

ଏହି ପ୍ରାକୃତିକ ଦୁର୍ବିପାକରେ ନେପାଳରେ ୭୯୪ ଜଣ ଏବଂ ପଡ଼ୋଶୀ ତିବ୍ବତରେ ୧୬ ଜଣଙ୍କ ସମେତ ମୋଟ ୮୧୦ ଜଣଙ୍କର ପ୍ରାଣହାନି

### ତ୍ୱରାନ୍ୱିତ ହେଲା ଉଦ୍ଧାର ଅଭିଯାନ

### ପାଇପ୍ ଯୋଗେ ଅମ୍ଳଜାନ ଯୋଗାଣ

### ମୃତ୍ୟୁସଂଖ୍ୟା ୮୦୦ ଟପିଲା

### ୩ ହଜାର ଏବେ ବି ନିଖୋଜ

ଘଟିଛି। ବର୍ତ୍ତମାନ ସୁଦ୍ଧା ନେପାଳରେ ପ୍ରାୟ ୨,୫୦୨ ଜଣ ଏବଂ ତିବ୍ବତ ସୀମାରେ ୫୪୦ ରୁ ଅଧିକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ବନ୍ୟା ଓ ଭୂସ୍ଖଳନ ଯୋଗୁଁ ପାସାଙ୍ଗ ଲାମୁ ଜାତୀୟ ରାଜପଥର ପ୍ରାୟ ୪୦ କିଲୋମିଟର ରାସ୍ତା ପୋତି ହୋଇ ରହିଛି। ଏହାଛଡ଼ା ନେପାଳର ଅନେକ ସୌର ଏବଂ ଜଳବିଦ୍ୟୁତ ପ୍ରକଳ୍ପର ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ଏହି ବନ୍ୟାରେ ନେପାଳ ଓ ତିବ୍ବତରେ ଥିବା ଶତାଧିକ ବିଦେଶୀ ପର୍ଯ୍ୟଟକ ଏବଂ କୈଳାସ ମାନସରୋବର ତୀର୍ଥଯାତ୍ରୀ ବିଶେଷ ପ୍ରଭାବିତ ହୋଇଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୪୯ ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ପ୍ରାୟ ୨୭୦ରୁ ଅଧିକ ଭାରତୀୟ ନାଗରିକ ଏବେ ମଧ୍ୟ ନିଖୋଜ ଅଛନ୍ତି। ନିଖୋଜ ଭାରତୀୟଙ୍କ ମଧ୍ୟରେ ଓଡ଼ିଶାର ୪ ଜଣ ନାଗରିକ ମଧ୍ୟ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ୨ ଜଣ ଏବଂ ବରଗଡ଼ର ଜଣେ ମା'-ଝିଅ ଅଛନ୍ତି। ଅନ୍ୟପଟେ ଓଡ଼ିଶାର ଅନ୍ୟ ଦୁଇ ଜଣ ନାଗରିକ ଏବଂ ନେପାଳର ପୋଖରାରେ ଥିବା ଓଡ଼ିଶାର ଜଣେ ଫୁଟବଲ୍ କୋଚ୍ ଏବଂ ୬ ଜଣ ଖେଳାଳି ସୁରକ୍ଷିତ ଥିବା ଜଣାପଡ଼ିଛି। ଭାରତୀୟ ଦୂତାବାସ ଏବଂ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀ ଏବଂ କାଠମାଣ୍ଡୁରେ ୨୪-ଘଣ୍ଟିଆ ଜରୁରୀକାଳୀନ କଣ୍ଟ୍ରୋଲ୍ ରୁମ୍ ଓ ହେଲ୍ପଲାଇନ୍ ଜାରି କରାଯାଇଛି। ▶ପୃଷ୍ଠା-୭



## ଲଘୁଚାପ ସକ୍ରିୟ; ଆହୁରି ବର୍ଷିବ

### ବରଗଡ଼କୁ ରେଡ୍, ୧୦ ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ

■ ଭୁବନେଶ୍ୱର, ୩୦।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରକୋପ ଜାରି ରହିଛି। ରବିବାର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଥିବାବେଳେ ଆସନ୍ତା ସୋମବାର ମଧ୍ୟ ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସମ୍ଭାବ୍ୟ ପରିସ୍ଥିତିକୁ ନଜରରେ ରଖି ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ଜାରି କରାଯାଇଛି।



ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବରଗଡ଼ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏଠାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଅତ୍ୟଧିକ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ପାଣି ଜମିବା, ରାସ୍ତାଘାଟରେ ଜଳବନ୍ଦୀ ସୃଷ୍ଟି ହେବା ଏବଂ ଯାତାୟାତ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ସୋନପୁର, ନୂଆପଡ଼ା, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲା ପାଇଁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଲଘୁଚାପର ପ୍ରଭାବରେ ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ମଧ୍ୟମରୁ ଭାରି ବର୍ଷା ହେବା ସହ ବଜ୍ରପାତ ଓ ଝଟକା ପବନର ସମ୍ଭାବନା ରହିଛି। ଅପରପକ୍ଷରେ ସେପ୍ଟେମ୍ବର ୧ ତାରିଖରେ ମଧ୍ୟ ବର୍ଷାର ପ୍ରଭାବ ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ଥିବାରୁ ଏହି ତିନି ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁଁ ନଦୀନାଳରେ ଜଳସ୍ତର ବୃଦ୍ଧି, ତଳିଆ ଅଞ୍ଚଳରେ ଜଳବନ୍ଦୀ ଏବଂ କେତେକ ସ୍ଥାନରେ ଅସ୍ଥାୟୀ ରାସ୍ତା ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ତେଣୁ ଜିଲ୍ଲା ପ୍ରଶାସନକୁ ସଜାଗ ରହିବା ସହ ସାଧାରଣ ଲୋକଙ୍କୁ ଆବଶ୍ୟକ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି।

### ଚାପରେ ନଇଁଲେ ସରକାର

## ୭ ଦିନ ବଢ଼ିଲା ଖରିଫ ପଞ୍ଜୀକରଣ

■ ଭୁବନେଶ୍ୱର, ୩୦।୮ (ସମିସ): ଲଗାତାର ଲଘୁଚାପ ସହ ବାରମ୍ବାର ବନ୍ୟା ଯୋଗୁଁ ଚାଷୀ ନୟାନ୍ତ। ସମାନ ସମୟରେ ରାଜ୍ୟ ସରକାରଙ୍କ ଜଟିଳ ନିୟମାବଳୀ ପାଇଁ ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସନ୍ତାକାଲି ଧାନ ପଞ୍ଜୀକରଣର ଶେଷ ଦିନ ଥିବାବେଳେ ଏହାକୁ ଅତିକମରେ ୨୦ ଦିନ ବୃଦ୍ଧି କରିବାକୁ ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ଦାବି ହେଉଥିଲା। ଚାଷୀ ସଂଗଠନ ମଧ୍ୟ ପଞ୍ଜୀକରଣ ଅବଧି ବୃଦ୍ଧି ଏବଂ ନିୟମାବଳୀରେ ସରଳୀକରଣ କରିବାକୁ ଲଗାତାର ଦାବି କରି ଆସୁଥିଲେ। ବିଭିନ୍ନ ମହଲରୁ ଏ ନେଇ ପ୍ରବଳ ଚାପ ପଡ଼ିବା ପରେ ଶେଷରେ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ ଅବଧିକୁ ୭ ଦିନ ବୃଦ୍ଧି କରିଛନ୍ତି। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅବଧି ବୃଦ୍ଧି ସଂକ୍ରାନ୍ତରେ ସୂଚନା ଦେଇଛନ୍ତି।

ଖରିଫ ଋତୁରେ ଧାନ ବିକ୍ରି ନିମନ୍ତେ ଗତ ଅଗଷ୍ଟ ୬ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲି ଏହାର ଶେଷ ଦିନ ଥିଲା। ତେବେ ବର୍ଷା, ବନ୍ୟା ତଥା କେତେକ କାରଣ ପାଇଁ ଅନେକ ଚାଷୀ ପଞ୍ଜୀକରଣ କରିପାରୁ ନ ଥିଲେ। ଅନ୍ୟପକ୍ଷରେ ନେଟୱାର୍କ ସମସ୍ୟା ଯୋଗୁଁ ଚାଷୀ ରାତିରାତି ପଞ୍ଜୀକରଣ ପାଇଁ ଅପେକ୍ଷା କରୁଥିଲେ। ଯାହାକୁ ନେଇ ଯାବତୀୟ ସମସ୍ୟା ସୃଷ୍ଟି ହୋଇଥିଲା। ଏହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିଲେ ଓ ଏହାପରେ ସରକାର ଅବଧି ୭ ଦିନ ବଢ଼ାଇଛନ୍ତି। ଅପରପକ୍ଷେ ପଞ୍ଜୀକରଣ ବେଳେ ଯେଉଁଠି ନେଟୱାର୍କ ସମସ୍ୟା ରହିଛି, ବୈଷୟିକ ଟିମ୍ ଏହାକୁ ଦୂର କରିବେ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନା ଅନୁଯାୟୀ ଆଜି ସୁଦ୍ଧା ୧୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଖରିଫରେ ମୋଟ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜିକରଣ କରିଥିଲେ।

## ବଢ଼ିବ ବିଧାୟକଙ୍କ ଦରମା ଓ ଭତ୍ତା!

### ବାଚସ୍ପତି ଓ ମନ୍ତ୍ରୀଙ୍କ ସହ ଆଲୋଚନା କଲା ପାର୍ଲାମେଣ୍ଟ ଯୁଗ୍ମ କମିଟି

### ଦରମା ଓ ଭତ୍ତା ବୃଦ୍ଧି ଦାବି କଲେ ଶାସକ, ବିରୋଧୀ ବିଧାୟକ




■ ଭୁବନେଶ୍ୱର, ୩୦।୮ (ସମିସ): ଆଜି ଭୁବନେଶ୍ୱର ଗସ୍ତରେ ଆସିଥିବା ଦରମା ଓ ଭତ୍ତା ସମ୍ପର୍କିତ ପାର୍ଲାମେଣ୍ଟ ଯୁଗ୍ମ କମିଟି ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କର ଭତ୍ତା ଓ ଦରମା ବୃଦ୍ଧି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ବାଚସ୍ପତିଙ୍କ ସମେତ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ଫଳରେ ପୁଣିଥରେ ବିଧାୟକଙ୍କ ଦରମା ଓ ଅନ୍ୟାନ୍ୟ ଭତ୍ତା ସମେତ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ଭତ୍ତା ବଢ଼ିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ସାଂସଦ ବୀରେନ୍ଦ୍ର ପ୍ରସାଦ ବୈଶ୍ୟଙ୍କ ଅଧ୍ୟକ୍ଷତାରେ ଏହି କମିଟି କମିଟି ପ୍ରଥମେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅଧିକାରୀଙ୍କ ସହ ପୃଥକ ପୃଥକ ଭାବେ ଆଲୋଚନା କରିଛନ୍ତି। ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା ଓ ଅନ୍ୟାନ୍ୟ ଭତ୍ତା ସହ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ଭତ୍ତା ସମ୍ପର୍କରେ ପଚାରି ବୁଝିଛନ୍ତି। ଅନ୍ୟ ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ମିଳୁଥିବା ଦରମା, ଭତ୍ତା ଓ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ତୁଳନା କରିଛନ୍ତି। ଏହାପରେ ଓଡ଼ିଶାର ବିଧାୟକ ଓ ପୂର୍ବତନ ▶ପୃଷ୍ଠା-୭

### 'ମନ୍ କି ବାତ୍'ରେ ଡେବ୍ରିଗଡ଼ର ମୈଥିଳୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

## ଜଙ୍ଗଲ ସଂରକ୍ଷଣ ଓ ମହିଳା ସଶକ୍ତୀକରଣର ସାଜିଛନ୍ତି ପ୍ରେରଣା

■ ସମ୍ବଲପୁର, ୩୦।୮ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରେଡିଓ କାର୍ଯ୍ୟକ୍ରମ "ମନ୍ କି ବାତ୍'ରେ ଡେବ୍ରୀଗଡ଼ର ଆଦିବାସୀ ମହିଳା ତଥା ପରିବେଶ ସଂରକ୍ଷଣକାରୀ ମୈଥିଳୀ ଭୁଏଙ୍କ ସାହସ ଓ ପ୍ରେରଣାଦାୟୀ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଡେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ସଂଲଗ୍ନ ଧୋଡ୍ରୋକୁସୁମ ଗ୍ରାମର ୪୦ ବର୍ଷୀୟା ମୈଥିଳୀ କିଭଳି ଜଙ୍ଗଲ ସୁରକ୍ଷା ସହିତ ସ୍ଥାନୀୟ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିଛନ୍ତି, ତାହାକୁ ପ୍ରଧାନମନ୍ତ୍ରୀ ସମଗ୍ର ଦେଶ ଆଗରେ ଉପସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କିଛିବର୍ଷ ପୂର୍ବେ ମୈଥିଳୀ ପରିବାର ପ୍ରତିପୋଷଣ ପାଇଁ ପ୍ରତିଦିନ ଜଙ୍ଗଲରୁ ଜାଳେଣି କାଠ,






ମହୁଲ ଫୁଲ, କେନ୍ଦୁପତ୍ର ଓ କରଡ଼ି ସଂଗ୍ରହ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲେ। କିନ୍ତୁ ଡେବ୍ରୀଗଡ଼ ଇକୋ-ଟୁରିଜିମ ସହ ଯୋଡ଼ି ହେବାପରେ ତାଙ୍କ ଜୀବନ ଓ ଜଙ୍ଗଲ ସହିତ ସମ୍ପର୍କରେ ଏକ ବଡ଼ ପରିବର୍ତ୍ତନ ଆସିଛି। ଜଙ୍ଗଲ ସଂରକ୍ଷଣ ହିଁ ତାଙ୍କ ପାଇଁ ଜୀବିକାର ନୂଆ ମାଧ୍ୟମ ପାଲଟିଛି। ମୈଥିଳୀଙ୍କ ପ୍ରେରଣାରେ ଆଜି ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଜଙ୍ଗଲ ସଂରକ୍ଷଣ, ଘାସଭୂମି ବିକାଶ, ବନ୍ୟପ୍ରାଣୀ ସୁରକ୍ଷା ସ୍କ୍ୱାଡ୍ ଏବଂ ଇକୋ-ଟୁରିଜିମ କାର୍ଯ୍ୟରେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ପ୍ରକୃତି ସୁରକ୍ଷା ସହ ଆର୍ଥିକ ଉନ୍ନତି ଯେ ଏକାଠି ସମ୍ଭବ, ତାହା ମୈଥିଳୀ ଓ ତାଙ୍କ ସହଯୋଗୀ ମହିଳାମାନେ ପ୍ରମାଣ କରି ▶ପୃଷ୍ଠା-୭

### ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆହ୍ୱାନ

## ପରିବାର ନ ପୋଷିଲେ କଟିବ ଦରମା

■ ଭୁବନେଶ୍ୱର, ୩୦।୮ (ସମିସ): କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଉ ନଥିବା ମହିଳା ଏବଂ ସନ୍ତାନସନ୍ତତିଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଏଭଳି ପୁରୁଷ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସଂପୃକ୍ତ କର୍ମଚାରୀଙ୍କ ଦରମାରୁ ସିଧାସଳଖ କାଟି ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପୋଷଣ ଖର୍ଚ୍ଚ ପଠେଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଅନେକ ପୁରୁଷ କର୍ମଚାରୀ ସେମାନଙ୍କର ସ୍ତ୍ରୀ ବା ସନ୍ତାନସନ୍ତତିଙ୍କୁ ଭରଷପୋଷଣ ସହାୟତା ଦେଉନାହାନ୍ତି। ଛାଡ଼ପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ (ଆଲିମୋନି) ମଧ୍ୟ ଦେଉନାହାନ୍ତି। ଏଥିପାଇଁ ବିଭିନ୍ନ କୋର୍ଟରେ ବିଚାର ହୋଇ, କୋର୍ଟ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପୁରୁଷ କର୍ମଚାରୀ ଏହି ଭରଣପୋଷଣ ଦେବାରେ ଅବହେଳା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣି ସମୟରେ ହାରାହାରି

### ଅବହେଳିତ ପତ୍ନୀ ବା ସନ୍ତାନସନ୍ତତିଙ୍କ ଆକାଉଣ୍ଟକୁ ଯିବ ଦରମା ଟଙ୍କା

୨-୩ଟି ମାମଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଅଛି। ତେଣୁ ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ନେଇ ଏହି ଅର୍ଥକୁ ସଂପୃକ୍ତ କର୍ମଚାରୀଙ୍କ ଦରମାରୁ କାଟି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସରକାରୀ କର୍ମଚାରୀ ହୋଇ ଅଦାଲତର ଅବମାନନା କରିବା ଏବଂ ତା'ସହିତ ପତ୍ନୀ ଓ ପିଲାମାନଙ୍କ ପ୍ରତି ଏଭଳି ଅବିଚାର କରିବା ରାଜ୍ୟ ସରକାରଙ୍କ ପକ୍ଷେ ଆଦୌ ଗ୍ରହଣୀୟ ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ସଂପୃକ୍ତ ମହିଳା ଓ ସନ୍ତାନସନ୍ତତିଙ୍କ ଭରଣପୋଷଣ ପାଇଁ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଭରଣପୋଷଣ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବା ପରେ ବିଭାଗୀୟ ଡିଡିଓ ସଂପୃକ୍ତ ସରକାରୀ କର୍ମଚାରୀଙ୍କ ମାସିକ ଦରମା ବିଲ୍ ପ୍ରସ୍ତୁତ କରିବା ସମୟରେ ଭରଣପୋଷଣ ପାଇଁ ଅଦାଲତ ଯେଉଁ ପରିମାଣର ଅର୍ଥ ନିର୍ଦ୍ଧାରିତ କରିଛନ୍ତି, ସେହି ପରିମାଣର ଅର୍ଥକୁ ଦରମାରୁ କାଟି ସଂପୃକ୍ତ କର୍ମଚାରୀଙ୍କ ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ▶ପୃଷ୍ଠା-୭

## ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

■ ତୁରୁମୁଙ୍ଗା, ୩୦।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅନ୍ତର୍ଗତ ଦୁଧିଆତୁଆ ନିକଟରେ ଶନିବାର ବିଳମ୍ବିତ ରାତିରେ ହାତୀ ଘଉଡ଼ାଇବାକୁ ଯାଇ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ସଦର ଥାନା କେରୀ ଗ୍ରାମର ବଡ଼ପଶି ସାହିର ସ୍ୱର୍ଗତ ନୃସିଂହ ନାଏକଙ୍କ ପୁଅ ନବଘନ। ବିଳମ୍ବିତ ରାତିରେ ୨୦ ଟିକିଆ ହାତୀପଲଙ୍କୁ ଘଉଡ଼ାଇବା ସମୟରେ ସେ ତଳେ ପଡିଯିବାରୁ ଆକ୍ରମଣ କରିଥିଲା ହାତୀ। ଗୁରୁତର ଅବସ୍ଥାରେ ବନ ବିଭାଗ କର୍ମଚାରୀ ଯୁବକଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ବନ ବିଭାଗ ଅନୁକମ୍ପା ସହାୟତା ଯୋଗାଇବାକୁ ପ୍ରକ୍ରିୟା ଆରମ୍ଭ କରିଛି। ହାତୀପଲ ଚଳପ୍ରଚଳ ଅଞ୍ଚଳକୁ କେହି ନଯିବା ସହ ହାତୀପଲଙ୍କ ନିକଟତର ନହେବାକୁ ପାଟଣା ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧା ସୂଚନା ଦେଇଛନ୍ତି।

### ଅଶୋଧିତ ତୈଳ ମୂଲ୍ୟ କମିଲା, ପେଟ୍ରୋଲରେ ଇଥାନଲ୍ ମିଶିଲା

## ଖସୁନି ପେଟ୍ରୋଲ, ଡିଜେଲ ଦର

■ ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ମଧ୍ୟରେ ରୁଷ-ୟୁକ୍ରେନ ଯୁଦ୍ଧ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପୁଣି ଥରେ କହିଛନ୍ତି ଯେ ୟୁକ୍ରେନ ସହିତ ଆଲୋଚନାର କୌଣସି ଫଳାଫଳ ମିଳୁନାହିଁ ଏବଂ ରୁଷ ଯୁଦ୍ଧକୁ ଆହୁରି ତୀବ୍ର କରିବାକୁ ପ୍ରସ୍ତୁତ ହେଉଛି। ଏହା ସତ୍ତ୍ୱେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ହର୍ମୁଜ୍ ପ୍ରଣାଳୀରେ ଯୋଗାଣ ପୁନର୍ବାର ଆରମ୍ଭ ଆଶା ଏବଂ ଏହି ଜଳ ମାର୍ଗ ଦେଇ ଜାହାଜ ଚଳାଚଳ ନେଇ ଇରାନ-ଓମାନ ଚୁକ୍ତି ଏହାର ମୁଖ୍ୟ କାରଣ। ବର୍ତ୍ତମାନ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୩ ଡଲାର ଯାଏ ହ୍ରାସ ଘଟିଛି। ତଥାପି, ଭାରତରେ




### ରୁଷକୁ ୨ ମାସରେ ଯାଇଛି ୧୦ ଲକ୍ଷ ବ୍ୟାରେଲ୍ ତୈଳ

### କମ୍ପାନୀ ମାଲେମାଲ; ଖାଉଟି ହତାଶ

ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅର୍ଥାତ୍ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଏବଂ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ସତ୍ତ୍ୱେ ଘରୋଇ ବଜାରରେ ତେଲ ଦର ଖସୁନାହିଁ। ଅପରପକ୍ଷେ ଭାରତ ରୁଷକୁ ତୈଳ ରପ୍ତାନି କରିବାରେ ବ୍ୟସ୍ତ। ପୂର୍ବରୁ ରୁଷରୁ ଭାରତ ଶସ୍ତା ତେଲ ଆମଦାନୀ ମଧ୍ୟ କରିଥିଲା। ଉଭୟରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ହ୍ରାସ ଘଟି ନ ଥିବାବେଳେ ଖାଉଟିଙ୍କୁ ବି ଏହାର କୌଣସି ଲାଭ ମିଳିନାହିଁ। ଏଥିରେ କେବଳ ଶସ୍ତା ତେଲ ଆମଦାନୀ ଏବଂ ରପ୍ତାନି କରି କର୍ପୋରେଟ୍ ସଂସ୍ଥା ମାଲେମାଲ ହୋଇଛନ୍ତି। ସେହିପରି ଇଥାନଲ୍ ବ୍ଲେଣ୍ଡିଂ ଯୋଜନାରେ କେନ୍ଦ୍ର ସରକାର ପେଟ୍ରୋଲରେ ୨୦% ପେଟ୍ରୋଲ ମିଶ୍ରଣ କରିଥିଲେ। ହେଲେ ଏହା ପରେ ମଧ୍ୟ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ମୂଲ୍ୟ ବଦଳିନାହିଁ। ▶ପୃଷ୍ଠା-୭






# ନେପାଳ ବନ୍ୟା ପରେ ଉତ୍ତରାଖଣ୍ଡରେ ଗ୍ଲେସିୟର୍ ଉପରେ କଡ଼ା ନଜର

ଡେରାଡୁନ୍, ୩୦।୮ (ଏଜେନ୍ସି): ନେପାଳରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ଏବଂ ଏହାର କାରଣ ସ୍ୱରୂପ ଗ୍ଲେସିୟର୍ ଭୁଶୁଡ଼ିବା ଘଟଣା ପରେ ଭାରତର ପଡ଼ୋଶୀ ରାଜ୍ୟ ଉତ୍ତରାଖଣ୍ଡରେ ସତର୍କତା ଜାରି କରାଯାଇଛି। ଚୀନ୍ ଏବଂ ନେପାଳ ସୀମାକୁ ଲାଗି ରହିଥିବା ହିମାଳୟ ଅଞ୍ଚଳଗୁଡ଼ିକରେ ଗ୍ଲେସିୟର୍ ଏବଂ ଗ୍ଲେସିୟର ଜନିତ ହ୍ରଦଗୁଡ଼ିକ ଉପରେ ନଜର ରଖିବା ପାଇଁ ରାଜ୍ୟ ସରକାର କଡ଼ାକଡ଼ି ନିର୍ଦ୍ଦେଶ ଦେଇଛନ୍ତି। ନେପାଳ-ତିବ୍ବତ ସୀମାରେ ଘଟିଥିବା ଏହି ଭୟଙ୍କର ବିପର୍ଯ୍ୟୟ ଏକ ଗ୍ଲେସିୟର୍ ଭୁଶୁଡ଼ିବା କାରଣରୁ ଘଟିଥିବା ଆମେରିକୀୟ ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସ୍ ଜିଓଲୋଜିକାଲ୍ ସର୍ଭେ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଦୁର୍ଘଟଣାରେ ୬୨୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ବିପଦସଙ୍କୁଳ ଗ୍ଲେସିୟର୍ ହ୍ରଦଗୁଡ଼ିକ ନିକଟରେ ଅତ୍ୟାଧୁନିକ ସେନ୍ସର୍ ଏବଂ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା ନିୟୋଜିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରାଖଣ୍ଡରେ ମୋଟ ୧୩ଟି ଗ୍ଲେସିୟର୍ ହ୍ରଦକୁ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୪ଟି ହ୍ରଦର ସର୍ବେକ୍ଷଣ କାର୍ଯ୍ୟ ଶେଷ

**ସମ୍ବେଦନଶୀଳ ହ୍ରଦଗୁଡ଼ିକର ଯାଞ୍ଚ ଆରମ୍ଭ**

ହୋଇଥିବା ବେଳେ ବାକି ହ୍ରଦଗୁଡ଼ିକର ବୈଜ୍ଞାନିକ ଆକଳନ ପର୍ଯ୍ୟାୟକ୍ରମେ କରାଯିବ। ଚମୋଲି ଜିଲ୍ଲାର ସରସ୍ୱତୀ ତାଲ ଏବଂ ଉତ୍ତରକାଶୀ ଜିଲ୍ଲାର କେଦାରତାଳର ସ୍ଥିତି ଅନୁଧ୍ୟାନ ପାଇଁ ଏକ ବିଶେଷଜ୍ଞ ଦଳ ପଠାଯାଉଛି। ଜଳସ୍ତର, ଆକାରରେ ପରିବର୍ତ୍ତନ ଏବଂ ତଳ ଅଞ୍ଚଳ ଉପରେ ଏହାର ପ୍ରଭାବ ଆକଳନ କରିବା ସହ ନିରାପଦ ସ୍ଥାନାନ୍ତର ପାଇଁ ମଧ୍ୟ ପ୍ରସ୍ତୁତି କରାଯାଉଛି।



# ବଢୁଛି ଉତ୍ତରାଖଣ୍ଡ ଶୁଦ୍ଧୀକରଣ ବିବାଦ

## ବିଜେପି, ଆର୍‌ଏସ୍‌ଏସ୍ କର୍ମକର୍ତ୍ତାଙ୍କ ବିରୋଧରେ ଏଫଆଇଆର ଦାବି କଲେ ରାହୁଲ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଉତ୍ତରାଖଣ୍ଡର ହଲଦୱାନୀରେ ଗତ ଅଗଷ୍ଟ ୮ ତାରିଖରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ରାଲି ପରେ କେତେକ ଦକ୍ଷିଣପନ୍ଥୀ ସଂଗଠନ ଦ୍ୱାରା ଶୁଦ୍ଧୀକରଣକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ବିଜେପି ସରକାର ଏଭଳି ଶୁଦ୍ଧୀକରଣ ହୋଇଥିବା ସ୍ୱୀକାର କରୁଥିଲେ ମଧ୍ୟ ଆୟୋଜକମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହାକୁ ନେଇ କେନ୍ଦ୍ର ଓ ଉତ୍ତରାଖଣ୍ଡ ସରକାର ସମେତ ବିଜେପି ଉପରେ ବର୍ଷିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଏସ୍‌ସି/ଏସ୍‌ଟି ଆଇନ ଅନୁଯାୟୀ ଆୟୋଜକଙ୍କ ବିରୋଧରେ ଏଫଆଇଆର ରୁଜୁ କରିବା ଲାଗି ଦାବି କରିବା ସହିତ ସେ କହିଛନ୍ତି ଯେ ଏଭଳି ଶୁଦ୍ଧୀକରଣ କାର୍ଯ୍ୟକ୍ରମ ବିଜେପି ଓ ଆରଏସଏସର ଦଳିତ-ବିରୋଧୀ ମାନସିକତାକୁ ପ୍ରଦର୍ଶନ କରୁଛି।

ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ଘଟଣାର ୨୦ ଦିନ ପରେ ମଧ୍ୟ ଆୟୋଜକମାନଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ବିଜେପି ସରକାରର ଦଳିତ ବିରୋଧୀ ମାନସିକତାକୁ ଦର୍ଶାଉଛି। ସେ କହିଲେ ଯେ ବିଜେପି-ଆରଏସଏସ ଏବେ ବି ଅସ୍ପୃଶ୍ୟତା ପରମ୍ପରା ଅନୁସରଣ କରୁଛନ୍ତି। ଦଳିତମାନଙ୍କର ଉନ୍ନତି ହେଉ ଏବଂ ସେମାନେ ସମ୍ମାନର ସହ ଜୀବନ ଯାପନ କରନ୍ତୁ , ଏହା ବିଜେପି-ଆରଏସଏସ ଭଳି ସଂଗଠନ ଚାହାନ୍ତି ନାହିଁ। ଶୁଦ୍ଧୀକରଣ ସପକ୍ଷରେ ଉତ୍ତରାଖଣ୍ଡ ବିଜେପି ସଭାପତି ମହେନ୍ଦ୍ର ଭଟ୍ଟ ଯୁକ୍ତି କରୁଛନ୍ତି ଏବଂ ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ କାହିଁକି ନିରବ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳି ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ କେନ୍ଦ୍ର ଏବଂ ଉତ୍ତରାଖଣ୍ଡରେ ବିଜେପି ସରକାର ବିରୋଧରେ କଂଗ୍ରେସ



ସଂଗ୍ରାମ ଜାରି ରଖିବ ବୋଲି ରାହୁଲ କହିଛନ୍ତି। ସେହିଭଳି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଶୁଦ୍ଧିକରଣ ଆୟୋଜକମାନଙ୍କ ବିରୋଧରେ ଏସସି/ଏସଟି ଆଇନ ଅନୁଯାୟୀ ଏଫଆଇଆର ଦାଖଲ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀ ସୁନିଶ୍ଚିତ କରନ୍ତୁ। ସେ କହିଲେ ଯେ ଘଟଣାର ୨୦ ଦିନ ପରେ ମଧ୍ୟ ପ୍ରଶାସନ ନିରବ ରହିବା ଦୁର୍ଭାଗ୍ୟଜନକ। ସମ୍ବିଧାନ ପ୍ରତି ଯଦି ପ୍ରଧାନମନ୍ତ୍ରୀଙ୍କର ସମ୍ମାନ ରହିଛି, ତାହାହେଲେ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଅନ୍ୟତମ କଂଗ୍ରେସ ନେତା ଜୟରାମ ରମେଶ ଏବଂ ଶାଁ ଥରୁର ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ରମେଶ ଅଭିଯୋଗ କରିଛନ୍ତି ପ୍ରାୟ ସବୁ ବିଜେପି ଶାସିତ ରାଜ୍ୟରେ ଦଳିତଙ୍କ ପ୍ରତି ଏପରି ବ୍ୟବହାର କରାଯାଉଛି।

ସୂଚନାଯୋଗ୍ୟ ଯେ ନିଜେ ଖଡ଼ଗେ ଏହି ପ୍ରସଙ୍ଗ ରାଜ୍ୟସଭାରେ ଉଠାଇଥିଲେ। ଏପରି ଆପତ୍ତିଜନକ ଶୁଦ୍ଧୀକରଣ କାର୍ଯ୍ୟକ୍ରମ ହୋଇଥିବା

**"ସରକାର ମାନୁଛନ୍ତି, କିନ୍ତୁ କାର୍ଯ୍ୟାନୁଷ୍ଠାନ କାହିଁକି ହେଉନାହିଁ? ବିଜେପି-ଆର୍‌ଏସ୍‌ଏସ୍‌ର ଯାଉନି ଦଳିତ-ବିରୋଧୀ ମାନସିକତା"**

କେନ୍ଦ୍ର ମନ୍ତ୍ରୀ ନଡ୍ଡା ସ୍ୱୀକାର କରିଥିଲେ। ତେବେ ସେ କହିଥିଲେ ଯେ ଏହା ପଛରେ ବିଜେପିର କୌଣସି ହାତ ନାହିଁ। ଯେଉଁମାନେ ଏଭଳି କାଣ୍ଡ ଘଟାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପୁଣି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ମଧ୍ୟ ଏଭଳି ଶୁଦ୍ଧୀକରଣ କଥା ସ୍ୱୀକାର କରିଛନ୍ତି। କିନ୍ତୁ ଏହା ଖଡ଼ଗେଙ୍କ ପାଇଁ ନୁହେଁ ବୋଲି ସେ ଅଜବ ଯୁକ୍ତି କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ରାଲିରେ ଆପତ୍ତିଜନକ ସ୍ଲୋଗାନ ଦିଆଯାଇଥିଲା। ସେଥିପାଇଁ କିଛି ଲୋକ ଶୁଦ୍ଧୀକରଣ କରିଥିଲେ। କିନ୍ତୁ ଏହାର ନିନ୍ଦା କରି ନଥିଲେ।

## ତୁକାରାମ ମୁଣ୍ଡେଙ୍କୁ ବମ୍ବେ ହାଇକୋର୍ଟଙ୍କ କଡ଼ା ତାଗିଦ୍

ମୁମ୍ବଇ, ୩୦।୮ (ଏଜେନ୍ସି): ମହାରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫ୍‌ଡିଏ)ର କାର୍ଯ୍ୟଶୈଳୀକୁ ନେଇ ବମ୍ବେ ହାଇକୋର୍ଟ କଡ଼ା ଅସନ୍ତୋଷ ପ୍ରକାଶ କରିଛନ୍ତି। ମୁମ୍ବଇ କ୍ରିକେଟ୍ ଆସୋସିଏସନ୍ (ଏମସିଏ) ପରିସରର ଭୋଜନାଳୟ ଏବଂ ସିପ୍ଲା ଫାର୍ମା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମୟରେ ବିନା ଆଇନଗତ ବିଶ୍ଳେଷଣରେ 'ଅତ୍ୟଧିକ ତରବରିଆ' ନିଷ୍ପତ୍ତି ନେଇଥିବାରୁ କୋର୍ଟ ଏଫ୍‌ଡିଏକୁ ଟାଣୁଆ ସମାଲୋଚନା କରିଛନ୍ତି। କାର୍ଯ୍ୟାଳୟର ମୁଖ୍ୟ ବିଚାରପତି ରବୀନ୍ଦ୍ର ଘୁଗେ ଏବଂ ଜଷ୍ଟିସ ଗୌତମ ଅଙ୍କାଡ଼ଙ୍କ ବେଞ୍ଚ ଏଫ୍‌ଡିଏର କାର୍ଯ୍ୟଧାରାକୁ ନାପସନ୍ଦ କରିଛନ୍ତି। କୋର୍ଟ କହିଛନ୍ତି, "ଆପଣମାନେ କ'ଣ ନିଜକୁ କୌଣସି ପ୍ରଭୁ ବା ଭଗବାନ ଭାବୁଛନ୍ତି କି ଏବଂ ଯାହା ଇଚ୍ଛା ତା କରିପାରିବେ କି'। ୫ଟି ରେଷ୍ଟୁରାଣ୍ଟର ପଞ୍ଜୀକରଣ ନବୀକରଣ ଏବଂ ସିପ୍ଲା କମ୍ପାନୀର ଔଷଧ ବିକ୍ରୟ ଲାଇସେନ୍ସ ରଦ୍ଦ ପ୍ରସଙ୍ଗରେ କୋର୍ଟ ଏହି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପରେ ଏଫ୍‌ଡିଏ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ ସେମାନେ ରେଷ୍ଟୁରାଣ୍ଟଗୁଡ଼ିକର କାର୍ଯ୍ୟକଳାପ ସ୍ଥଗିତ ଆଦେଶ ପ୍ରତ୍ୟାହାର କରିନେବେ।

## ପରୀକ୍ଷା ଦୁର୍ନୀତି: କର୍ଣ୍ଣାଟକ ଆଇଏଏସ୍ ଅଧିକାରୀ ଗିରଫ

ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): କର୍ଣ୍ଣାଟକ ଲୋକସେବା ଆୟୋଗ (କେପିଏସ୍‌ସି) ପରୀକ୍ଷା ଦୁର୍ନୀତି ମାମଲାରେ ଆଇଏଏସ୍ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଗାଙ୍ଗୱାରଙ୍କୁ ହେପାଜତକୁ ନିଆଯାଇଛି। ପଶୁ ଚିକିତ୍ସା ଅଧିକାରୀ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ୨୦୧୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଗାଙ୍ଗୱାରଙ୍କୁ ସିଆଇଡି ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରିଛି। ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁର୍ନୀତି ସମୟରେ ଗାଙ୍ଗୱାର କେପିଏସ୍‌ସିର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଥିଲେ। କ୍ରମାଗତ ଦୁଇ ଦିନ ଧରି ଜେରା କରାଯିବା ସତ୍ତ୍ୱେ ସେ ତଦନ୍ତରେ ସହଯୋଗ କରି ନଥିଲେ, ଯାହାଫଳରେ ପୁଲିସ ତାଙ୍କୁ ହେପାଜତକୁ ନେଇଥିଲା। ଏହି ମାମଲାରେ ପୂର୍ବରୁ ଗତ ଅଗଷ୍ଟ ୨୩ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ବେଙ୍ଗାଲୁରୁ ଏବଂ ବରେଲିସ୍ଥିତ ତାଙ୍କ ବାସଭବନରେ ଚଢ଼ଉ କରିଥିଲା। ବିଧାନସୌଧ ପୁଲିସ ଷ୍ଟେସନରେ ରୁଜୁ ହୋଇଥିବା ଏହି ମାମଲାକୁ ଗତ ଜୁଲାଇ ୨୮ ତାରିଖରେ ସିଆଇଡିକୁ ହସ୍ତାନ୍ତର କରାଯାଇଥିଲା।

## ପଞ୍ଜାବରେ ଆପ୍ ନେତା ଗୁରପ୍ରୀତଙ୍କୁ ଗୁଳି କରି ହତ୍ୟା

ଫିରୋଜପୁର,୩୦।୮ (ଏଜେନ୍ସି): ପଞ୍ଜାବର ଫିରୋଜପୁର ଅନ୍ତର୍ଗତ ମାମଡୋଟ୍ ଅଞ୍ଚଳରେ ଜଣେ ଆମ୍ ଆଦମୀ ପାର୍ଟି (ଆପ୍) ନେତାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତ ନେତାଜଣଙ୍କ ହେଲେ ଗୁରପ୍ରୀତ ସିଂହ ଗୋପୀ। ପୁରୁଣା ଶତ୍ରୁତା ଏବଂ ନିର୍ବାଚନୀ ବିବାଦକୁ କେନ୍ଦ୍ର କରି ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିବା ପୁଲିସ ସୂଚନା ଦେଇଛି। ଘଟଣା ଅନୁଯାୟୀ, ଗୁରପ୍ରୀତ ସିଂହ ଗୋପୀ ଏବଂ ହରପ୍ରୀତ ନାମକ ଅନ୍ୟ ଜଣେ ବ୍ୟକ୍ତି ମୋଟରସାଇକେଲରେ ଯାଉଥିବା ସମୟରେ ଏକ କାର୍‌ରେ ଆସିଥିବା କିଛି ଦୁର୍ବୃତ୍ତ ସେମାନଙ୍କ ଗାଡ଼ିକୁ ଗୋଡ଼ାଇଥିଲେ ଏବଂ ଅତର୍କିତ ଗୁଳିଚାଳନା କରିଥିଲେ। ଏହି ଗୁଳିମାଡ଼ରେ ଗୋପୀଙ୍କର ମୃତ୍ୟୁ ଘଟିଛି। ଆକ୍ରମଣକାରୀମାନେ ତାଙ୍କ ସାଙ୍ଗରେ ଅନ୍ୟ ଏକ କାର୍‌ରେ ଆସୁଥିବା ସାଙ୍ଗମାନଙ୍କ ଗାଡ଼ି ଉପରେ ମଧ୍ୟ ଗୁଳି ଚଳାଇଥିଲେ। ଏସଏସପି ଭୁପିନ୍ଦର ସିଂହ ସିଦ୍ଧୁଙ୍କ କହିବାନୁଯାୟୀ, ଉଭୟ ପକ୍ଷଙ୍କ ମଧ୍ୟରେ ଏକ ପୁରୁଣା ବିବାଦ ଥିଲା। ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଛି ଏବଂ ମୁଖ୍ୟ ଅଭିଯୁକ୍ତଙ୍କର ଅପରାଧିକ ପୃଷ୍ଠଭୂମି ରହିଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ଏବଂ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଦୁର୍ଘଟଣା: ରକ୍ଷାବନ୍ଧନ ପାଇଁ ଆସିଥିବା ତିନି ଭାଇଭଉଣୀଙ୍କ ମୃତ୍ୟୁ

ଫରିଦାବାଦ,୩୦।୮ (ଏଜେନ୍ସି): ରାଖି ପୂର୍ଣ୍ଣିମାରେ ହରିୟାଣାର ଫରିଦାବାଦରେ ଏକ ଦ୍ରୁତଗାମୀ ଗାଡ଼ି ମାଡ଼ିଯିବାରୁ ତିନି ଜଣ ସମ୍ପର୍କୀୟ ଭାଇଭଉଣୀଙ୍କ ମୃତ୍ୟୁ ହୋଇଛି। ଚାରି ଜଣ ଭାଇଭଉଣୀ ଏକାଠି ହୋଇ ରାଖି ପୂର୍ଣ୍ଣିମା ପାଳିବା ପରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଛି। ଏଥିରେ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ଅନୁଯାୟୀ, ମୃତ ଅଖିଳେଶଙ୍କ ଘରେ ଚାରି ଭାଇଭଉଣୀ ଏକାଠି ହୋଇ ରାଖି ପୂର୍ଣ୍ଣିମା ପାଳିଥିଲେ। ପରଦିନ ସକାଳେ ଭଉଣୀମାନେ ନିଜ ଘରକୁ ଫେରିବା ପାଇଁ ବାହାରିବାରୁ ଅଖିଳେଶ ସେମାନଙ୍କୁ ବସଷ୍ଟାଣ୍ଡରେ ଛାଡ଼ିବାକୁ ଯାଇଥିଲେ। ବସଷ୍ଟାଣ୍ଡରେ ଅପେକ୍ଷା କରିଥିବା ସମୟରେ ଏକ ଅଜଣା ଦ୍ରୁତଗାମୀ ଫର୍ଚୁନର ଗାଡ଼ି ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ଅଖିଳେଶ ଏବଂ ଅବଧେଶଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ସେହିପରି ଦୁଇ ଭଉଣୀ ସରୋଜ ଏବଂ ରାଜକୁମାରୀ ଗୁରୁତର ଭାବେ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସରୋଜଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବେଳେ ରାଜକୁମାରୀ ବର୍ତ୍ତମାନ ହସ୍ପିଟାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଦୁର୍ଘଟଣା ପରେ ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସ ମାମଲା ରୁଜୁ କରି ଅଜଣା ଡ୍ରାଇଭର ଏବଂ ଗାଡ଼ିର ତଦନ୍ତ ଜାରି ରଖିଛି।

## ୨୭୦ ଯାତ୍ରୀଙ୍କୁ ନେଇ ଯାଉଥିବା ଫେରି ବୋଟ୍ ବୁଡ଼ିଗଲା

ଉତ୍ତର ସାଇପ୍ରସ୍,୩୦।୮ (ଏଜେନ୍ସି): ଉତ୍ତର ସାଇପ୍ରସ୍‌ର କିରେନିଆ (ଗିରନେ) ଉପକୂଳରେ ରବିବାର ଅପରାହ୍ଣରେ ପ୍ରାୟ ୨୭୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ଫେରି ବୋଟ୍ ଓଲଟି ପଡ଼ିଛି। ରିପୋର୍ଟ ଅନୁଯାୟୀ, ଡଙ୍ଗାଟି କିରେନିଆ ବନ୍ଦରରୁ ବାହାରି ତୁର୍କୀର ମର୍ସିନ ପ୍ରଦେଶର ତାସୁକୁ ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ତୁଳସୀ ଉପକୂଳଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଏହା ଓଲଟି ପଡ଼ିଥିବା ବେଳେ ବୋଟ୍‌ଟିରେ ପାଣି ପଶିଯାଇଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ତୁରନ୍ତ ଉଦ୍ଧାର ଓ ସ୍ୱାସ୍ଥ୍ୟ ସେବା ପ୍ରସ୍ତୁତି କରାଯାଇଛି। ଉତ୍ତର ସାଇପ୍ରସ୍ ପରିବହନ ମନ୍ତ୍ରୀ ଏାନ ଆରିକ୍‌ଲିଙ୍କ ସୂଚନା ମୁତାବକ, ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦୦ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ କିରେନିଆ ଅଣାଯାଇଛି ଏବଂ ଅନ୍ୟମାନଙ୍କୁ ଖୋଜିବା ପାଇଁ ଜୋରଦାର ଉଦ୍ଧାର ଅଭିଯାନ ଜାରି ରହିଛି।

# ନିଟ୍-ପିଜି ପରୀକ୍ଷାରେ ବି ବିଭ୍ରାଟ



- ଜୟପୁର କେନ୍ଦ୍ରରେ ପ୍ରତି ୧୦ ମିନିଟରେ ବିଦ୍ୟୁତ୍ ବିଭ୍ରାଟ
- ୨୪୪୫ ପରୀକ୍ଷାର୍ଥୀଙ୍କ ପାଇଁ ସେପ୍ଟେମ୍ବର ୫ରେ ପୁନଃପରୀକ୍ଷା

ନୂଆଦିଲ୍ଲୀ/ଜୟପୁର,୩୦।୮ (ଏଜେନ୍ସି): ଜାତୀୟ ଆୟୁଷ ଓ ମେଡିକାଲ ପରୀକ୍ଷା ବୋର୍ଡ ପକ୍ଷରୁ ନିଟ୍ ପିଜି ପରୀକ୍ଷା ପୁନଃ ଅନୁଷ୍ଠିତ ହେବ ବୋଲି ଘୋଷଣା କରାହୋଇଛି। ପରୀକ୍ଷା କେନ୍ଦ୍ରରେ ବିଦ୍ୟୁତ୍ ସରବାରାହ ବାଧାପ୍ରାପ୍ତ ହେବା ଏବଂ ବୈଷୟିକ ତ୍ରୁଟି ଯୋଗୁଁ ଅନେକ ପରୀକ୍ଷାର୍ଥୀ ପରୀକ୍ଷା ଦେଇପାରି ନଥିଲେ। ବୋର୍ଡର ସୂଚନା ଅନୁଯାୟୀ, ଦେଶବ୍ୟାପୀ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ସମଗ୍ର ଦେଶରେ ଅନେକ ସହରର ହଜାର ହଜାର କେନ୍ଦ୍ରରେ ପରୀକ୍ଷା ସଫଳତାର ସହ ଶେଷ ହୋଇଥିଲା। ତେବେ ରାଜସ୍ଥାନର ଜୟପୁର ସ୍ଥିତ ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଆଭ୍ୟନ୍ତରୀଣ ବିଦ୍ୟୁତ୍ ସରବାରାହରେ ଅସୁବିଧା ଏବଂ ବୈଷୟିକ ତ୍ରୁଟି କାରଣରୁ ମୋଟ ୨,୪୪୫ ଜଣ ପରୀକ୍ଷାର୍ଥୀ ସେମାନଙ୍କର ପରୀକ୍ଷା ସମ୍ପୂର୍ଣ୍ଣ କରିପାରି ନଥିଲେ। ଏହି କେନ୍ଦ୍ରରେ ପ୍ରତି ୧୦ ମିନିଟରେ ବିଦ୍ୟୁତ ବିଭ୍ରାଟ ଦେଖାଯାଇଥିଲା। ଏହାସହିତ ଯାନ୍ତ୍ରିକ ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇଥିଲା। ପରୀକ୍ଷା ପରିଚାଳନା କରୁଥିବା ଏଜେନ୍ସିର ଏହି ଆଭ୍ୟନ୍ତରୀଣ ତ୍ରୁଟି ଯୋଗୁଁ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରଭାବିତ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କୁ ପରୀକ୍ଷା ଦେବାର ସମାନ ସୁଯୋଗ ଦେବା ପାଇଁ ବୋର୍ଡ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୫ରେ ଜୟପୁରରେ ପୁନଃ ପରୀକ୍ଷା କରାଯିବ ବୋଲି ସ୍ଥିର କରାଯାଇଛି। ସମ୍ପୃକ୍ତ ପରୀକ୍ଷାର୍ଥୀମାନଙ୍କୁ ସ୍ୱତନ୍ତ୍ର ଭାବେ ପରୀକ୍ଷା କେନ୍ଦ୍ର ଏବଂ ଅନ୍ୟାନ୍ୟ ଜରୁରୀ ନିର୍ଦ୍ଦେଶାବଳୀ ସମ୍ପର୍କରେ ଜଣାଇ ଦିଆଯିବ।

## ନେପାଳରେ ବନ୍ୟା ପ୍ରଳୟ

# ଶିକ୍ଷକଙ୍କ ଯୋଗୁଁ ବର୍ତ୍ତିଗଲେ ୧୬୪୩ ଶିଶୁ



କାଠମାଣ୍ଡୁ,୩୦।୮ (ଏଜେନ୍ସି): ନେପାଳର ତ୍ରିଶୂଳୀ ଉପତ୍ୟକାରେ ଘଟିଥିବା ଏକ ଭୟଙ୍କର ବନ୍ୟା ସମୟରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାୱାଦୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ବିଦ୍ୟାଳୟର ୧୬୪୩ ଜଣ ପିଲାଙ୍କ ଜୀବନ ରକ୍ଷା ପାଇଯାଇଛି। ଗ୍ଲେସିୟର୍ ଭୁଶୁଡ଼ିବା କାରଣରୁ ସୃଷ୍ଟି ହୋଇଥିବା ଏହି ଜଳପ୍ରଳୟରେ ଶହ ଶହ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକ ନିଖୋଜ ଅଛନ୍ତି। ଘଟଣା ଅନୁଯାୟୀ, ଗତ ବୁଧବାର ସକାଳେ ଏକ ବନ୍ଧୁଙ୍କଠାରୁ ଫୋନ୍ ପାଇବା ପରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାୱାଦୀ ଜାଣିବାକୁ ପାଇଥିଲେ ଯେ ବନ୍ୟାଜଳ ଦ୍ରୁତ ଗତିରେ ବିଦ୍ୟାଳୟ ଆଡ଼କୁ ମାଡ଼ିଆସୁଛି। ସେ ମାତ୍ର କିଛି ମିନିଟ୍ ମଧ୍ୟରେ ବିଦ୍ୟାଳୟର ଘଣ୍ଟ ବଜାଇ ସମସ୍ତ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଉପରକୁ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପିଲାମାନେ ଦୌଡ଼ି ପଳାଇ ଏକ ବୋଧି ଗଛତଳେ ଆଶ୍ରୟ ନେଇଥିଲେ, ଯାହାଫଳରେ ସେମାନଙ୍କ ଜୀବନ ବଞ୍ଚିଯାଇଥିଲା। ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ସ୍କୁଲର ଜଣେ ସାମାଜିକ ବିଜ୍ଞାନ ଶିକ୍ଷକ ଏବଂ ଜଣେ ପରିଚାଳକ ପ୍ରାଣ ହରାଇଥିବା ବେଳେ ସମଗ୍ର ଅଞ୍ଚଳରେ ବ୍ୟାପକକ୍ଷତି ହୋଇଛି। ପ୍ରଧାନଶିକ୍ଷକଙ୍କ ଏହି ସାହସିକତା ଓ ବୁଦ୍ଧିମତ୍ତାକୁ ସର୍ବତ୍ର ପ୍ରଶଂସା କରାଯାଉଛି।

## ତାମିଲନାଡୁ ଏକ୍ସପ୍ରେସ୍‌ରେ ଓଡ଼ିଶା ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ଦମ୍ପତି ଗିରଫ

ଚେନ୍ନାଇ,୩୦।୮ (ଏଜେନ୍ସି): ଚେନ୍ନାଇରୁ ତାମିଲନାଡୁ ଏକ୍ସପ୍ରେସରେ ଏକ ସୁଟକେସ୍ ଭିତରୁ ଜଣେ ଓଡ଼ିଶା ମହିଳାଙ୍କ ଅଙ୍ଗବିଚ୍ଛିନ୍ନ ମୃତଦେହ ମିଳିବା ଘଟଣାରେ ପୁଲିସ ବଡ଼ ସଫଳତା ପାଇଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ମଣିପୁରରୁ ଗିରଫ କରାଯାଇଛି। ଗତ ୫ ତାରିଖରେ ତାମିଲନାଡୁ ଏକ୍ସପ୍ରେସ ଆଗ୍ରା ଷ୍ଟେସନରେ ପହଞ୍ଚିବା ପରେ ଏକ ବଗିରୁ ଏକାନ୍ତରେ ପଡ଼ିଥିବା ଏକ ଲାଲ ରଙ୍ଗର ସୁଟକେସରୁ ଦୁର୍ଗନ୍ଧ ବାହାରିବାରୁ ଏହି ଭୟଙ୍କର ଅପରାଧ ସାମ୍ନାକୁ ଆସିଥିଲା। ପୁଲିସ ତଦନ୍ତରୁ ମୃତକ ଜଣକ ଓଡ଼ିଶାର ହାୟାଥୁନ୍ ନିଶା ବୋଲି ଜଣାପଡ଼ିଥିଲା। ସିସିଟିଭି ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ ଚେନ୍ନାଇର ଗୁଡୁଭାଞ୍ଚେରୀସ୍ଥିତ ଏକ ଭଡ଼ାଘରେ ଚଢ଼ଉ କରିଥିଲା, ଯେଉଁଠାରୁ ଏକ ବଡ଼ ରନ୍ଧାପାତ୍ର ଭିତରୁ ଆଉ କିଛି ଅଙ୍ଗବିଚ୍ଛିନ୍ନ ଅଂଶ ଜବତ କରାଯାଇଥିଲା। ଆସାମର ମାଣିକ୍ ଉଦ୍ଦିନ୍ ଲସ୍କର ଏବଂ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଭାଗବତୀ ମାଝୀ ନାମକ ଦମ୍ପତି ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଜଣାପଡ଼ିଥିଲା। ଘଟଣା ପରେ ସେମାନେ ଫେରାର ହୋଇଯାଇଥିବା ବେଳେ ତାମିଲନାଡୁ ଏବଂ ମଣିପୁର ପୁଲିସର ମିଳିତ ଟିମ୍ ଅଗଷ୍ଟ ୨୯ ତାରିଖରେ ମଣିପୁରର ଜିରିବାମ୍ ଜିଲ୍ଲାରୁ ସେମାନଙ୍କୁ କାବୁ କରିଛି।

## ୧୮,୭୦୦ ଫୁଟ୍ ଉଚ୍ଚତାରେ ଭାରତୀୟ ସେନାର ଉଦ୍ଧାର କାର୍ଯ୍ୟ

ଲଦାଖ,୩୦।୮ (ଏଜେନ୍ସି): ଲଦାଖର କାର୍ଗିଲ ଅଞ୍ଚଳରେ ଅବସ୍ଥିତ ନ୍ୟୁନ୍-କୁନ୍ ପର୍ବତରେ ଭାରତୀୟ ସେନାର ବୀର ପାଇଲଟମାନେ ଏକ ଅତ୍ୟନ୍ତ ଜଟିଳ ଏବଂ ସାହସିକ ଉଦ୍ଧାର ଅଭିଯାନ ସଫଳତାର ସହ ସମ୍ପାଦନ କରିଛନ୍ତି। ପ୍ରାୟ ୧୮,୭୦୦ ଫୁଟ୍ ଅଧିକ ଉଚ୍ଚତାରେ, ପ୍ରବଳ ପବନ ଏବଂ କଠିନ ପାହାଡ଼ିଆ ଅଞ୍ଚଳ ମଧ୍ୟରେ ଜଣେ ରୋଗୀଙ୍କୁ ସୁରକ୍ଷିତ ଭାବେ ଏୟାରଲିଫ୍ଟ କରାଯାଇଛି। ଘଟଣା ଅନୁଯାୟୀ, ସେହି ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ହେଲିକାପ୍ଟର ଅବତରଣ କରିବା ପାଇଁ କୌଣସି ସମତଳ ସ୍ଥାନ ନଥିଲା। ଏପରି ସ୍ଥିତିରେ ପାଇଲଟମାନେ ଅତ୍ୟନ୍ତ ଦକ୍ଷତା ପ୍ରଦର୍ଶନ କରି ହେଲିକାପ୍ଟରର ଗୋଟିଏ ମାତ୍ର ସ୍କିଡ୍ ବା ଧାରକୁ ପାହାଡ଼ର ଢାଲୁ ଅଞ୍ଚଳରେ ଟେକି ରଖିଥିଲେ ଏବଂ ଅତ୍ୟନ୍ତ ସନ୍ତୁଳନ ରକ୍ଷା କରି ରୋଗୀଙ୍କୁ ଉଦ୍ଧାର କରିଥିଲେ। ଅତ୍ୟଧିକ ଉଚ୍ଚତା ଏବଂ କମ ବାୟୁ ଚାପ ଯୋଗୁଁ ହେଲିକାପ୍ଟରର ଓଜନ ହ୍ରାସ କରିବା ପାଇଁ ସମସ୍ତ ଅଦରକାରୀ ସରଞ୍ଜାମ ହଟାଇ ଦିଆଯାଇଥିଲା ଏବଂ କେବଳ ଆବଶ୍ୟକୀୟ ଇନ୍ଧନ ରଖାଯାଇଥିଲା। ସେନାର ଏହି ସାହସିକତା ଏବଂ ତ୍ୱରିତ ପଦକ୍ଷେପ ଯୋଗୁଁ ରୋଗୀଙ୍କୁ ସଠିକ୍ ସମୟରେ ଉଦ୍ଧାର କରାଯାଇପାରିଛି। ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଏଭଳି ଏକତରଫା ବା 'ୱାନ୍-ସ୍କିଡ୍' ଅବତରଣ କୌଶଳ ଆପଣାଇ ଭାରତୀୟ ସେନା ପୁଣିଥରେ ପ୍ରମାଣ କରିଛି ଯେ ସେମାନେ ଦେଶବାସୀଙ୍କ ଜୀବନ ରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ ରହିଛନ୍ତି।

**ପ୍ରବଳ ପବନ ଓ ଦୁର୍ଗମ ପାହାଡ଼ରୁ ରୋଗୀଙ୍କୁ ଏୟାରଲିଫ୍ଟ**


# ଆମେରିକାରେ 'ବିବିଧତା ଭିତରେ ଏକତା' ପାଠ ପଢ଼ାଇଲେ ଭାଗବତ



ନ୍ୟୁୟର୍କ,୩୦।୮ (ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଆମେରିକା ଗସ୍ତ କରିଛନ୍ତି। ଭାଗବତ ଆମେରିକାରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବାରୁ କାର୍ଯ୍ୟକ୍ରମ ରହିଛି। ତେବେ ଏହି ସମୟରେ ତାଙ୍କର ଏକ ବୟାନକୁ ନେଇ ଭାରତରେ ରାଜନୈତିକ ବାଦବିବାଦ ଆରମ୍ଭ ହୋଇଯାଇଛି। ନ୍ୟୁୟର୍କରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାଗବତ କହିଥିଲେ ଯେ ବିବିଧତା ମଧ୍ୟରେ ଏକତା ଭାରତର ଡିଏନଏରେ ରହିଛି ଏବଂ ଏହାକୁ ସୁରକ୍ଷିତ ରଖିବା ଆବଶ୍ୟକ। ଏହି ଅବସରରେ ସେ କହିଥିଲେ ଯେ ଯଦି କୌଣସି ହିନ୍ଦୁ ଭାବନ୍ତି ଯେ ଭାରତରେ କୌଣସି ମୁସଲମାନ ରହିବା ଉଚିତ ନୁହେଁ, ତେବେ ସେ ପ୍ରକୃତ ହିନ୍ଦୁ ନୁହଁନ୍ତି। ଏହାସହ ମୁସଲମାନମାନଙ୍କୁ ଦେଶରୁ ବାହାର କରିବା ଚିନ୍ତା କରିବା ବାସ୍ତବ ହିନ୍ଦୁତ୍ୱ ନୁହେଁ ବୋଲି ସେ ଦର୍ଶାଇଥିଲେ। ସେ ୧୯୯୬ ମସିହାରେ ହରିୟାଣାରେ ଘଟିଥିବା ବିମାନ ଦୁର୍ଘଟଣା ସମୟରେ ଆରଏସଏସ ସ୍ୱୟଂସେବକଙ୍କ ଦ୍ୱାରା ଜାତି-ଧର୍ମ ନିର୍ବିଶେଷରେ କରାଯାଇଥିବା ସେବା କାର୍ଯ୍ୟର ଉଦାହରଣ ଦେଇଥିଲେ। ଉକ୍ତ ବିମାନର ଅଧିକାଂଶ ଯାତ୍ରୀ ମୁସଲମାନ ହୋଇଥିବା ସତ୍ତ୍ୱେ ଆର୍‌ଏସ୍‌ଏସ୍ ସେମାନଙ୍କ ସହ ଭେଦଭାବ ନକରି ସେବା ଯୋଗାଇଥିଲା ବୋଲି ସେ ମନେ ପକାଇ ଦେଇଥିଲେ। ତେବେ ଆମେରିକାରେ ଭାଗବତଙ୍କ ଏହି ବୟାନ ଉପରେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟସଭା ସାଂସଦ କପିଲ ସିବଲ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରବିବାର ସେ ସମାଜିକ ଗଣମାଧ୍ୟମ ଏକ୍ସ'ରେ ଆରଏସଏସ ମୁଖ୍ୟଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସିବଲ କହିଛନ୍ତି ଯେ କେବଳ ଆଦର୍ଶର କଥା କହିଲେ କିଛି ହେବ ନାହିଁ, କାର୍ଯ୍ୟରେ ତାହା ପ୍ରତିଫଳିତ ହେବା ଉଚିତ। ଭାଗବତଙ୍କ ଏହି ମନ୍ତବ୍ୟକୁ ସେ "ବିଦେଶରେ ଜ୍ଞାନବାଣୀ ଏବଂ ନିଜ ଦେଶରେ ନୀରବତା' ବୋଲି ଆଖ୍ୟା ଦେଇଛନ୍ତି। ସେ ଆକ୍ଷେପ କରି କହିଛନ୍ତି ଯେ ବିଦେଶରେ ସଦ୍‌ଭାବନାର ବଡ଼ ବଡ଼ କଥା କହୁଥିବା ସଂଗଠନ ନିଜ ଦେଶରେ ଘଟୁଥିବା ଘଟଣାଗୁଡ଼ିକ ଉପରେ ଚୁପ ରହୁଛି। ପୂର୍ବରୁ ମଧ୍ୟ ଭାଗବତଙ୍କ ଆମେରିକା ଗସ୍ତ ନେଇ ଅନେକ ବିବାଦ ଉଠିଥିଲା। ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ଏବଂ ମୁସଲିମ ମେୟର ଜୋହରାନ ମମଦାନୀ ତାଙ୍କର ଆମେରିକା ଗସ୍ତକୁ ବେଶ୍ ବିରୋଧ କରିଆସିଛନ୍ତି। ସେ ଭାଗବତଙ୍କୁ ଭାରତର ଶାସକ ଦଳ ବିଜେପିର ଆଦର୍ଶଗତ ଉତ୍ସ, ଆରଏସଏସକୁ ଏକ ସାମ୍ପ୍ରଦାୟିକ ସଂଗଠନ ବୋଲି କହିଛନ୍ତି।

- **ଯେଉଁମାନେ ମୁସଲମାନଙ୍କୁ ବିରୋଧ କରନ୍ତି ସେମାନେ ହିନ୍ଦୁ ନୁହନ୍ତି**
- **ବିଦେଶରେ ଜ୍ଞାନବାଣୀ, ଦେଶରେ ନୀରବତା କାହିଁକି: କପିଲ ସିବଲ**

## କର୍ଣ୍ଣାଟକର ସ୍କିଲ୍ ଡେଭଲପମେଣ୍ଟ ଭିଜନ୍ ଗ୍ରୁପ୍‌ର ଅଧ୍ୟକ୍ଷ ହେଲେ ସୁବ୍ରତୋ ବାଗ୍‌ଚୀ



ଭୁବନେଶ୍ୱର, ୩୦।୮ (ସମିସ): କର୍ଣ୍ଣାଟକର ସ୍କିଲ୍ ଡେଭଲପମେଣ୍ଟ ଭିଜନ୍ ଗ୍ରୁପ୍‌ର ଅଧ୍ୟକ୍ଷ ଭାବେ ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟିର ପୂର୍ବତନ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ନିଯୁକ୍ତ ହୋଇଛନ୍ତି। ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ଶିଳ୍ପ ଉପଯୋଗୀ ଓ ଭବିଷ୍ୟତମୁଖୀ କରିବା ଲକ୍ଷ୍ୟରେ ଏକ ଉଚ୍ଚସ୍ତରୀୟ "ଭିଜନ୍ ଗ୍ରୁପ୍ ଫର୍ ସ୍କିଲ୍ ଡେଭଲପମେଣ୍ଟ" ଗଠନ କରିବା ପରେ କର୍ଣ୍ଣାଟକ ସରକାର ଏହି ନୂତନ ନିଯୁକ୍ତି ଦେଇଛନ୍ତି।

ରାଜ୍ୟର ସମସ୍ତ ଅଞ୍ଚଳ, ବିଭିନ୍ନ କ୍ଷେତ୍ର ଓ ଶିଳ୍ପର ଆବଶ୍ୟକତା ଅନୁଯାୟୀ ଏକ ପ୍ରତିଯୋଗିତାମୂଳକ ବାତାବରଣ ଓ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଲକ୍ଷ୍ୟ ରହିଛି। ଏଥିପାଇଁ କର୍ଣ୍ଣାଟକ ସରକାର ଦକ୍ଷତା ବିକାଶ ପଲିସି ୨୦୨୫-୩୨ ଧାର୍ଯ୍ୟ କରିଛନ୍ତି। ଏହି ଭିଜନ୍ ଗ୍ରୁପ୍‌ରେ ଶିଳ୍ପ, ଶିକ୍ଷା, ସିଭିଲ୍ ସୋସାଇଟି ଓ ସରକାରୀ କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତି ଏବଂ ବିଶେଷଜ୍ଞଙ୍କୁ ସାମିଲ କରାଯାଇଛି। ବିଭିନ୍ନ କ୍ଷେତ୍ରର ଅଭିଜ୍ଞତାକୁ ଏକାଠି କରି ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥାରେ ଥିବା ଅଭାବ ଓ ସମସ୍ୟା ଚିହ୍ନଟ କରିବା ସହ ଏହାର ସମାଧାନ ପାଇଁ ଏହି ଗ୍ରୁପ୍ ସୁପାରିସ କରିବ।

### ପାରିବାରିକ କଳହର କରୁଣ ପରିଣତି

## ପୃଥକ ଘଟଣାରେ ୨ ମୃତ, ଜଣେ ଗୁରୁତର

- ପତ୍ନୀକୁ ହତ୍ୟାକରି ଆତ୍ମହତ୍ୟା ଉଦ୍ୟମ
- ପୁଅର ଠେଙ୍ଗା ମାଡ଼ରେ ବାପା ମୃତ

ବାରିପଦା, ୩୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ପାରିବାରିକ କଳହର ପୃଥକ ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ପ୍ରଥମ ଘଟଣାରେ ଜାମଦାପାଳ ଗ୍ରାମରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ନିଜେ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଶନିବାର ରାତି ପ୍ରାୟ ୧୧ଟା ସମୟରେ ଜାମଦାପାଳ ଗ୍ରାମର ୨୫ ବର୍ଷୀୟ ଭଗତ ସିଂ ୧୧୨ ଜରୁରିକାଳୀନ ସେବା ନମ୍ବରକୁ କଲ୍ କରି ତାଙ୍କ ବାପା ବୈଦ୍ୟନାଥ ସିଂ ମା'ଙ୍କୁ ମାରପିଟ୍ କରୁଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଟିମ୍ ପହଞ୍ଚି ଚଟାଣ ରକ୍ତ ଜୁଡୁବୁଡୁ ହୋଇଥିବା ଓ କାଠ ଛାତ ଉପରେ ମା' ଟୁନି ସିଂଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ବୈଦ୍ୟନାଥ ସିଂ ନିଜ ବେକ କାଟି ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ଗୁରୁତର ଆହତ ହୋଇଥିଲେ। ପୁଲିସ ଟିମ୍ ତାଙ୍କୁ ଅଗ୍ନିଶମ ବାହିନୀ ସହାୟତାରେ ଉଦ୍ଧାର କରି ପ୍ରଥମେ ବାଙ୍ଗିରିପୋଷି ଡାକ୍ତରଖାନା, ପରେ ପିଆରଏମ ମେଡ଼ିକାଲ ଓ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି।

ଅନ୍ୟଏକ ଘଟଣାରେ ପୁଅର ଠେଙ୍ଗା ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ପଥୁରି ଗାଁରେ ଏହି ଘଟଣା ଘଟିଛି। ବାପା ମହେନ୍ଦ୍ର ଦେହୁରୀଙ୍କୁ ଟଙ୍କା ମାଗି ପୁଅ ସୁମନ୍ତ ବିଫଳ ହେବାରୁ ଠେଙ୍ଗାରେ ପିଟି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତ ପୁଅ ସୁମନ୍ତକୁ ଗିରଫ କରି ଅଧିକ ତଦନ୍ତ ଆରମ୍ଭ କରିଛି। ମହେନ୍ଦ୍ର ଦେହୁରୀ ଆଣିଥିବା କିଛି ଟଙ୍କାକୁ ତାଙ୍କ ପୁଅ ସୁମନ୍ତ ମାଗିଥିବାବେଳେ ସେ ଦେବାକୁ ମନା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ଏହି କଥାକୁ ନେଇ ଉତକ୍ଷିପ୍ତ ହୋଇ ପୁଅ ସୁମନ୍ତ ଏକ ଠେଙ୍ଗାରେ ବାପାଙ୍କୁ ଆକ୍ରମଣ କରି ନିର୍ଦ୍ଦୟ ଭାବେ ପିଟିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବାଙ୍ଗିରିପୋଷି ପୁଲିସ ପହଞ୍ଚି ଅଭିଯୁକ୍ତ ପୁଅ ସୁମନ୍ତ ଦେହୁରୀକୁ ଗିରଫ କରିଛି। ଉଭୟ ଘଟଣାରେ ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଛି।

### ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗ

## ରାଜ୍ୟ ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥକୁ ବିଜେପିର ସୁରକ୍ଷା

### ୧୦ ପ୍ରଶ୍ନର ଜବାବ୍ ମାଗିଲେ ଅରୁଣ

ନୟାଗଡ଼,୩୦।୮ (ସମିସ): ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ଏମ୍‌ଏମ୍‌ଡିଆର୍ ତଥା ଖଣି ନୀତିକୁ ନେଇ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ୧୦ ପ୍ରଶ୍ନ ପଚାରିଛନ୍ତି । ୨୦୨୨ ମସିହା ଫେବୃୟାରୀ ୨୨ ତାରିଖରେ ଓଡ଼ିଶାର ଖଣି ନୀତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂରିଭୂରି ପ୍ରଶଂସା କରିଥିଲେ । ନିଲାମରୁ ଯେତିକି ରାଜସ୍ୱ ଆସୁଛି ଓଡ଼ିଶା ସବୁଠାରୁ ଅଧିକ, ଖଣି ସଂସ୍କାର କରିବାରେ ସାରା ଭାରତ ବର୍ଷରେ ଓଡ଼ିଶା ସବୁଠାରୁ ଅଗ୍ରଣୀ ରାଜ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଏବେ ଏମ୍‌ଏମ୍‌ଡିଆର୍ ବିଲକୁ ନେଇ ଓଡ଼ିଶାରେ ହଟଚମଟ ଚାଲିଛି, ତର୍କ ବିତର୍କ ଚାଲିଛି । ଏତର୍କ ବିତର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧି ଦଳ ନେତା ଏକ ଚିଠି ଲେଖିଥିଲେ । ତୁରନ୍ତ ବିଧାନସଭା ଡକାଅ ଓ ଆଲୋଚନା କର । ସେ ଉତ୍ତର ଦେଲେ ନାହିଁ । ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏକ ବୟାନ ଦେଲେ । ତା ତରଫରୁ ଯଥାର୍ଥ ଉତ୍ତର ଦିଆଯାଇଥିଲା । ପୁଣି ନବୀନ ବାବୁ ଏକ ଚିଠି ଲେଖି ରାଜ୍ୟରେ ବିଜେପି ଦଳର ରହିଥିବା ୨୦ ଜଣ ଏମ୍‌ପି ଚୁପ ନରହି ବିବେକାନୁଦିତ କାର୍ଯ୍ୟ କରନ୍ତୁ ବୋଲି କହିଛନ୍ତି । ଯଦି ସେମାନେ ଚୁପ ରହିବେ, ଇତିହାସ ପାଇଁ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ । ଚୁପ୍ ନରହି କେନ୍ଦ୍ର ସରକାରଙ୍କ ନିକଟରେ ସେମାନେ ଦାବି କରନ୍ତୁ । ପୁଣିଥରେ ଧର୍ମେନ୍ଦ୍ର ପ୍ରଧାନ ନବୀନ ବାବୁଙ୍କୁ ଏକ ଚିଠି ଲେଖିଛନ୍ତି, ଯାହା ରାଜ୍ୟ ସ୍ୱାର୍ଥକୁ ସୁରକ୍ଷା ଦେବା ବଦଳରେ ଭାରତୀୟ ଜନତା ପାର୍ଟି ସ୍ୱାର୍ଥକୁ ସୁରକ୍ଷା ଦେଉଛି । ସୋସିଆଲ ମିଡିଆରେ ଏମ୍‌ଏମ୍‌ଡିଆର୍ ବିଲକୁ ନେଇ ରାଜ୍ୟ ବାସୀଙ୍କ କମେଣ୍ଟ ଗୁଡ଼ିକ ପଢ଼ିବା ନିହାତି ଆବଶ୍ୟକ ବୋଲି କହିଛନ୍ତି । ସଂଘୀୟ ବ୍ୟବସ୍ଥା ଅନୁସାରେ, ରାଜ୍ୟ ସହିତ ଆଲୋଚନା କରି ବିଲ୍ ଉପସ୍ଥାପନ କରାଯିବା କଥା । କେନ୍ଦ୍ର ସରକାର ରାଜ୍ୟ ସହିତ ଆଲୋଚନା କରି ନାହାନ୍ତି । ୯ ଜଣିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଅନୁସାରେ, ବକେୟା ରାଜସ୍ୱ ଆଦାୟ ହୋଇଥିଲେ ଡବଲ ଇଞ୍ଜିନ ସରକାର ବାହାବା ନେଇଥାନ୍ତା । ଓଡ଼ିଶା ସରକାରଙ୍କ ପାଖରେ ଅର୍ଥ ଅଭାବ ପାଇଁ ଚାରି ଚାରି ମାସର ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇପାରୁନାହିଁ । ଲକ୍ଷ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ରାଜ୍ୟ ସରକାର ନିଯୁକ୍ତି ଦେଇ ପାରୁନାହାନ୍ତି । ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ହାହାକାର ଦେଖାଦେଇଛି । ଋଣଭାର ଆଶାତୀତ ଭାବେ ବୃଦ୍ଧି ପାଉଛି । ୨୦୧୪-୧୫ରେ ଖଣି ସଂଶୋଧନ ବିଲ୍ ଆଣିବା ପରେ ଓଡ଼ିଶାରେ ୫ ହଜାର କୋଟି ରାଜସ୍ୱ ବୃଦ୍ଧି ପାଇଁ ୫୦ ହଜାର କୋଟି ଟଙ୍କାରେ ପହଞ୍ଚିଥିବା ସରକାରୀ ଦଳ କହୁଥିବା ବେଳେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏହା ଉପରେ ଏକ ତଥ୍ୟ ଉପସ୍ଥାପନ କରିଛନ୍ତି । ଝାଡ଼ଖଣ୍ଡରେ ୨୦୧୪-୧୫ ମସିହାରେ ୩ ହଜାର କୋଟିରୁ ୨୦୨୩-୨୪କୁ



୬ ହଜାର କୋଟି ଛୁଇଁଥିଲା । ୨୦୧୪-୧୫ରେ ଛତିଶଗଡ଼ ସରକାର ୩ ହଜାର ୫ ଶହ କୋଟିରୁ ବଢ଼ି ୧୩ ହଜାର କୋଟି ହୋଇଛି । ମହାରାଷ୍ଟ୍ରରେ ୧୯୦୦ କୋଟିରୁ ବଢ଼ି ୬୯୦୦ କୋଟି ଛୁଇଁଛି। ଗୁଜୁରାଟରେ ୨୦୧୪-୧୫ରେ ୪ହଜାର ୨୦ କୋଟି ଟଙ୍କା ରାଜସ୍ୱ ଆସୁଥିଲା। ୨୦୨୩-୨୪ରେ ୫ ହଜାର ୮ ଶହ ଟଙ୍କା ଛୁଇଁଥିଲା। ଗୁଜୁରାଟ୍ ମଡେଲ୍ ସରକାର ରାଜସ୍ୱ ଆଦାୟ କ୍ଷେତ୍ରରେ ଆଗେଇଲେ ନାହିଁ କାହିଁକି । ଯେଉଁ ରାଜ୍ୟ ଖଣି କ୍ଷେତ୍ରରେ ସଂସ୍କାର ଆଣି ପାରିଥିଲେ, କେବଳ ସେଠି ରାଜସ୍ୱ ଅବିବୃଦ୍ଧି ଘଟିଥିଲା । ଓଡ଼ିଶା ତାହାର ଉଦାହରଣ ବୋଲି ନୟାଗଡ଼ ବିଧାୟକ କହିଛନ୍ତି । ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗକୁ ନେଇ ବିଧାୟକ ଅରୁଣ ୧୦ଟି ପ୍ରଶ୍ନ ପଚାରିଛନ୍ତି । ରାଜ୍ୟର ଲୋକସଭାରେ ୨୦ ଏମ୍‌ପି, ରାଜ୍ୟ ସଭାରେ ୫ ଏମ୍‌ପି କାହିଁକି ପାଟି ଖୋଲୁ ନାହାନ୍ତି। ଏମ୍‌ଏମଡିଆର୍ ବିଲ୍ କାହିଁକି ଆଲୋଚନା ନହୋଇ ୫ ମିନିଟ୍‌ରେ ପାସ କାହିଁକି ହେଲା । ତରବରିଆ ଭାବେ ଏହି ବିଲ୍ ପାସ୍ କରାଗଲା। କେଉଁ ଖଣିପତି, ଆରବପତି, କେଉଁ ବେପାରୀଙ୍କ ପାଇଁ ଏହା କରଗଲା । ଏହା କେଉଁ ଗଣତାନ୍ତ୍ରିତ ବିଧି ବ୍ୟବସ୍ଥା । ଓଡ଼ିଶା ୯୦ ପ୍ରତିଶତ ପାଇବା କଥା ବିଲ୍‌ର କେଉଁଠି ଲେଖାଯାଇଛି । ଓଡ଼ିଶାର ଖଣି ନୀତିକୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଥିବା ବେଳେ ରାଜ୍ୟ ଇଞ୍ଜିନ କାହିଁକି ବିରୋଧ କରୁଛି । ବିଜେପି ପାର୍ଟିକୁ ଚାନ୍ଦା ଆସିବା ପାଇଁ ତରବରିଆ ବିଲ୍ ପାସ୍ କରାଯିବା, ପାର୍ଟିର ସ୍ୱାର୍ଥ ନାଁ ମାଟିର ସ୍ୱାର୍ଥ । ଜମିର ମାଲିକ ରାଜ୍ୟ ସରକାର ହୋଇଥିବା ବେଳେ ଖଣି ଓ ଖଣିଜ ଜମି ଗୁଡ଼ିକୁ କେନ୍ଦ୍ର ସରକାର ନିଜ ନାଁକୁ ନେଇ ଯିବା ପଛରେ କଣ ଉଦ୍ଦେଶ୍ୟ ରହିଛି । ରାଜ୍ୟ ସରକାର ଟିକସ ଆଦାୟ କରି କେନ୍ଦ୍ରକୁ ଦିଆଯିବା କଥା, ଏଥିରେ ତଥା ଖଣି ଖାଦାନାରେ କାହିଁକି କେନ୍ଦ୍ର ଟିକସ ଆଦାୟ କରି ରାଜ୍ୟକୁ ଦେବେ ବୋଲି ଆମେ ପ୍ରଶ୍ନ ରଖୁଛି । ବିଲକୁ ସାର୍ବଜନୀନ କର, କେତୋଟି ଖଣି ଅଛି, କେଉଁ ଖଣି କିଏ ନେଇଛନ୍ତି, ଖଣିପତିମାନେ କେତେ ଉତ୍ତୋଳନ କରିଛନ୍ତି । ଖଣି ଖୋଳିକୁ କେତେ ଖୋଳ କରିଛନ୍ତି, ତାହା ସାର୍ବଜନୀନ କର ବୋଲି କହିଛନ୍ତି ।

### ପୁଲିସକୁ ବାନ୍ଧିଲା ପୁଲିସ

## ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ; ଏସ୍‌ଆଇ ସ୍ୱାମୀ ଗିରଫ



ଭଦ୍ରକ,୩୦।୮ (ସମିସ): ପୁଲିସକୁ ଗିରଫ କରିଛି ପୁଲିସ। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଟାଉନ୍ ଥାନାରେ। ନିଜ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ଗିରଫ ହୋଇଛନ୍ତି ଟାଉନ୍ ଥାନା ପୁଲିସ ଏସ୍‌ଆଇ(ସବ୍‌ଇନ୍ସପେକ୍ଟର) ଗଣନାଥ ସେଠୀ।

ସୂଚନାନୁଯାୟୀ, ଭଦ୍ରକ ଟାଉନ ଥାନା ସବ୍ ଇନ୍ସପେକ୍ଟର ଗଣନାଥ ସେଠୀଙ୍କ ସ୍ତ୍ରୀ ମୋନାଲିସା ଦେବୀଙ୍କ ଅଭିଯୋଗ କ୍ରମେ ଟାଉନ ପୁଲିସ ଏକ ମାମଲା ନଂ ୫୩୦/୨୬ ରୁଜୁ କରିବା ସହ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର ବର୍ଷେ ତଳେ ବିବାହ ହୋଇଥିବାବେଳେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ବିବାହର କିଛି ଦିନ ପରେ ସ୍ୱାମୀ ଗଣନାଥ ତାଙ୍କୁ

**ବର୍ଷେ ତଳେ ହୋଇଥିଲା ବିବାହ**

ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ମୋନାଲିସା ଅଭିଯୋଗ କରିଥିଲେ। ଟାଉନ ପୁଲିସ ଘଟଣାରେ ଏକ ଯୌତୁକଜନିତ ନିର୍ଯାତନା ମାମଲା ରୁଜୁ କରି ସବ୍ ଇନ୍ସପେକ୍ଟର ଗଣନାଥଙ୍କୁ ଗିରଫ କରିଛି ବୋଲି ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ସ୍ତ୍ରୀକୁ କାଠଫାଳିଆରେ ପିଟିପିଟି ହତ୍ୟା

**ବେସାହାରା ହେଲେ ଦୁଇ ନିଷ୍ପାପ ଶିଶୁ**

ତୁରୁମୁଙ୍ଗା, ୩୦।୮ (ସମିସ): ମଦ୍ୟପ ସ୍ୱାମୀର କାଠଫାଳିଆ ଆକ୍ରମଣରେ ସ୍ତ୍ରୀର ଜୀବନ ଯାଇଛି। କେନ୍ଦୁଝର ଜିଲ୍ଲା ପାଟଣା ଥାନା ମଲ୍ଲୀପଶି ଗ୍ରାମର ଭୂମିଜ ସାହିରେ ଶନିବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ମହିଳା ଜଣକ ହେଲେ ସବିତା ଭୂମିଜ (୨୨)। ବିଳମ୍ବିତ ରାତିରେ ସ୍ୱାମୀ ହେମନ୍ତ (୨୪) ମଦ୍ୟପାନ କରି ଘରକୁ ଫେରିଥିଲା। ସ୍ତ୍ରୀ ସବିତାଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ଉତ୍ତ୍ୟକ୍ତ ହୋଇ ହେମନ୍ତ ଏକ କାଠ ଫାଳିଆରେ ସାବିତାଙ୍କୁ ନିର୍ଦ୍ଦୟ ଭାବେ ବାରମ୍ବାର ପିଟିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ସବିତାଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଥିଲା। ପରେ ପାଟଣା ପୁଲିସ ତାକୁ ଗାଁ ନିକଟରୁ ଠାବ କରି ତଦନ୍ତ ଚଳାଇଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ପାଟଣା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ମୃତକଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ବିଳମ୍ବିତ ରାତିରେ ଉଭୟ ସ୍ୱାମୀ-ସ୍ତ୍ରୀ ଏବଂ ଦୁଇ ଶିଶୁ ଘରେ ଥିବା ବେଳେ ବଚସା ଉଗ୍ରରୂପ ନେଇଥିଲା। ସକାଳୁ ଘଟଣାସ୍ଥଳରେ ଘଟଗାଁ ଏସଡିପିଓ ପ୍ରତାପ ରଞ୍ଜନ ତ୍ରିପାଠୀ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ସାହାରପଡା ଫାଣ୍ଡି ଅଧିକାରୀ ପାର୍ଡ୍ଡ ଓରାମ, କେନ୍ଦୁଝର ସାଇଣ୍ଟିଫିକ୍ ଅଫିସର ଲଗନା ବେବର୍ତ୍ତା, ଏଏସଆଇ ଧନଞ୍ଜୟ ପାତ୍ର ତଦନ୍ତ କରିବା ପରେ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଛି। ୱାର୍ଡ ମେମ୍ବର ନାକୁ ଦାସଙ୍କ ଅଭିଯୋଗ ପରେ ପାଟଣା ଥାନାରେ ଏକ ମାମଲା ରୁଜୁ କରି ସ୍ୱାମୀ ହେମନ୍ତକୁ ଅଟକ ରଖିଛି ପୁଲିସ। ମୃତକଙ୍କ ୪ ବର୍ଷର ଏକ ଶିଶୁପୁତ୍ର ଓ ଦେଢ଼ବର୍ଷର ଏକ ଶିଶୁକନ୍ୟା ଥିବା ବେଳେ ମା'କୁ ହରାଇ ଅନାଥ ହୋଇପଡ଼ିଛନ୍ତି।

## ସାର ଗୋଦାମ ଘରେ ଚଢ଼ଉ; ୩୫ ଟନ୍ ଡିଏପି ଜବତ

ବାଲିଗୁଡ଼ା,୩୦।୮ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୁଲିସ ଏକ ସାର ଗୋଦାମରେ ଚଢ଼ଉ କରି ଅନଧିକୃତ ଭାବେ ଗଚ୍ଛିତ ଥିବା ୩୫ଟନ୍ ଡିଏପି ସାର ଜବତ କରିଥିବା ଜଣାପଡ଼ିଛି। ବେଆଇନ ଗଞ୍ଜେଇ ଚାଷରେ ଏହାକୁ ବ୍ୟବହାର କରାଯିବା ପାଇଁ ଥିବା ଜଣାପଡ଼ିଛି। ବିଶ୍ୱସ୍ତ ସୂଚନା ଆଧାରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ମେସର୍ସ ମା ସାବିତ୍ରୀ ଆଗ୍ରୋ ଏଜେନ୍ସିର ଗୋଦାମରେ ଚଢ଼ଉ କରାଯାଇଥିଲା।








ପୌରପରିଷଦ ବାଲେଶ୍ୱର

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ -୨୦୨୬


ବାଲେଶ୍ୱର ପୌରପାଳିକାର ୧୫୦ ବର୍ଷର ଜନସେବା, ଗୌରବମୟ ଇତିହାସ ଓ ପୌର ବିକାଶର ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୫୦ତମ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି ଏବଂ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଆପଣଙ୍କ ସହଯୋଗ ଆଶା କରୁଅଛି।


ନିବେଦନ :-

୦୧- ପୌର ସମ୍ପତ୍ତି ଆପଣଙ୍କର, ଏହାର ରକ୍ଷଣାବେକ୍ଷଣ ଆପଣଙ୍କର ଦାୟିତ୍ୱ ।
୦୨- ସହରର ରାସ୍ତା ଏବଂ ଡ୍ରେନ ଅବରୋଧ କରନ୍ତୁ ନାହିଁ ଏବଂ ଏଥିରେ ଅଳିଆ ପକାଇ ପରିବେଶ ଦୂଷିତ କରନ୍ତୁ ନାହିଁ।
୦୩- ସର୍ବସାଧାରଣ ସ୍ଥାନରେ ଏବଂ ରାସ୍ତାରେ ଗୃହ ପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ଏବଂ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ ।
୦୪- ନୂତନ ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୦୫- ଜଳ ନିଷ୍କାସନ ସୁରକ୍ଷିତ ଭାବେ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୦୬- ଗୃହର ବର୍ଜ୍ୟବସ୍ତୁକୁ ପୃଥକ ଭାବେ ରଖି ପୌରପାଳିକାର BOV ଗାଡିରେ ପ୍ରଦାନ କରନ୍ତୁ ।
୦୭- ନିୟମିତ ଭାବେ ଘର ଟିକସ, ଦୋକାନ ଲାଇସେନ୍ସ ଟିକସ, ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକାର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୦୮- ନିଜ ବାସଗୃହ ଏବଂ ବ୍ୟବସାୟ ପ୍ରତିଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁର ସଫଳ ପରିଚାଳନା କରିବାରେ ସହାୟକ ହୁଅନ୍ତୁ ଏବଂ ଏକ ସ୍ୱଚ୍ଛ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରନ୍ତୁ ।
୯- ଯଥା ସମୟରେ ଜନ୍ମ, ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜୀକରଣ କରନ୍ତୁ ।
୧୦- ଜନସାଧାରଣଙ୍କ ପାଇଖାନା ଟାଙ୍କି ପ୍ରତି ୩ ବର୍ଷରେ ପୌରପାଳିକାର ସେସପୁଲ ଗାଡି ଦ୍ୱାରା ନିୟମ ଅନୁଯାୟୀ ସଫେଇ କରନ୍ତୁ ଏବଂ +୯୧୬୨୮୯୬୭୮୭୪ ଏହି ନମ୍ବରରେ ସମ୍ପର୍କ କରି ବୁକିଂ କରିପାରିବେ ।
୧୧- ବାଲେଶ୍ୱର ସହରକୁ ସ୍ୱଚ୍ଛ, ନିର୍ମଳ,ସ୍ୱାସ୍ଥ୍ୟକର, ସୁନ୍ଦର ଓ ସୁରକ୍ଷିତ କରି ଗଢି ତୋଳିବା ପାଇଁ ପୌରପାଳିକାକୁ ସହଯୋଗ କରନ୍ତୁ ।

ଶ୍ରୀଯୁକ୍ତ ଶିରିୟାଲ୍ ଶୁଭ୍ର ପଟେଲ, ଓ.ପ୍ର.ସେ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା
ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠୀ, ଉପାଧ୍ୟକ୍ଷ, ବାଲେଶ୍ୱର ପୌରପାଳିକା
ଶ୍ରୀମତୀ ସବିତା ସାହୁ, ପୌରାଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା

ଟ୍ୱିଟର ଆଇଡି balasoremunici1 | ଫେସବୁକ୍ ଆଇଡି balasoremunicipality@rediffmail.com | ଇନଷ୍ଟାଗ୍ରାମ ଆଇଡି balasoremunicipality




ବ୍ରହ୍ମପୁର ମହାନଗର ନିଗମ

**ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ନିବେଦନ**

**କରନ୍ତୁ :**

(୧) ଆପଣଙ୍କ ଘର / ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦି କୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିଯୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନ କୁ କମ୍ କରନ୍ତୁ ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଛନ୍ନତା ବଜାୟ ରଖନ୍ତୁ ।

**କରନ୍ତୁ ନାହିଁ:**

(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
(୨) ଘରୋଇ ପଚାସଡ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ ।
(୬) ପଲିଥିନ, ବ୍ୟାଗ, କପ, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

ଶ୍ରୀ ସମୀର କୁମାର ଜେନା, କମିଶନର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀମତୀ ସଂଘମିତ୍ରା ଦଳେଇ, ମେୟର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀ ଇ. ବିବେକ୍ ରେଡ୍ଡୀ, ଡେପୁଟି ମେୟର ବ୍ରହ୍ମପୁର ମହାନଗର ନିଗମ
ଓ ସମସ୍ତ କର୍ପୋରେଟର ବୃନ୍ଦ
ବ୍ରହ୍ମପୁର ମହାନଗର ନିଗମ

## ଯାଜପୁରରେ ବନ୍ୟା ପରିସ୍ଥିତି

# ଏବେବି ବାତ୍ୟା ଆଶ୍ରୟସ୍ଥଳୀରେ ଲୋକ

ଯାଜପୁର, ୩୦।୮ (ସମିସ)

ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତିରେ ଧୀରେ ଧୀରେ ସୁଧାର ପରିଲକ୍ଷିତ ହେଉଥିଲେ ମଧ୍ୟ ଦଶରଥପୁର ଭଳି ନିମ୍ନାଞ୍ଚଳରେ ସ୍ଥିତି ଏବେବି ମଧ୍ୟ ଚିନ୍ତାଜନକ ରହିଛି। ବିଶେଷକରି ଦଶରଥପୁର ବ୍ଲକ ଉପରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯାଇଛି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୧ଟି ବ୍ଲକ ଦଶରଥପୁର ୧୯ଟି ଗ୍ରାମ ପଞ୍ଚାୟତ ଏବଂ ୬୨ଟି ଗାଁ ବର୍ତ୍ତମାନ ବନ୍ୟା ଦ୍ୱାରା ସିଧାସଳଖ ପ୍ରଭାବିତ ହୋଇଛି। ମୋଟ ୧, ୧୦, ୨୯୯ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ଜିଲ୍ଲାରେ କୌଣସି ବ୍ୟକ୍ତି ଜଳଘେରରେ ନାହାନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ଚାଲିଥିବା ସଦ୍ୟତମ ସ୍ଥାନାନ୍ତର ଅଭିଯାନରେ ୮, ୯୮୩ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ରିଲିଫ୍ ଶିବିରରେ ରଖାଯାଇଛି।



ବାତ୍ୟା ଆଶ୍ରୟସ୍ଥଳୀରେ ରହୁଥିବା ଏବଂ ଘରକୁ ଫେରିନଥିବା ବିପନ୍ନ ମାନଙ୍କୁ ତତ୍କାଳ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲାରେ ବର୍ତ୍ତମାନ ୨୨ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ୮, ୯୮୩ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ୧୦ଟି ମେଡିକାଲ୍ ଟିମ୍ ନିୟୋଜିତ ହୋଇଥିବା ବେଳେ ୧୮ଟି ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଲୋକଙ୍କୁ ଚିକିତ୍ସା ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଏଥିସହିତ ୧୮ ଜଣ ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରାଣୀସମ୍ପଦର ସୁରକ୍ଷା ଓ ଚିକିତ୍ସା ପାଇଁ ୧୨ଟି ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ଟିମ୍ ଏବଂ ୮ଟି ପ୍ରାଣୀ ଚିକିତ୍ସା ଶିବିର କାର୍ଯ୍ୟ କରୁଛି। ଆବଶ୍ୟକତା ଅନୁଯାୟୀ ପ୍ରଭାବିତ ଅଞ୍ଚଳରେ ପ୍ରାଣୀଙ୍କ ଚିକିତ୍ସା, ଟିକା କରଣ, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସେବା ଯୋଗାଇ ଦିଆଯାଉଛି।

ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା ଓ ତ୍ୱରିତ ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାରେ ୨ଟି ଓଡ୍ରାଫ୍ ଟିମ୍ ମଧ୍ୟ ମୁତୟନ ରହିଛନ୍ତି। ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଥିବା ବେଳେ ଆବଶ୍ୟକ ସ୍ଥଳେ ତୁରନ୍ତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି। ଜିଲ୍ଲା ପ୍ରଶାସନ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବନ୍ୟା ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ପ୍ରଭାବିତ ଲୋକଙ୍କ ସୁରକ୍ଷା, ରିଲିଫ୍ ଓ ଆବଶ୍ୟକ ସେବା ଯୋଗାଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି ଜାରି ରହିଛି।

# ହୋଇପାରୁନି ଜଳ ନିଷ୍କାସନ



**ବରୀ, ୩୦।୮ (ସମିସ):** ଚଳିତ ବନ୍ୟା ଓ ଲଗାଣ ବର୍ଷା ଯୋଗୁଁ ବରୀ ଅଞ୍ଚଳ ଯଥେଷ୍ଟ ପ୍ରଭାବିତ ହୋଇଥିଲା। ବନ୍ୟା ଛାଡିବାର ତିନି ସପ୍ତାହ ଅତିକ୍ରାନ୍ତ କରିଥିଲେ ମଧ୍ୟ ଚାଷ ଜମି ସହିତ ଗାଁ ଗଣ୍ଡାରେ ବନ୍ୟା ଓ ବର୍ଷା ଜଳ ଅଦ୍ୟାବଧି ଜମି ରହିବା ଯୋଗୁଁ ଲୋକମାନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବହୁ ରାଜସ୍ୱ ଗ୍ରାମ ଯେଉଁଠାରେ କି ବନ୍ୟା ଓ ବର୍ଷା ଜଳ ନିଷ୍କାସିତ ହେବାର ସୁବିଧା ନାହିଁ। ଏହି ଅଞ୍ଚଳର ଲୋକମାନଙ୍କର ଦୁର୍ଦ୍ଦଶାକୁ ଦୁଇ ଗୁଣିତ କରୁଛି। ଗତକାଲି କୃଷିସଚିବ ବରୀ ଅଞ୍ଚଳକୁ ଗ୍ରସ୍ତରେ ଆସିଥିବା ବେଳେ ସ୍ଥାନୀୟ ମହାକାଳପଡ଼ା ପଞ୍ଚାୟତର ଲୋକମାନେ ଜଳ ନିଷ୍କାସନ ପାଇଁ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଅଧିକାରୀ ମାନେ ଏହା ତାଙ୍କ ବିଭାଗର ଅଧିକାର ଭୁକ୍ତ ନୁହେଁ ବୋଲି ପ୍ରକାଶ କରିବା ସହିତ ଜଳ ନିଷ୍କାସନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦୀର୍ଘ ଦିନ ଧରି ବନ୍ୟା ଓ ବର୍ଷା ଜଳ ଜମି ରହିବା ଯୋଗୁଁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଘଟଣାକୁ ଗୁରୁତ୍ୱ ଦେଇ ତୁରନ୍ତ ଜଳ ନିଷ୍କାସନ କରାଯିବାକୁ ସ୍ଥାନୀୟ ସରପଞ୍ଚ ପ୍ରଜ୍ଞା ପରମିତା ପରିଡ଼ା ଓ ସମିତି ସଭ୍ୟ ବିଭୁପ୍ରସାଦ ରାଉତ, ପୂର୍ବତନ ସରପଞ୍ଚ କୁଞ୍ଜ ବିହାରି ପରିଡ଼ା ଓ ସଂଗ୍ରାମ ସାମଲଙ୍କ ସମେତ ଗ୍ରାମବାସୀ ମାନେ ପ୍ରଶାସନକୁ ଦାବି କରିଛନ୍ତି।

## ବୈତରଣୀ, କାଣୀରେ ଜଳସ୍ତର ବୃଦ୍ଧି

# ଛାନିଆ କରୁଛି ମୁକୁଳା ଘାଇ

**ଦଶରଥପୁର/କଯାଁଗୋଲା, ୩୦।୮ (ସମିସ):** ଦଶରଥପୁର ବ୍ଲକ ଦେଇ ପ୍ରବାହିତ ବୈତରଣୀ ଓ ଶାଖା କାଣୀ ନଦୀରେ ଲଗାତାର ୬ଟି ବନ୍ୟାର ମୁକାବିଲା କରି ବେହାଲ ହୋଇପଡ଼ିଥିବା ବନ୍ୟା ବିପନ୍ନ ମାନେ ବୈତରଣୀ ଓ ଶାଖା କାଣୀ ନଦୀରେ ସମ୍ଭାବିତ ୭ମ ବନ୍ୟା ଆଶଙ୍କାରେ ଭୟଭୀତ ହୋଇପଡ଼ିଛନ୍ତି। ରବିବାର ସକାଳୁ ବୈତରଣୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଯଦି ରାତିରେ ଅଧିକ ବର୍ଷା ହୁଏ ତେବେ ଜଳସ୍ତର ଆହୁରି ବୃଦ୍ଧି ପାଇ ବନ୍ୟା ସ୍ଥିତି ଉପୁଜିବାର ସମ୍ଭାବନା ଥିବାରୁ ତରପଦା ପଞ୍ଚାୟତ ଡୋଭାବିଲ ଗାଁ ପଟଣାସାହିର ମୁକୁଳା ଘାଇରୁ ମାଡୁଥିବା ବନ୍ୟାଜଳ ପ୍ରଭାବରେ ରବିବାର ସନ୍ଧ୍ୟା ସୁଦ୍ଧା ତଳ ମୁଣ୍ଡରେ ଥିବା ତରପଦା, କସପା, ମଲ୍ଲିକାପୁର, ଛଞ୍ଚିଣା, ଶୁଶୁଆ, ଦୁଦୁରାଅନ୍ତା, ନିଜାମପୁର, ଖାନନଗର, କମାରଡିହି, କଯାଁ ଅଞ୍ଚଳ ଜଳମଗ୍ନ ହେବାରେ ଲାଗିଛି। ମୁକୁଳା ଘାଇ ଦେଇ ପ୍ରଚୁର ବନ୍ୟା ପାଣି ତଳିଆ ଅଞ୍ଚଳକୁ ମାଡିଚାଲିଥିବାରୁ ରାତି ସୁଦ୍ଧା ବନ୍ୟା ପାଣି ଅବଶିଷ୍ଟ ପଞ୍ଚାୟତରେ ପ୍ରବେଶ କରିବା ସମ୍ଭାବନା ରହିଥିବା ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି ଓ କନିଷ୍ଠଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ସୂଚନା ଦେବା ସହିତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିଭାଗ ପକ୍ଷରୁ ବନ୍ୟା ସ୍ଥିତି ଉପରେ ସତର୍କ ନଜର ରଖାଯାଇଥିବା କହିଛନ୍ତି। କସପା, ତରପଦା, ମଲ୍ଲୀକାପୁର ପଞ୍ଚାୟତ ଜନସାଧାରଣଙ୍କ ପ୍ରମୁଖ ବ୍ୟବସାୟ ସ୍ଥଳୀ ଅହିୟାସ ବଜାରରେ ପୁନର୍ବାର

### ଘରକୁ ଛାଡୁନି ବନ୍ୟା; ନଦୀବନ୍ଧରେ ବିପନ୍ନ

ବନ୍ୟା ପାଣି ପ୍ରବେଶ କରିଛି। ବଜାର ରାସ୍ତାରେ ୨ ଫୁଟ ଉଚ୍ଚର ବନ୍ୟା ଜଳ ଲହଡ଼ି ମାରୁଥିବା ବେଳେ ବଜାରର ଅଧିକାଂଶ ଦୋକାନରେ ବନ୍ୟା ପାଣି ପ୍ରବେଶ କରିଛି। ବନ୍ୟା ସ୍ଥିତିରେ ଦଶରଥପୁର ବ୍ଲକ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କ ଅନୁସାରେ ଏବେ ସୁଦ୍ଧା ବନ୍ୟାରେ ବ୍ଲକର ୧୯ଟି ପଞ୍ଚାୟତର ୬୨ଗାଁ ପ୍ରଭାବିତ ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ବିପନ୍ନଙ୍କ ସୁରକ୍ଷାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଉଛି। ବନ୍ୟାରେ ମୋଟ ୧ଲକ୍ଷ ୧୦ହାଜରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରୁ ୮ ହଜାର ୯୮୩ ଜଣ ବିପନ୍ନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ଅସ୍ଥାୟୀ ଆଶ୍ରୟ ସ୍ଥଳରେ ଥଇଥାନ କରାଯାଇଛି। ଆଶ୍ରୟ ସ୍ଥଳୀରେ ଥିବା ବିପନ୍ନଙ୍କୁ ପାଇଁ ୨୨ଟି ରନ୍ଧାଖାଦ୍ୟ କେନ୍ଦ୍ର ମାଧ୍ୟମରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ପ୍ରଭାବିତ ଅଞ୍ଚଳରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୮ଟି ଶିବିର ଖୋଲାଯାଇଛି। ଏଠାରେ ନିୟୋଜିତ ୧୦ଟି ସ୍ୱାସ୍ଥ୍ୟ ଟିମ୍ ପ୍ରଭାବିତଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛନ୍ତି। ୧୮ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୧୨ଟି ଭ୍ରାମ୍ୟମାଣ ଚିକିତ୍ସା ଟିମ୍ ଏବଂ ୮ଟି ପ୍ରାଣୀ ଚିକିତ୍ସା ଶିବିର କାର୍ଯ୍ୟକ୍ଷମ ରହିଛି। ଆବଶ୍ୟକତା ଅନୁସାରେ ପ୍ରାଣୀଙ୍କ ଚିକିତ୍ସା, ଟିକାକରଣ, ଔଷଧ ଉପଲବ୍ଧ କରାଯାଉଛି। ଜରୁରୀ ପରିସ୍ଥିତିରେ ଉଦ୍ଧାର କାର୍ଯ୍ୟ ପାଇଁ ୨ଟି ଓଡ୍ରାଫ୍ ଟିମ୍ ୨୪ଘଣ୍ଟା ସଜାଗ ରହିଛନ୍ତି। ସର୍ବୋପରି ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଥିବା କହିଥିଲେ।



# ଓୟୁଜେରୁ ସବ୍ୟସାଚୀ ବହିଷ୍କୃତ



**ମଙ୍ଗଳପୁର, ୩୦।୮ (ସମିସ):** ଦଶରଥପୁର ବ୍ଲକର କାର୍ଯ୍ୟରତ ସାମ୍ବାଦିକ କୌଶିକ ଦାସ ଏକ ଖବର ସଂଗ୍ରହ କରିବା ପାଇଁ ଯାଇଥିବା ବେଳେ ତାଙ୍କ ଉପରେ ଜଣେ ବିଜେପି କର୍ମୀ ଆକ୍ରମଣ କରିବା ଘଟଣାକୁ ନେଇ ଦଶରଥପୁର ବ୍ଲକର ୩ଟି ସଂଘର ସମସ୍ତ ସାମ୍ବାଦିକ ଏକ ହୋଇ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ନ୍ୟାୟ ଦେବା ପାଇଁ ଏକଜୁଟ ହୋଇ ଦଶରଥପୁର ଥାନା ସମ୍ମୁଖରେ ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ଏହି ଆନ୍ଦୋଳନରେ ସେହି ବ୍ଲକର ସାମ୍ବାଦିକ ସବ୍ୟସାଚୀ ଦାସ ସାମିଲ ହୋଇ ନଥିଲେ। ଏହା ପରେ ତାଙ୍କୁ ସଙ୍ଘ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ରଖିନଥିଲେ। ସଙ୍ଘ ନିଷ୍ପତିକୁ ଅବମାନନା କରିବା ଅଭିଯୋଗରେ ଓୟୁଜେ ସାମ୍ବାଦିକ ସଂଘର ସଦସ୍ୟ ସାମ୍ବାଦିକ ସବ୍ୟସାଚୀ ଦାସ (ବାଙ୍କୁଲି) ବିଭିନ୍ନ ସମୟରେ ସଂଘର ନିତିନିୟମ ନମାନିବା, ସଙ୍ଘ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା, ସଂଘର ଶୃଙ୍ଖଳା ଭଙ୍ଗ କରିବା ଅଭିଯୋଗରେ ୩୦ ତାରିଖ ଓୟୁଜେ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଓୟୁଜେର ଜିଲ୍ଲା ସଭାପତି ଅରୁଣ ରାଉତ ରାୟ ସବ୍ୟସାଚୀ ଦାସଙ୍କୁ ଓୟୁଜେ ସାମ୍ବାଦିକ ସଂଘର ସଦସ୍ୟତା ପଦ ରଦ୍ଦ କରିବା ସହ ସଂଘରୁ ବହିଷ୍କାର କରାଗଲା ବୋଲି ସଭାପତି ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ବରୀ, ୩୦।୮ (ସମିସ):** ବର୍ତ୍ତମାନ ସମୟରେ ସାମାନ୍ୟ ଘରୋଇ ଝଗଡ଼ା, କଳି ତକରାଳ ଭଳି ଘଟଣା ଘଟିଲେ ବିଶେଷ କରି ମହିଳା ମାନଙ୍କ କ୍ଷେତ୍ରରେ ଆତ ହତ୍ୟା ଭଳି ଏକ ଘୃଣ୍ୟ କାର୍ଯ୍ୟକୁ ଆପଣେଇ ନେଉଥିବା ଦେଖିବାକୁ ମିଳୁଛି। ବରୀ ରାମଚନ୍ଦ୍ରପୁର ଥାନା ଅଧୀନସ୍ଥ ଚନ୍ଦନପୁର ପଞ୍ଚାୟତର ଜନୈକା ମହିଳା ରାମଚନ୍ଦ୍ରପୁର ନିକଟ ବ୍ରାହ୍ମଣୀ ସେତୁ ଉପରୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ବେଳେ ମହିଳାଙ୍କ ସ୍ୱାମୀ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ ପାରିବାରିକ କଳହ ଯୋଗୁଁ ମହିଳା ଜଣଙ୍କ ନିଜ ଘର ନିକଟରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା ବ୍ରାହ୍ମଣୀ ନଦୀ ସେତୁ ଉପରୁ ଆରହତ୍ୟା କରିବାକୁ ଆସିଥିଲେ। ମହିଳା ଜଣଙ୍କ ଉଦ୍ଧାର ହେବା ପରେ ନିଜ ଘରକୁ ଯିବାକୁ ଅନିଚ୍ଛା ପ୍ରକାଶ କରିବାରୁ ସ୍ଥାନୀୟ ଲୋକେ ବରୀ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମହିଳାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣୀ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି।

# ୨୦୦୦ କୋଟି ଟଙ୍କାର ଲଘୁଖଣିଜ ଦୁର୍ନୀତି ଅଭିଯୋଗ

**ଯାଜପୁର, ୩୦।୮ (ସମିସ):** ଓଡ଼ିଶାର ଲଘୁଖଣିଜ ସମ୍ପଦର ଉତ୍ତୋଳନ ଓ ପରିଚାଳନାକୁ ନେଇ ପୁଣିଥରେ ଉଠିଛି ଗୁରୁତର ପ୍ରଶ୍ନ। ଲଘୁଖଣିଜ କାରବାରରେ ପ୍ରାୟ ୨୦୦୦ କୋଟି ଟଙ୍କାର ରାଜସ୍ୱ ହାନି ଓ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଉଠାଇଛନ୍ତି ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ। ଲଘୁଖଣିଜ ରାଜ୍ୟର ଏକ ମୂଲ୍ୟବାନ ପ୍ରାକୃତିକ ସମ୍ପଦ ହୋଇଥିବାବେଳେ ଏହାର ଉତ୍ତୋଳନ, ଲିଜ୍ ପ୍ରଦାନ, ରାଜସ୍ୱ ଆଦାୟ ଓ ପରିଚାଳନାରେ ସ୍ୱଚ୍ଛତା ରହିବା ଆବଶ୍ୟକ ବୋଲି ଶ୍ରୀ ଘଡ଼ାଇ ମତ ରଖିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଅନିୟମିତତା ଯୋଗୁଁ ରାଜ୍ୟ ରାଜସ୍ୱରେ ବ୍ୟାପକ କ୍ଷତି ହୋଇଥାଇପାରେ। ଏହି

### ତଦନ୍ତ ଓ ଉତ୍ତରଦାୟିତ୍ୱ ଦାବି

ଅଭିଯୋଗର ସତ୍ୟତା ନିର୍ଦ୍ଧାରଣ ପାଇଁ ସମ୍ପୂର୍ଣ୍ଣ ଓ ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି। ଲଘୁଖଣିଜ ସମ୍ପଦରୁ ରାଜ୍ୟକୁ କେତେ ରାଜସ୍ୱ ମିଳିଛି, କେଉଁ କ୍ଷେତ୍ରରେ ରାଜସ୍ୱ ହାନି ହୋଇଛି ଏବଂ ଏଥିପାଇଁ କେହି ଦାୟୀ କି ନାହିଁ ତାହା ସ୍ପଷ୍ଟ ହେବା ଦରକାର ବୋଲି ଦାବି ଉଠିଛି। 'ଲୋକଙ୍କ ସମ୍ପଦର ହିସାବ ଲୋକଙ୍କୁ ମିଳିବା ଦରକାର' ଏହି ମତ ରଖି ଶ୍ରୀ ଘଡ଼ାଇ ଲଘୁଖଣିଜ କାରବାରରେ ସ୍ୱଚ୍ଛତା, ଜବାବଦେହିତା ଓ ଆଇନସମ୍ମତ ପଦକ୍ଷେପ ଉପରେ ଗୁରୁତ୍ୱ ଦେଇଛନ୍ତି। ଏବେ ମୁଖ୍ୟ ପ୍ରଶ୍ନ ହେଉଛି ଉଠିଥିବା ୨୦୦୦ କୋଟି ଟଙ୍କାର ଅଭିଯୋଗର ସତ୍ୟତା କେତେ। ଯଦି ରାଜସ୍ୱ ହାନି ହୋଇଛି, ତେବେ ଏଥିପାଇଁ ଦାୟୀ କିଏ। ତଦନ୍ତ ମାଧ୍ୟମରେ ଏହି ସମସ୍ତ ପ୍ରଶ୍ନର ଉତ୍ତର ସାମ୍ନାକୁ ଆସିବା ଅପେକ୍ଷାରେ ରହିଛନ୍ତି ରାଜ୍ୟବାସୀ।



## ବର୍ଷା ଋତୁରେ ଚାଲିଛି କେନାଲ ସଫେଇ

# ରାସ୍ତାରେ ପକାଯାଉଛି ମାଟି ଓ ଅଳିଆ

**ବିଞ୍ଝାରପୁର, ୩୦।୮ (ସମିସ):** ବିଞ୍ଝାରପୁର ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ଯୋଗୁଁ ପ୍ରତିବର୍ଷ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ। କେନାଲ ସଫେଇ ନାଁରେ ପ୍ରତିବର୍ଷ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଏହାର ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ବିଞ୍ଝାରପୁର ବ୍ଲକ ଡିଆଟିକିରୀ ଗ୍ରାମରୁ ଆସିଛି।ଅଭିଯୋଗ ଅନୁଯାୟୀ, ମନ୍ଦାରଖଣ୍ଡ ଅଫିସ ପୋଳଠାରୁ ଉତ୍ତଙ୍ଗ ଦେଇ ଶାସନପଡ଼ା, ଡିଆଟିକିରୀ, ନରହରିପୁର, ବୁଲେଇପୁର ଓ ବାଗସାସାହି ପର୍ଯ୍ୟନ୍ତ ଯାଇଥିବା ୱାନ-ସି କେନାଲର ସଫେଇ କାର୍ଯ୍ୟ ଏବେ ଚାଲିଛି।



ସାଧାରଣତଃ ଜୁନ୍ ମାସରେ କେନାଲ ସଫେଇ କରାଯିବା କଥା। ମାତ୍ର ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ବର୍ଷା ଋତୁରେ ଏହି କାର୍ଯ୍ୟ କରାଯାଉଛି।ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜେସିବି ମେସିନ ଦ୍ୱାରା ଯେନତେନ ପ୍ରକାରେ କେନାଲ କଡ଼ରୁ ମାଟି ଚାଞ୍ଛି କାମ ସାରିଦେବାକୁ ବିଭାଗୀୟ ଅଧିକାରୀ ଓ ଠିକାଦାର ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏପରିକି ଜେସିବି ଦ୍ୱାରା କେନାଲରୁ ଉଠାଯାଉଥିବା ମାଟି ଓ ଅଳିଆକୁ ରାସ୍ତା ଉପରେ ପକାଇ ଦିଆଯାଉଛି। ଫଳରେ ବର୍ଷା ହେଲେ ରାସ୍ତା କାଦୁଅମୟ ହୋଇପଡୁଛି। ଏଥିଯୋଗୁଁ ଯାତାୟାତରେ ଘୋର ଅସୁବିଧା ଉପୁଜୁଛି। ବାଇକ୍ ଓ ସାଇକେଲ ଚାଳକଙ୍କ ସମେତ ସ୍କୁଲ ଯାଉଥିବା ଛୋଟଛୋଟ ପିଲାମାନେ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଶେଷକରି ରାସ୍ତାକଡ଼ରେ ଥିବା ଘର ଓ ଗ୍ରାମବାସୀ ଅଧିକ ଅସୁବିଧାରେ ପଡୁଛନ୍ତି।ତେଣୁ କେନାଲ ସଫେଇ କାର୍ଯ୍ୟରେ ରାସ୍ତା ଉପରେ ପକାଯାଇଥିବା ମାଟି ଓ ଅଳିଆ ତୁରନ୍ତ ହଟାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆରମ୍ଭ ହେଲା ରାସ୍ତା ମରାମତି କାର୍ଯ୍ୟ

**ଯଖପୁରା, ୩୦।୮ (ସମିସ):** ଦାନଗଦି ମିଲିଟାରୀ ଛକଠାରୁ ପଙ୍କପାଳ ବଙ୍ଗଳା ପର୍ଯ୍ୟନ୍ତ ରାସ୍ତାର ଦୁରବସ୍ଥା ନେଇ ଜନସାଧାରଣଙ୍କ ଦାବି ଓ ଲଗାତାର ପ୍ରୟାସ ପରେ ଶେଷରେ ପ୍ରଶାସନର ତତ୍ପରତା ଦେଖାଦେଇଛି। ଗତକାଲି ପାଣିକୋଇଲି ପୂର୍ତ୍ତ ବିଭାଗ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ଲିଖିତ ପତ୍ର ପରେ ୩୧ ଅଗଷ୍ଟରୁ ରାସ୍ତାର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ମରାମତି କାର୍ଯ୍ୟ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ମିଲିଟାରୀ ଛକ, ରାବଣା ଛକ ଓ ଭିସା ଗେଟ ସମ୍ମୁଖ ନିକଟସ୍ଥ ଖରାପ ଅଂଶରେ ମରାମତି କରାଯିବ। ବର୍ତ୍ତମାନର ପାଣିପାଗକୁ ଦୃଷ୍ଟିରେ ରଖି ଯାତାୟାତକୁ ସୁଗମ ଓ ନିରାପଦ କରିବା ପାଇଁ ଏହି କାର୍ଯ୍ୟକୁ ପ୍ରାଥମିକତା ଦିଆଯାଇଛି। ଏହା ସହ ରାସ୍ତାର ଅବଶିଷ୍ଟ ଅଂଶର ସ୍ଥାୟୀ ମରାମତି ଓ ଉନ୍ନତି ପାଇଁ ଆବଶ୍ୟକ ଅଟକଳ ପ୍ରସ୍ତୁତ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି ଲିଖିତ ଭାବେ ଜଣାଇଛନ୍ତି ଅଧୀକ୍ଷଣ ଯନ୍ତ୍ରୀ। ଜନସ୍ୱାର୍ଥରେ ଉଠିଥିବା ଦାବି ଯେ ଫଳ ଦେଇପାରେ ଏହା ତାହାର ଏକ ଉଦାହରଣ। ଏହି ଅସ୍ଥାୟୀ ମରାମତି ପରେ ଖୁବଶୀଘ୍ର ସମ୍ପୂର୍ଣ୍ଣ ରାସ୍ତାର ସ୍ଥାୟୀ ଉନ୍ନତୀକରଣ କାର୍ଯ୍ୟ ମଧ୍ୟ ହେବ ବୋଲି ପ୍ରଶାସନ ପକ୍ଷରୁ ଜଣାଯାଇଛି।

# ସାମ୍ବାଦିକଙ୍କ ପତ୍ନୀ ବିୟୋଗ



**କୋରେଇ, ୩୦।୮ (ସମିସ):** କୋରେଇର ବରିଷ୍ଠ ସାମ୍ବାଦିକ ମଳୟ କୁମାର ମଲ୍ଲିକଙ୍କ ପତ୍ନୀ ରଶ୍ମିରେଖା ମଲ୍ଲିକ (୪୪)ଙ୍କ ଶନିବାର ରାତି ୨ଟା ସମୟରେ ପରଲୋକ ଘଟିଛି। ସେ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ। ସେ ଜଣେ ସାମ୍ବାଦିକା ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ଶବାଧାର ନିକଟରେ ସ୍ୱାମୀ ମଳୟ, ଦେଢ଼ଶୁର ଅକ୍ଷୟ, ଅଜୟ, ସଞ୍ଜୟ, ପ୍ରଶାନ୍ତ, ସୁଶାନ୍ତ, ନଣନ୍ଦ/ନଣନ୍ଦେଇ, ପୁତୁରା/ଝିଆରୀ ପରିବାର ଓ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ନେଇ ସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ମନିସ ମୁଖାଗ୍ନି ଦେଇଛନ୍ତି। ତାଙ୍କ ବିୟୋଗ ରେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଅଶୋକ ଦାସ ଫାଉଣ୍ଡେସନ ସଚିବ ତଥା ବିଜେଡି ନେତା ଭବ ପ୍ରସାଦ ଦାସ, କୋରେଇ ବ୍ଲକ କଂଗ୍ରେସ କମିଟି ସଭାପତି ହରେକୃଷ୍ଣ ସାହୁ, ବ୍ୟାସନଗର ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡ଼ା, ଓଡ଼ିଶା ଜନତା କଂଗ୍ରେସ ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି, ପୂର୍ବତନ କୋରେଇ ବ୍ଲକ ଅଧ୍ୟକ୍ଷା ଅପର୍ଣ୍ଣା ମହାନ୍ତି, ବରିଷ୍ଠ ସାମ୍ବାଦିକ ଅଭୟ କୁମାର ପତି, ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟଙ୍କ ସମେତ କୋରେଇ ପ୍ରେସ କ୍ଲବ, ବ୍ୟାସନଗର ର ବିଭିନ୍ନ ସାମ୍ବାଦିକ ସଂଗଠନ, କୋରାଇ ମଣ୍ଡଳ ସାହିତ୍ୟ ସଂସଦ ଓ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରି ପରିବାରକୁ ସମବେଦନା ଜଣାଇଛନ୍ତି।

## ମଣ୍ଡି କାର୍ଡ ପାଇଁ ରାତି ଅନିଦ୍ରା ଚାଷୀ

# ରାତି ଅଧରେ ଲ୍ୟାମ୍ପସ୍ ଆଗରେ ଲମ୍ବା ଧାଡ଼ି

ବିଞ୍ଝାରପୁର, ୩୦।୮ (ସମିସ)



ଦିନରେ ଜମିରେ ଚାଷ କାମ, ଆଉ ରାତିରେ ମଣ୍ଡି କାର୍ଡ ପାଇଁ ଚିନ୍ତା। ଚାଷ କାମ ଓ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଏହି ଦୁଇଟି ଦାୟିତ୍ୱ ମଧ୍ୟରେ ଅଟକି ଯାଇଛନ୍ତି ବିଞ୍ଝାରପୁର ବ୍ଲକର ଅନ୍ନଦାତା। ମଣ୍ଡି କାର୍ଡ ପାଇଁ ରାତି ଅନିଦ୍ରା ହୋଇ ଲ୍ୟାମ୍ପସ୍ ଓ ସମବାୟ ସମିତି ଆଗରେ ଧାଡ଼ି ବାନ୍ଧିବାକୁ ପଡୁଛି ଚାଷୀଙ୍କୁ। ରାତି ଅଧରେ ଲ୍ୟାମ୍ପସ୍ ଆଗରେ ଚାଷୀଙ୍କ ଏଭଳି ଭିଡ଼ର ଚିତ୍ର ଅରେଇ, ଉତଙ୍ଗରା, ଗୁହଳି, ରଘୁନାଥପୁର ଆଦି କୃଷି ସମବାୟ ସମିତିରେ ଦେଖିବାକୁ ମିଳିଛି। ଏହା ସହ ଦିନରେ ମଧ୍ୟ ମହିଳା ଚାଷୀଙ୍କୁ ଦେଖିବାକୁ ମିଳୁଛି।

ଧାନ ବିକ୍ରି ପାଇଁ ଚାଷୀଙ୍କ ପଞ୍ଜୀକରଣର ଶେଷ ତାରିଖ ଅଗଷ୍ଟ ୩୧ ରହିଥିଲା। ଏଥିପାଇଁ ପଞ୍ଜୀକରଣ କରାଇବା ପାଇଁ ରାତି ତମାମ ବିଭିନ୍ନ ସମବାୟ ସମିତି ଓ ଲ୍ୟାମ୍ପସ୍ ଆଗରେ ଧାଡ଼ି ଲଗାଉଛନ୍ତି ଚାଷୀ। ଦିନରେ ଜମିରେ ଚାଷ କାମ ସାରିବା ପରେ ରାତିରେ ପଞ୍ଜିକରଣ ପାଇଁ ସୋସାଇଟି ଦୌଡ଼ିବାକୁ ପଡୁଛି। ଏହାରି ଭିତରେ ନେଟୱାର୍କ ସମସ୍ୟା ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। କେତେବେଳେ ନେଟ୍‌ୱାର୍କ ରହୁନାହିଁ ତ ଆଉ କେତେବେଳେ ଅତ୍ୟନ୍ତ ଧୀର ଗତିରେ ଚାଲୁଛି। ଫଳରେ ଅନଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ଠିକ୍ ଭାବେ ହୋଇପାରୁନାହିଁ। ବିଞ୍ଝାରପୁର ବ୍ଲକରେ ଗତବର୍ଷ ପ୍ରାୟ ୬ ହଜାର ୩ ଶହ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିଲେ। ଚଳିତବର୍ଷ ଏପର୍ଯ୍ୟନ୍ତ ପ୍ରାୟ ୪ ହଜାର ୩ ଶହ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଆହୁରି ବହୁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ରହିଥିବା ସୋସାଇଟି କର୍ତ୍ତୃପକ୍ଷ କହିଛନ୍ତି। ଶେଷ ତାରିଖ ପୂର୍ବରୁ ସମସ୍ତ ଚାଷୀଙ୍କ ପଞ୍ଜୀକରଣ ସମ୍ଭବ ହେବ କି ନାହିଁ, ତାହାକୁ ନେଇ ମଧ୍ୟ ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ଚାଷୀଙ୍କ ପଞ୍ଜୀକରଣ ପାଇଁ ସୋସାଇଟି କର୍ମଚାରୀମାନେ ମଧ୍ୟ ଦିନରାତି କାର୍ଯ୍ୟ କରୁଛନ୍ତି। ନେଟୱାର୍କ ଓ ସର୍ଭର ସମସ୍ୟା ଯୋଗୁଁ ଚାଷୀଙ୍କ କାମ ଠିକ୍ ସମୟରେ ହୋଇପାରୁନଥିବାରୁ ବିଭିନ୍ନ ସମୟରେ କର୍ମଚାରୀମାନେ ଚାଷୀଙ୍କ ଆକ୍ରୋଶର ଶିକାର ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଚାଷୀଙ୍କ ଦାବିକୁ ସମ୍ମାନ ଜଣାଇ ଏହି ପଞ୍ଜୀକରଣ ପାଇଁ ଆଗାମୀ ୧ ସପ୍ତାହ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି।

**ପବିତ୍ର ନିଖିଳ ଭାରତ "ସ୍ୱାୟତ୍ତ ଶାସନ ଦିବସ-୨୦୨୬"**
**ଅବସରରେ ବ୍ୟାସନଗରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା**
**ବ୍ୟାସନଗର ପୌର ପରିଷଦ, ବ୍ୟାସନଗର**

ପୌରବାସୀଙ୍କୁ ନିବେଦନ -
୧. "ମୋ ଅଳିଆ ମୋ ଦାୟିତ୍ୱ" ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଓ ପ୍ଲାଷ୍ଟିକ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ୍ ଭିତରେ ନ ପକାଇ ପୌରପାଳିକାର ନିୟୋଜିତ ଗାଡ଼ିକୁ ହସ୍ତାନ୍ତର କରନ୍ତୁ।
୨. ହୋଟେଲ୍ ଓ ବହୁତଳ ପ୍ରାସାଦ ଗୁଡ଼ିକ ନିଜର ଡ଼ଷ୍ଟବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କଂପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ।
୩. ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡ଼ନ୍ତୁ ନାହିଁ।
୪. ରାସ୍ତା କଡ଼ରେ ଘର ତିଆରି ଉପକରଣ ଯଥା-ବାଲି, ଗୋଡ଼ି, ଇଟା ଇତ୍ୟାଦି ମହଜୁଦ କରନ୍ତୁ ନାହିଁ।
୫. ପୌର ପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ।
୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନ ମାନେ ସେମାନଙ୍କ ଲାଇସେନସ୍ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇନିଅନ୍ତୁ।
୭. ବାହ୍ୟଶୌଚରୁ ନିବୃତ୍ତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୮. ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।
୯. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦ ତରଫରୁ ଭଡ଼ାସୂତ୍ରରେ ସେସପୁଲ୍ ବ୍ୟବହାର କରନ୍ତୁ।
୧୦. ଘରୋଇ ପାଇଖାନା ଗୁଡ଼ିକର ଆବର୍ଜନା ପାଣି ଡ୍ରେନକୁ ଛାଡ଼ନ୍ତୁ ନାହିଁ।

ଶ୍ରୀଯୁକ୍ତ ରଣଜିତ୍ କୁମାର ମଲ୍ଲିକ (ଓ.ପ୍ର.ସେ)
ନିର୍ବାହୀ ଅଧିକାରୀ
ବ୍ୟାସନଗର ପୌର ପରିଷଦ

ସମସ୍ତ ସଭ୍ୟା ଓ ସଭ୍ୟ ବୃନ୍ଦ
ବ୍ୟାସନଗର ପୌର ପରିଷଦ

ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ବଳ
ଅଧ୍ୟକ୍ଷ
ବ୍ୟାସନଗର ପୌର ପରିଷଦ

### ପୂଜା ଚାନ୍ଦା ପାଇଁ ଉତ୍ପାତ; ୩.୫୦ ଲକ୍ଷ ଟଙ୍କା ଲୁଟ୍

# କ୍ଲବ ପିଲାଙ୍କ ମାଡ଼ରେ ଯୁବକ ଲହୁଲୁହାଣ

ଦାନଗଦି, ୩୦।୮ (ସମିସ):

ଗଣେଶ ପୂଜା ଚାନ୍ଦାକୁ ନେଇ ଜଣେ ଯୁବକକୁ ବୁଧବାର ରାତିରେ ମାନପୁର ଗାଁର କିଛି ଅସାମାଜିକ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଗୁରୁତର ଭାବେ ଆହତ ଯୁବକକୁ ପୁଲିସ ଉଦ୍ଧାର କରି ପ୍ରଥମେ ଦାନଗଦି ଓ ପରେ କଟକ ବଡ଼ ମେଡିକାଲକୁ ପଠାଇଛନ୍ତି। ଘଟଣାକୁ ୫ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି। ଗୁରୁତର ଆହତ ଯୁବକ ଜଣକ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛି। ଶୁକ୍ରବାର ସନ୍ଧ୍ୟାରେ ଅଭିଯୁକ୍ତମାନେ କୁଟେଇସୁଣୀ କ୍ଲବ ଘରେ ଭୋଜିଭାତ କରି ଖାଉଥିବାର ପୁଲିସ ଖବର ପାଇ ଅଚାନକ ଚଢ଼ଉ କରିଥିଲା। ହେଲେ ପୁଲିସ ଗାଡ଼ିକୁ ଦେଖି ସେମାନେ ଖସି ପଳାଇଥିଲେ। ସେମାନେ ବ୍ୟବହାର କରୁଥିବା ୯ଟି ଦାମୀ ବାଇକ୍‌କୁ ପୁଲିସ ଜବତ କରିଛି।





ଘଟଣାରୁ ପ୍ରକାଶ ଯେ ଧୂଳିଗଡ଼ ପଞ୍ଚାୟତ ବେଙ୍ଗପାଟିଆ ଗାଁର ଶ୍ରୀନିବାସ ରାୟ ଜିନ୍ଦଲ କାରଖାନାରେ ଟ୍ରେନ୍ ଲାଇନ୍ ବଗିରେ କୋଇଲା ଗୁଣ୍ଡ ଉପରେ ପାଲ ଘୋଡାଇବା କାମ ଦେଢ଼ ମାସ ହେଲା ନେଇଛନ୍ତି। ଆଗକୁ ଗଣେଶ ପୂଜା ଥିବାରୁ ମାନପୁର କୁଟେଇସୁଣୀ କ୍ଲବର ପିଲାମାନେ ବୁଧବାର ସନ୍ଧ୍ୟାରେ ଚାନ୍ଦା ପାଇଁ ଏକ ବୈଠକ ଡାକିଥିଲେ। ଏଥିରେ ଶ୍ରୀନିବାସକୁ ମଧ୍ୟ ଡାକିଥିଲେ। ଶ୍ରୀନିବାସ ଏବଂ ତାର ସଢୁ ଦୁହେଁ ଏହି ମିଟିଂକୁ ଯାଇଥିଲେ। ସେଠାରେ ପହଞ୍ଚିବା ମାତ୍ରେ କମିଟି ସଦସ୍ୟ ମାନେ ତାକୁ ୬ ଲକ୍ଷ ଟଙ୍କା ଚାନ୍ଦା ମାଗିଥିଲେ। ଏଥିରେ ଶ୍ରୀନିବାସ ରାଜି ନ ହେବାରୁ ତାକୁ 'କାମ ନେଉଛୁ କାହିଁକି, ଚାନ୍ଦା ଦେବୁନୁ?' କହିକି ନିସ୍ତୁକ ମାଡ଼ ମାରିଥିଲେ। ଅବଭ୍ୟ ଭାଷାରେ ଗାଳିଗୁଲଜ କରି ଟଙ୍କା ନ ଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। କାହିଁକି ମାରୁଛ ବୋଲି ସାଙ୍ଗରେ ଯାଇଥିବା ଶ୍ରୀନିବାସର ସଢୁ କହିବାରୁ ତାଙ୍କୁ ମଧ୍ୟ ନିର୍ଦ୍ଧୁମ ମାଡ଼ ମାରିଥିଲେ। ଶେଷରେ ନିକଟସ୍ଥ ଜଙ୍ଗଲ ଭିତରକୁ ନେଇ ଶ୍ରୀନିବାସକୁ ଆହୁରି ପିଟିଥିଲେ। ଧୂଳିଗଡ଼ ପଞ୍ଚାୟତର ପ୍ରତାପ ପାତ୍ର, କାଶୀନାଥ ମୁଣ୍ଡା, ଲୁଲୁ ଧୀର ଓ ବିଶୁ ମଣ୍ଡଳ ଏବଂ ଅନ୍ୟମାନେ ମିଶି ଏଭଳି ଘଟଣା ଘଟାଇଥିବା ଅଭିଯୋଗ କରିଛନ୍ତି। ପରେ ଶ୍ରୀନିବାସଙ୍କ ସମ୍ପର୍କୀୟ ମାନଙ୍କଠାରୁ ମୋବାଇଲକୁ ଫୋନ ପେ ମାଧ୍ୟମରେ ପ୍ରତାପ ପାତ୍ର ଓ କାଶୀନାଥ ମୁଣ୍ଡା ୩ ଲକ୍ଷ ୫୦ ହଜାର ଟଙ୍କା ନେବା ପରେ ଜାଗା ଛାଡ଼ି ଚାଲିଯାଇଥିଲେ। ଶ୍ରୀନିବାସର ସଢୁ

## ୯ ବାଇକ୍ ଜବତ; ଅଭିଯୁକ୍ତ ଫେରାର

ତାକୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ସେମାନେ ପହଞ୍ଚି ଶ୍ରୀନିବାସକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଦାନଗଦି ଡାକ୍ତରଖାନାକୁ ନେଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା ବୋଲି ଶ୍ରୀନିବାସର ଭାଇ ସୁଦାମ ରାୟ ଯାଜପୁର ରୋଡ୍ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ୫୧୪ /୨୦୨୬ ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ପୁଲିସ କହିଛି।

### ■ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳରୁ ବଞ୍ଚିତ ଦୁଇ ଆଦିବାସୀ ଗ୍ରାମ

# ଜିଲ୍ଲାପାଳଙ୍କୁ ରିପୋର୍ଟ ମାଗିଲା ଜାତୀୟ ଅନୁସୂଚିତ ଜନଜାତି ଆୟୋଗ

ଯଖପୁରା,୩୦।୮ (ସମିସ): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଚାନ୍ଦିଆ ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରସାହି ଓ ଅରାସାହି ଗ୍ରାମର ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଲୋକେ ଦୀର୍ଘ ୧୦ ବର୍ଷ ଧରି ମୌଳିକ ଅଧିକାରରୁ ବଞ୍ଚିତ ଥିବା ଅଭିଯୋଗ ଏବେ ଜାତୀୟ ସ୍ତରରେ ପହଞ୍ଚିଛି। ଶିକ୍ଷା, ସ୍ୱାସ୍ଥ୍ୟ, ନିରାପଦ ପାନୀୟଜଳ ଓ ଆବାସ ଭଳି ମୌଳିକ ସୁବିଧା ନମିଳିବା ସହ ଶିଳ୍ପ ପ୍ରଦୂଷଣ ଯୋଗୁଁ ଗ୍ରାମବାସୀଙ୍କ ଜୀବନ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏହି ଘଟଣା ସମ୍ପର୍କରେ ଯାଜପୁରର ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ୧୭ ଜୁଲାଇ ୨୦୨୬ରେ ନୂଆଦିଲ୍ଲୀସ୍ଥିତ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ନିକଟରେ ଅଭିଯୋଗ ଦାଖଲ କରି ଦୁଇ ଗ୍ରାମର ଲୋକଙ୍କ ମୌଳିକ ଅଧିକାର ସୁନିଶ୍ଚିତ କରିବାକୁ ଦାବି କରିଥିଲେ। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଏବେ ଯାଜପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କଠାରୁ ଘଟଣା ସମ୍ପର୍କରେ ରିପୋର୍ଟ ମାଗିଛି।

ଅଭିଯୋଗ ଅନୁଯାୟୀ, ଟାଙ୍ଗରସାହି ଓ ଅରାସାହିରେ ଦୀର୍ଘ ୧୦ ବର୍ଷ ଧରି ଶିକ୍ଷା ବ୍ୟବସ୍ଥାର ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଗ୍ରାମ ନିକଟରେ ପ୍ରାଥମିକ ବିଦ୍ୟାଳୟ ନଥିବାରୁ ପିଲାମାନଙ୍କୁ ୮ କିଲୋମିଟରରୁ ଅଧିକ ଦୂରକୁ ଯାଇ ପାଠ ପଢ଼ିବାକୁ ପଡୁଛି। ଛୋଟ ପିଲାଙ୍କ ପାଇଁ ଏତେ ଦୂର ଯାତାୟାତ କରିବା କଷ୍ଟକର ହୋଇଥିବାରୁ ଅନେକ ଶିଶୁ ସ୍କୁଲରେ ନାମ ଲେଖାଇଥିଲେ ମଧ୍ୟ ପରେ ପାଠପଢ଼ା ଛାଡ଼ି ଦେଇଥିବା ଅଭିଯୋଗ ରହିଛି। ଦୁଇ ଗ୍ରାମରେ ୫୦ରୁ ଅଧିକ ଶିଶୁ ସ୍କୁଲ ଡ୍ରପ୍‌ଆଉଟ୍ ହୋଇଥିବା ଅଭିଯୋଗ ହୋଇଛି। ସମସ୍ତ ଶିଶୁଙ୍କୁ ନିୟମିତ ଓ ନିରାପଦ ଭାବେ ସ୍କୁଲ ଯିବାର ସୁଯୋଗ ଦେବା ପାଇଁ ପ୍ରଶାସନିକ ପଦକ୍ଷେପ ଆବଶ୍ୟକ ବୋଲି ଦାବି ହୋଇଛି। ସେହିପରି ଦୁଇ ଗ୍ରାମରେ ଉପଯୁକ୍ତ ସ୍ୱାସ୍ଥ୍ୟସେବାର ଅଭାବ ଥିବା ମଧ୍ୟ ଅଭିଯୋଗ ହୋଇଛି। ଗ୍ରାମ ଆଖପାଖରେ ୫ରୁ ଅଧିକ ବୃହତ୍ ଇସ୍ପାତ ଶିଳ୍ପ ଓ ୧୫ରୁ ଅଧିକ ଛୋଟ କାରଖାନା ରହିଥିବାରୁ ବାୟୁ ପ୍ରଦୂଷଣ ଗ୍ରାମବାସୀଙ୍କ ଜୀବନ ଓ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ଅଭିଯୋଗ ଆସିଛି। ନିରାପଦ ପାନୀୟଜଳର ଅଭାବ ମଧ୍ୟ ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇଛି। ଅନେକ ପରିବାର ଏବେ ମଧ୍ୟ କଚ୍ଚା ଘରେ ବସବାସ କରୁଥିବାବେଳେ ପକ୍କା ଘରର ସୁବିଧାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ମଣ୍ଟୁ ଦାସଙ୍କ ଅଭିଯୋଗ ଉପରେ ପଦକ୍ଷେପ ନେଇ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଯାଜପୁର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ମାମଲାର ତଦନ୍ତ କରିବା ସହ ୧୦ ଦିନ ମଧ୍ୟରେ ନେଇଥିବା ପଦକ୍ଷେପ ରିପୋର୍ଟ ଆୟୋଗ ନିକଟରେ ଦାଖଲ କରିବାକୁ କହିଛି। ରିପୋର୍ଟ ଡାକ ଯୋଗେ, ଇ-ମେଲ୍ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଏହି ନୋଟିସର ଗୁରୁତ୍ୱପୂର୍ଣ୍ଣ ପକ୍ଷ ହେଉଛି ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲ୍ଲାପାଳଙ୍କଠାରୁ ଉତ୍ତର ନମିଳିଲେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୩୮ଏ-ର ଧାରା ୮ ଅନୁଯାୟୀ ଆୟୋଗକୁ ପ୍ରଦତ୍ତ ସିଭିଲ୍ କୋର୍ଟର କ୍ଷମତା ପ୍ରୟୋଗ କରି ହାଜର ହେବା ପାଇଁ ସମନ୍ ଜାରି କରାଯାଇପାରେ ବୋଲି ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି।

### ● ଛାତ୍ରଙ୍କ କଳାଚାତୁରୀ

## ଗଣେଶଙ୍କ ହାତରେ ଶୋଭାପାଉଛନ୍ତି 'ଶ୍ରୀଗଣେଶ'



ପାଣିକୋଇଲି, ୩୦।୮ (ସମିସ): ନିଜ ହାତରେ ମୂର୍ତ୍ତି ତିଆରି କରି ପୂଜା କରିଆସୁଥିବା ଛାତ୍ର ରାହୁଲ (ଗଣେଶ) ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ନିଜ ହାତରେ ବିଘ୍ନହର୍ତ୍ତାଙ୍କ ମୂର୍ତ୍ତି ତିଆରି କରିବାରେ ବ୍ୟସ୍ତ ରହିଛନ୍ତି। ଗଣେଶ ପାଣିକୋଇଲିସ୍ଥିତ ଦାମୋଦରପୁର ଗ୍ରାମର ମଧୁସୂଦନ ମାଝୀ ଓ ମମତା ମାଝୀଙ୍କର ଜ୍ୟେଷ୍ଠ ପୁତ୍ର ହୋଇଥିବା ବେଳେ ପାଣିକୋଇଲିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ ରତ। ତେବେ ବିନା କୌଣସି ପ୍ରେରଣାରେ ଓ ପ୍ରୋତ୍ସାହନରେ ନିଜର ଜ୍ଞାନ ଓ କଳାକୁ ଆଧାର କରି ଗଣେଶ ପ୍ରତିବର୍ଷ ସୁନ୍ଦର ସୁନ୍ଦର ମୂର୍ତ୍ତୀ ତିଆରି କରି ପୂଜା କରିଥାନ୍ତି ଓ ଉକ୍ତ ନିର୍ମାଣରେ ତାଙ୍କର ସାନଭାଇ ସାଇ ଶୁଭମ (ମୂଷା) ସହଯୋଗ କରିଥାନ୍ତି। ଯଦି ରାଜ୍ୟ ସରକାରଙ୍କ କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ଗଣେଶଙ୍କୁ ସହାୟତା ମିଳନ୍ତା ତେବେ ସେ ଉକ୍ତ ମୂର୍ତ୍ତି ନିର୍ମାଣରେ ଆଗକୁ ବଢ଼ିପାରନ୍ତେ ବୋଲି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ପ୍ରକାଶ କରିଛନ୍ତି।

## ଶକ୍ତିଶ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ପାଣିକୋଇଲି,୩୦।୮ (ସମିସ): ପାଣିକୋଇଲି ସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ଶକ୍ତିଶ୍ରୀ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଯୁକ୍ତ ଦୁଇ ଅଧକ୍ଷା ବସନ୍ତ ମଞ୍ଜରୀ ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଦିଗରେ ବିଭିନ୍ନ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମଦନ ମୋହନ ପାତ୍ର ଯୋଗଦେଇ ବାଳିକା ପ୍ରଶିକ୍ଷଣ ଶିବିର ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସୋମନାଥ ପତି, ବାଣିଜ୍ୟ ବିଭାଗ ଅଧ୍ୟାପକ ସମରେନ୍ଦ୍ର ଦାସ, ପ୍ରାକ୍ତନ ଅଧ୍ୟାପକ ଗୌରହରି ମହାପାତ୍ର, ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ସସ୍ମିତା ଦାସ, ପ୍ରଶିକ୍ଷଣ ଶିବିର ସଂଯୋଜିକା ଅଧ୍ୟାପିକା ସୁଶ୍ରୀ ସଂଗୀତା ନନ୍ଦ, ଶକ୍ତିଶ୍ରୀ ସାଥି ଗୌରୀପ୍ରିତା ବାରିକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମକାନ୍ତ ବିଶ୍ୱାଳ, ଶକ୍ତିମୟୀ ଜେନା, ରଶ୍ମିତା ଧଳ, ଶୁଭକାନ୍ତ ପାତ୍ର, ରଶ୍ମିରଂଜନ ମହାପତ୍ର, ସ୍ୱାଗତିକା ପାତ୍ର, ସୀମା ତରାଇ, ସୁବାସିନୀ ପୃଷ୍ଟି, ସତ୍ୟବ୍ରତ ଦାସ, ସତ୍ୟଜିତ ମହାନ୍ତିଙ୍କ ସମେତ ସମସ୍ତ ଅଧ୍ୟାପକ/ଅଧ୍ୟାପିକ ଓ କର୍ମଚାରୀ ସହଯୋଗ କରିଥିଲେ। ପ୍ରଶିକ୍ଷିକା ସୌଦାମିନୀ ଦାସ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଅଧ୍ୟାପିକା ସାଗରିକା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁରରେ ସାଇକଲ ଶୋଭାଯାତ୍ରା

ଯାଜପୁର,୩୦।୮ (ସମିସ): ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଯାଜପୁର ଜିଲ୍ଲା କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଏକ ସାଇକଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ରାଲିକୁ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲିଟି ବରାହ ମନ୍ଦିରରୁ ଇନଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜାତୀୟ କ୍ରୀଡ଼ା ଦିବସ-୨୦୨୬ ଅବସରରେ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ପାଳନ, ଶାରୀରିକ ସୁସ୍ଥତା, ସାଧାରଣ ଜୀବନଶୈଳୀ, ପରିବେଶ ସଚେତନତା ଏବଂ ଯୁବସମାଜକୁ କ୍ରୀଡ଼ା ପ୍ରତି ଉତ୍ସାହିତ କରିବା ପାଇଁ ଏହି ରାଲି ସହାୟକ ହୋଇପାରିବ। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଯେଉଁଥିରେ ଛାତ୍ରଛାତ୍ରୀ, କ୍ରୀଡାବିତ୍ ଓ ବିଭାଗୀୟ ଅଧିକାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଯୁବପିଢ଼ି ମଧ୍ୟରେ ସୁସ୍ଥତା ଓ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ରାଲିକୁ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ପରିଚାଳନା କରିଥିଲେ।



## ହାଇମାଷ୍ଟ ଲାଇଟ୍ ଲୋକାର୍ପିତ



ଯାଜପୁର,୩୦।୮ (ସମିସ): ଆସନ୍ତାକାଲି ସ୍ୱାୟତ୍ତ ଶାସନ ଦିବସ ହୋଇଥିବା ବେଳେ ଆଜି ଯାଜପୁର ଯାଜପୁର ପୌରପାଳିକା ପକ୍ଷରୁ ୨୨ଟି ମିନି ହାଇମାଷ୍ଟ ଲାଇଟ୍ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଗାନ୍ଧୀଛକରେ ଯାଜପୁର ପୌରପାଳିକାର ପୌରାଧକ୍ଷା ରଞ୍ଜୁଲତା ହୋତା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ପୌର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ ଯୋଗ ଦେଇ ସହରରେ ଆଲୋକିକରଣ ପାଇଁ ବିଭିନ୍ନ ଛକ ମାନଙ୍କରେ ୨୨ଗୋଟି ଲାଇଟ୍ ଲୋକାର୍ପିତ ହୋଇଥିବା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୌରପାଳିକାର ସମସ୍ତ ପାରିଷଦ ଉପସ୍ଥିତ ଥିଲେ। ଏହି ଲାଇଟ୍ ଉଦଘାଟନ ଫଳରେ ସମଗ୍ର ସହର ଆଲୋକିତ ହୋଇପାରିବ ଏବଂ ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଜୁ ଜନତା ଦଳର କର୍ମୀ ମାନେ ଉପସ୍ଥିତ ଥିଲେ।

# ବିଜେଡିରେ ମିଶିଲେ ଶତାଧିକ କର୍ମୀ

ବଡ଼ଚଣା,୩୦।୮ (ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସାଉଡ଼ିଆ ଗ୍ରାମପଞ୍ଚାୟତ ମୂଷାଟିଗିରି ଗ୍ରାମରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ୍ ନାରାୟଣ ମହାପାତ୍ରଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଶତାଧିକ ବିଜେପି ଓ କଂଗ୍ରେସ ଦଳର କର୍ମୀ ଆଜି ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ବରଦା ପ୍ରସାଦ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ କ୍ୟାପଟେନ ରାଜ୍ ନାରାୟଣ ମହାପାତ୍ର ଯୋଗଦେଇ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟ ମାନଙ୍କ ମଧ୍ୟରେ, ବଡଚଣା ବ୍ଲକ୍ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ, କୋଲଣଗିରି ସରପଞ୍ଚ ଜ୍ଞାନ ରଂଜନ ସାହୁ ଉପ ସଭାପତି ଧୁଳେଶ୍ୱର ଦାସ, ଜିଲ୍ଲା ସଂପାଦକ ସଂଜୟ କୁମାର ସ୍ୱାଇଁ, ସମିତିସଭ୍ୟ ଜଗନ୍ନାଥ ମୁଦୁଲି, ପ୍ରଦୀପ୍ତ କୁମାର ମହାନ୍ତି, ଜୀବନ ମହାପାତ୍ର, ସୁଲତାନ ଶୈଫୁଲା ପ୍ରମୁଖ ଯୋଗଦେଇ ଯୋଗଦେଇଥିବା କର୍ମୀ ମାନଙ୍କୁ ସ୍ୱାଗତ କରିଥଲେ।



# ଓଲଟିଲା ଯାତ୍ରୀବାହୀ ବସ୍; ୨୨ଆହତ, ୪ ଗୁରୁତର

ବଡ଼ଚଣା,୩୦।୮ (ସମିସ): ଆଜି ଅପରାହ୍ନ ୧୨ଟା ସମୟରେ ୧୬ନମ୍ବର୍ ଜାତୀୟ ରାଜପଥ କଢ଼େଇ ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ବସ୍‌ରେ ଥିବା ୨୬ଜଣ ଯାତ୍ରୀ ଆହତ ହେଇଥିଲେ। ଘଟଣାରୁ ପ୍ରକାଶ ଭୁବନେଶ୍ୱରରୁ ବାଲେଶ୍ୱର ଯାଉଥିବା ଓଡି଼୦୧ଟି୪୪୪୫ ସାରଦା ନାମକ ଯାତ୍ରୀବାହୀ ବସ୍ ୧୬ନମ୍ବର ଜାତୀୟ ରାଜପଥ କଢ଼େଇ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡିଥିଲା। ବସ୍‌ରେ ଥିବା ୨୬ଜଣ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ବଡଚଣା ପୁଲିସ, ଚଣ୍ଡିଖୋଲ ଅଗ୍ନିଶମ ବାହିନୀର କର୍ମଚାରୀ, ସ୍ଥାନୀୟ ଲୋକ ମାନେ ଆହତମାନଙ୍କୁ ନିକଟସ୍ଥ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଆହୋତ ମାନଙ୍କ ମଧ୍ୟରୁ ୪ଜଣଙ୍କର ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରଣ କରାଯାଇଛି।



## ଦିଲ୍ଲୀପଙ୍କୁ ଭେଟି ସହାୟତା ପ୍ରତିଶ୍ରୁତି

ବ୍ରହ୍ମବରଦା,୩୦।୮ (ସମିସ): ବିନ୍ଧଡିଅ ପଞ୍ଚାୟତର ବ୍ୟବସାୟ ଦିଲ୍ଲୀପ ସାହୁ ମଧୁମେହରେ ପୀଡ଼ିତ ହୋଇ ଗୋଡ ହରାଇବା ପରେ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ଗୋଡ଼ ହରାଇବାରୁ ଦୋକାନ ବନ୍ଦ କରିବାକୁ ପଡିଲା ଏବଂ ପରିବାର ଆର୍ଥିକ ଅନଟନରେ ପଡିଲା। ଏହି ଖବର ପାଇ ରାଜ୍ୟ ବିଜେପି ମୁଖପାତ୍ର ମନୋଜ ମହାପାତ୍ର ତାଙ୍କ ବାସଭବନରେ ପହଞ୍ଚି ଦିଲ୍ଲୀପଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ତାଙ୍କୁ ସାନ୍ତ୍ୱନା ଦେଇଛନ୍ତି। ତାଙ୍କୁ ଶୀଘ୍ର ଏକ ବ୍ୟାଟେରୀ ଚାଳିତ ଗାଡି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯାହା ଦ୍ୱାରା ସେ ପୁଣି ନିଜ ଗୋଡରେ ଛିଡା ହୋଇ ଜୀବିକା ନିର୍ବାହ କରିପାରିବେ। ଦିଲ୍ଲୀପଙ୍କ ପାଇଁ ସରକାରୀ ଯୋଜନା ଏବଂ ବ୍ୟକ୍ତିଗତ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ଧର୍ମଶାଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଧର୍ମଶାଳା,୩୦।୮ (ସମିସ): ଧର୍ମଶାଳା ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ଆଜି କଲେଜ ପରିସରରେ ଅନିଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ସୁରେଶ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ସଙ୍ଗୀତ ଶିକ୍ଷକ ପୀତବାସ କର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟବକ୍ତା ଭାବରେ ମହାବିଦ୍ୟାଳୟର ପୂର୍ବତନ ଇଂରାଜୀ ବିଭାଗର ଅଧ୍ୟାପକ ମନୋରଞ୍ଜନ ମହାନ୍ତି ପିଲାମାନଙ୍କୁ କିପରି ଜଣେ ଉତ୍ତମ ମଣିଷ ହୋଇ କଲେଜର ନାମକୁ ଗୌରବାନ୍ୱିତ କରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ନିଜର ସମ୍ଭାଷଣ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ. ବସନ୍ତ କୁମାର ତ୍ରିପାଠୀ। ମହାବିଦ୍ୟାଳୟର ପୁରାତନ ଅଧକ୍ଷ ଜୟନ୍ତ କୁମାର ସାହୁ, ପୂର୍ବତନ ଅଧ୍ୟାପକ ଅରବିନ୍ଦ ମହାନ୍ତି, ପୂର୍ବତନ କଲେଜ୍ କର୍ମଚାରୀ ମନୋରଞ୍ଜନ ପାଣିଗ୍ରାହୀ, ପ୍ରଦୀପ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର କାର୍ଯ୍ୟରତ ସମସ୍ତ ଅଧ୍ୟାପକ ସନ୍ତୋଷ କୁମାର ଦାଶ, ଚତୁର୍ଭୁଜ ବେହେରା, ପ୍ରଦୀପ ସାମଲ, ରେଖାରାଣୀ ଖୁଣ୍ଟିଆ, ଅଧ୍ୟାପକ ବିଶ୍ୱଜିତ୍



ଦାସ, ଅଧ୍ୟାପିକା ସସ୍ମିତା ସାମଲ, ଅଧ୍ୟାପିକା ଲିନା ରାୟ, ସସ୍ମିତା ପଣ୍ଡା, ରେଖାରାଣୀ ଖୁଣ୍ଟିଆ, ଦେବସ୍ମିତା ନାୟକ ଶ୍ରୀପଦା ପ୍ରିୟଦର୍ଶିନୀ ଅଧ୍ୟାପକ ମିହିରକାନ୍ତ ରାଉତ୍, ଅଧ୍ୟାପକ ଆଶିଷ କୁମାର୍ ଦାସ ଅଧ୍ୟାପକ ମୃତ୍ୟୁଞ୍ଜୟ ଦାସ, ଅଧ୍ୟାପକ ଦୀପକ୍ କୁମାର ଶତପଥୀ, ଅଧ୍ୟାପକ ମାନସ କୁମାର ଷଡଙ୍ଗୀ, ଅଧ୍ୟାପକ ଶ୍ରୀଧର ମହାକୁଡ଼, ଅଧ୍ୟାପକ ଅମୀୟ ପଣ୍ଡା, ଅଧ୍ୟାପିକା ସୁପ୍ରିୟା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଲୀନା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କବାଟବନ୍ଧ/ଧର୍ମଶାଳା,୩୦।୮ (ସମିସ): ଗତ ଶୁକ୍ରବାର ଅପରାହ୍ନରୁ ବ୍ରାହ୍ମଣୀ ନଦୀରେ ଗାଧୋଇବା ସମୟରେ ଭାସି ଯାଇଥିବା ଜେନାପୁର ଗ୍ରାମର ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଥିବା ଜଣାପଡିଛି। ନିଖୋଜ ଦିନ ଠାରୁ ୩ ଦିନ ପରେ ଉକ୍ତ ଯୁବକଙ୍କ ମୃତ ଦେହ ମିଳିବା ପରେ ପରିବାର ଏବଂ ଗ୍ରାମରେ ଏକ ଶୋକକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁସାରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ ଜେନାପୁର ଗ୍ରାମର ବିଜୟ ଦଳାଇଙ୍କ ପୁଅ ପ୍ରତାପ ଦଳାଇ (୨୧) ଏବଂ ସେହି ଗ୍ରାମର ଶାନ୍ତନୁ ଏବଂ ସିଦ୍ଧାନ୍ତ ଦଳାଇ ଶୁକ୍ରବାର ସାଙ୍ଗ ହୋଇ ନଦୀରେ ଗାଧୋଇବା ବେଳେ ଅସାବଧାନତା ହେତୁ ନଦୀରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଶାନ୍ତନୁ ଏବଂ ସିଦ୍ଧାନ୍ତଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ମାତ୍ର ପ୍ରତାପ ସେହି ଦିନ ଠାରୁ ନିଖୋଜ ଥିଲେ। ଅଗ୍ନିଶମ ବିଭାଗ ଲଗାତାର ଦୁଇ ଦିନ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ ପ୍ରତାପର କୌଣସି ସନ୍ଧାନ ମିଳି ନ ଥିଲା। ରବିବାର ସକାଳୁ ଧର୍ମଶାଳା ଥାନା ଅଧୀନ ଦେଓଦା ନିକଟରେ ବ୍ରାହ୍ମଣୀ ନଦୀର ଶାଖା କେଲୁଅ ନଦୀରେ ଏକ ମୃତଦେହ ଭାସୁଥିବା ଦେଖି ଧର୍ମଶାଳା ଥାନା କୁ ଖବର ଦେଇଥିଲେ। ଧର୍ମଶାଳା ପୋଲିସ ଏହାକୁ ଜେନାପୁର ଥାନାକୁ ଜଣାଇବା ପରେ ନିଖୋଜ ଥିବା ପ୍ରତାପ ପରିବାର ଏହା ପ୍ରତାପ ଦଳାଇ ବୋଲି ଚିହ୍ନଟ କରିଥିଲେ। ଉକ୍ତ ମୃତ ଦେହକୁ ଜବତ କରି ଜେନାପୁର ପୁଲିସ ୧୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଥିଲେ। ପ୍ରତାପର ଏଭଳି ଅସ୍ୱାଭାବିକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଶୋକକୁଳ ପରିବେଶ ସୃଷ୍ଟି ହୋଇଛି।

## ରକ୍ଷା କାଳୀ ମନ୍ଦିରରୁ ଚୋରି

ବରୁଆଁ,୩୦।୮ (ସମିସ): ଯାଜପୁର ସଦର ଥାନା ନିକଟସ୍ଥ ମା' ରକ୍ଷାକାଳୀ ମନ୍ଦିରରୁ ଗତ ୨୭ ତାରିଖ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୂଜକ ପ୍ରମୋଦ କୁମାର ମିଶ୍ରଙ୍କ ଅଭିଯୋଗ ମତେ ସେ ୨୮ ତାରିଖ ସକାଳୁ ମନ୍ଦିର ପୂଜା କରିବା ପାଇଁ ଆସି ଦ୍ୱାର ଖୋଲିବା ସମୟରେ ଦେଖିଲେ ଯେ ମନ୍ଦିର ମୁଖ୍ୟ ଗ୍ରୀଲର ଉପର ବାଟେ କେହି ଦୁର୍ବୃତ୍ତ ପଶି ମା'ଙ୍କର ଗୋଟିଏ ସୁନାହାର ସହିତ ମା' ପିନ୍ଧିଥିବା ସମସ୍ତ ରୁପା ଅଳଙ୍କାର ଚୋରି ହୋଇଥିବା ଜଣାପଡିଛି। ମନ୍ଦିର କମିଟିର ସହାୟତା କ୍ରମେ ପୂଜକ ଶ୍ରୀ ମିଶ୍ର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ସଦର ପୁଲିସ ୨୮୪/୨୬ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହିତ ସନ୍ଦେହରେ ଚିତାହଟା ଗ୍ରାମର ମଧୁସୂଦନ ରାଉତଙ୍କ ପୁଅ ରଞ୍ଜନ କୁମାର ରାଉତ (ଛୋଟା)ଙ୍କୁ ଥାନାକୁ ଆଣି ପଚରା ଉଚରା କରୁଥିବା ଜଣାପଡିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତଠାରୁ କିଛି ବି ଅଳଙ୍କାର ଜବତ ହୋଇନଥିବା ବେଳେ ସଦର ପୁଲିସର ନିଷ୍କ୍ରିୟତା ଓ ରାତ୍ରୀ ପାଟ୍ରୋଲିଂର ଅଭାବ ଯୋଗୁଁ ବାରମ୍ବାର ବିଭିନ୍ନ ମଠ ମନ୍ଦିରରୁ ଦେବା ଦେବୀ ମନ୍ଦିରରେ ଏଭଳି ଘଟଣା ମାନ ଘଟୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଆଗମୀ ଦିନରେ ସଦର ପୁଲିସ ଏ ସବୁ ଦିଗ ପ୍ରତି କଡା ନଜର ନ ରଖିଲେ ଏକ ଜନଆନ୍ଦୋଳନ ହେବ ବୋଲି ବୁଦ୍ଧିଜୀବୀ ଓ ସାଧାରଣ କହିଛନ୍ତି।

# ସୁନୀଲ ଓ ନୀଳମାଧବଙ୍କୁ ମିଳିଲା ମରଣୋତ୍ତର ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର

ଯାଜପୁର,୨୯।୮ (ସମିସ): ଡକାୟତଙ୍କ ସହ ଲଢ଼ି ଗୁଳିମାଡ଼ରେ ନିଜର ପ୍ରାଣବଳି ଦେଇଥିବା ଦୁଇ କର୍ମଚାରୀଙ୍କୁ ମରଣୋତ୍ତର ଭାବେ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି। ଏହି ଦୁଇ କର୍ମଚାରୀ ହେଲେ ସୁନୀଲ କୁମାର ରାୟ ଏବଂ ନୀଳମାଧବ ପଣ୍ଡା। ୨୦୨୫ ମସିହା ଜାନୁଆରୀ ୪ ତାରିଖରେ ବହୁଚର୍ଚ୍ଚିତ ପାଣିକୋଇଲିସ୍ଥିତ ପଣ୍ଡା ଅଳଙ୍କାର ଡକାୟତି ଓ ଗୁଳିକାଣ୍ଡ ଘଟଣାରେ ସୁନୀଲ ଓ ନୀଳମାଧବ ପ୍ରାଣବଳି ଦେଇଥିଲେ।

ଘଟଣାନୁସାରେ, ଉକ୍ତ ଦିନ ପୂର୍ବାହ୍ନ ସମୟରେ ତିନି ଜଣ ବିହାରୀ ଡକାୟତ ବନ୍ଧୁକ ଧରି ଲୁଟ୍ ଉଦ୍ଦେଶ୍ୟରେ ପଣ୍ଡା ଅଳଙ୍କାରରେ ପ୍ରବେଶ କରି ବିପୁଳ ପରିମାଣର ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ। ଦୋକାନର କର୍ମଚାରୀ ସୁନିଲ ରାୟ ଡକାୟତମାନଙ୍କ ପିଛା କରି ପାଣିକୋଇଲି ଛକ ନିକଟରେ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଡକାୟତମାନେ ନିଜ ବନ୍ଧୁକରୁ ସୁନିଲଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ସ୍ଥାନୀୟ ଗୋଳେଇପୁର ପଞ୍ଚାୟତ ସୋତି ଗାଁର ନୀଳମାଧବ ପଣ୍ଡାଙ୍କୁ ମଧ୍ୟ ଡକାୟତ ଗୁଳିମାଡ କରିଥିଲେ। ଉଭୟ ସୁନିଲ ଓ ନୀଳମାଧବଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ହାତରେ ଦୁଇ ଜଣ ଡକାୟତ ଧରାପଡିଥିଲା। ସୁନିଲ ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ କଳସଡିହ ଗାଁର ଦେବେନ୍ଦ୍ର ରାୟଙ୍କ ପୁଅ ହୋଇଥିବା ବେଳେ ନୀଳମାଧବଙ୍କ ଘର ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମରେ ବୋଲି ଜଣାପଡିଛି। ଉଭୟଙ୍କ





### ଡକାୟତଙ୍କ ସହ ଲଢ଼ି ପ୍ରାଣବଳି ଦେଇଥିଲେ

ସାହସିକତାକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଉଭୟଙ୍କୁ ମରଣୋତ୍ତର ଭାବେ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିଛନ୍ତି। ସୁନୀଲଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ରାୟ ଏବଂ ନୀଳମାଧବଙ୍କ ମାଆ ପୁରସ୍କାର ଗ୍ରହଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ।
-ବିଲ୍ ଗେଟ୍ସ

## ପିତା ପ୍ରଲେପ

ଭାରତର ଘରେଘରେ ନାୟକ ଭାବେ ସ୍ୱୀକୃତ ଚିନିର ବଜାର ଦର କେଜି ପିଛା ୭୦ ଟଙ୍କା ଟପିବା ପରେ ବିଚରା ଇଥାନଲ୍ ଖଳନାୟକର ଅପବାଦ ମୁଣ୍ଡାଇଛି। ସରକାରଙ୍କ ଅପାରଗତା ମଧ୍ୟ ଚିନି-ଇଥାନଲ୍ ବିତର୍କ ଭିତରେ ଲୁଚିଯିବାର ସୁଯୋଗ ପାଇଛି। ଚିନି ଉତ୍ପାଦନ ହେବା ପରଠାରୁ ଗରିବରୁ ଧନୀ ପର୍ଯ୍ୟନ୍ତ ପ୍ରତି ଘରେ ରାଜତ୍ୱ କରି ଆସିଛି। ବିଶେଷକରି ଗରିବମାନଙ୍କୁ ମିଠାର ସ୍ୱାଦ ଅନୁଭବ କରିବାରେ ଚିନିର ଭୂମିକା ଅନସ୍ୱୀକାର୍ଯ୍ୟ। କିନ୍ତୁ ଏବେ ଚିନି ମହଙ୍ଗା ହୋଇଯିବା ବା ଭାଉ ବଢ଼ି ଯିବା ପରେ ଗରିବ ଘରର ଚିନି ପିତା ଲାଗିଲାଣି ବୋଲି ଯେଉଁ ବ୍ୟଙ୍ଗୋକ୍ତି ଶୁଣିବାକୁ ମିଳୁଛି ତାହା ଶତପ୍ରତିଶତ ଗ୍ରହଣଯୋଗ୍ୟ।

ଚିନି ଦର ବୃଦ୍ଧି ପଛରେ ଇ-୨୦ ପେଟ୍ରୋଲ୍(୮୦% ପେଟ୍ରୋଲ୍+୨୦% ଇଥାନଲ୍)ର ଆବିର୍ଭାବକୁ ଦାୟୀ କରାଯାଉଛି। ପରିସଂଖ୍ୟାନ କିନ୍ତୁ ଭିନ୍ନ ଏକ ବାସ୍ତବତା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୨୦୨୫-୨୬ରେ ଇ-୨୦ ପେଟ୍ରୋଲ୍ ଉତ୍ପାଦନ ପାଇଁ ବ୍ୟବହୃତ ମୋଟ ଇଥାନଲ୍‌ରେ ଆଖୁରସ, ଆଖୁଦୋରର ପରିମାଣ ଥିଲା ମାତ୍ର ୨୭.୫%। ଗତ ଅମଳ ଋତୁରେ ମୋଟ ୩୦ ନିୟୁତ ଟନ୍‌ରୁ ୧୦% ବା ୩ ନିୟୁତ ଟନ୍ ଚିନି ଇଥାନଲ୍ ଉତ୍ପାଦନ ପାଇଁ ଉପଯୋଗ କରାଯାଇଥିଲା। ଅପରପକ୍ଷରେ ପୂର୍ବବର୍ତ୍ତୀ ଚାରିବର୍ଷରେ ଯଥାକ୍ରମେ ୩.୫ ନିୟୁତ ଟନ୍, ୨.୪ ନିୟୁତ ଟନ୍, ୪.୩ ନିୟୁତ ଟନ୍ ଓ ୩.୬ ନିୟୁତ ଟନ୍ ଚିନି ଇଥାନଲ୍ ଉତ୍ପାଦନରେ ବ୍ୟବହାର ହୋଇଥିଲେ ମଧ୍ୟ ଖାଉଟି ବଜାରରେ ଏହାର ଦର କେଜି ପିଛା ୪୫ ଟଙ୍କା ଟପି ନ ଥିଲା। ତେଣୁ ଏବେ ଚିନି ଦର ବୃଦ୍ଧି ପଛରେ ଇଥାନଲ୍ ନୁହେଁ, କୃଷି-ବଜାରର ପରିଚାଳନାରେ ଅପାରଗତା ହିଁ ପ୍ରକୃତ ଖଳନାୟକ।

କୃଷି-ବଜାର ଅର୍ଥନୀତିଜ୍ଞଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ମୋଟ ୩୪.୪ ନିୟୁତ ଟନ୍ ଚିନି ଉତ୍ପାଦନ ହେବ ବୋଲି ଆକଳନ କରାଯାଇଥିଲେ ହେଁ ପାଖାପାଖି ସାଢ଼େ ୩ ନିୟୁତ ଟନ୍ ହ୍ରାସ ପାଇବ ବୋଲି ଆଗୁଆ ଅନୁମାନ କରିବାରେ ସରକାର ବିଫଳ ହୋଇଥିଲେ। ତେଣୁ ଏବେ ୧୭ ବର୍ଷର ସର୍ବନିମ୍ନ ସ୍ତରକୁ ଚିନି ମହଜୁଦ ପରିମାଣ ହ୍ରାସ ପାଇଛି। ଆଖୁ ଉତ୍ପାଦନରେ ପ୍ରମୁଖ ରାଜ୍ୟ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ଚିନି ଉତ୍ପାଦନ କାରଖାନାଗୁଡ଼ିକ କଞ୍ଚାମାଲ(ଆଖୁ) ସଙ୍କଟ ଦେଇ ଗତି କରୁଥିଲେ ମଧ୍ୟ ସେଥିପ୍ରତି ଯଥୋଚିତ ଗୁରୁତ୍ୱ ଦିଆଯାଇ ନ ଥିଲା। ସରକାର ଗତ ମେ’ ମାସରେ ଚିନି ରପ୍ତାନୀ ଉପରେ କଟକଣା ଲଗାଇବା ବେଳକୁ ବହୁ ବିଳମ୍ବ ହୋଇସାରିଥିଲା। ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପରେ ଚିନି ଆମଦାନୀକୁ ସରକାର ଏବେ ଶୁଳ୍କ ମୁକ୍ତ କରିଛନ୍ତି। ଚିନିର ବଜାର ଦର ଦୁଇମାସ ମଧ୍ୟରେ ୩୨% ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲେ ହେଁ ଏ ବିଷୟରେ ଗୁଇନ୍ଦା ସୂଚନା ଯୋଗାଣ ବିଭାଗ ପାଖରେ ନଥିଲା।



ଆଖୁର ଏମ୍ଏସ୍‌ପି ଧାର୍ଯ୍ୟଠାରୁ ଆରମ୍ଭ କରି କେଉଁ ମିଲ୍‌ର ଖୋଲା ବଜାରରେ କେତେ ପରିମାଣରେ ବିକ୍ରି କରିପାରିବେ ସେହି ସୀମା ଧାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ନିୟନ୍ତ୍ରଣାଧୀନ। ତେଣୁ କେବଳ ଇଥାନଲ୍‌ର ଓଢ଼ଣା ପଛରେ ଅବିମୃଶ୍ୟକାରିତାକୁ ଲୁଚାଇ ଉତ୍ତରଦାୟିତ୍ୱରୁ ସରକାର ଓହରି ଯାଇପାରିବେ ନାହିଁ। ଅଧିକନ୍ତୁ ଆଖୁଚାଷୀଙ୍କୁ ଠିକ୍ ସମୟରେ ପାଉଣା ପୈଠ କରିବା ଏବଂ ଆଖୁ ମିଲ୍‌ମାନଙ୍କର ଆର୍ଥିକ ସନ୍ତୁଳନରେ ଇଥାନଲ୍ ସହାୟକ ହୋଇଆସିଛି। ସିଗ୍ରେଡ୍ ଓ ବିଗ୍ରେଡ୍ ତରଳଗୁଡ଼କୁ ଚିନିରେ ରୂପାନ୍ତରଣ ପାଇଁ ମିଲରମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। କିନ୍ତୁ ଏବେ ତାହା ଇଥାନଲ୍ ଉତ୍ପାଦନରେ ବିନିଯୋଗ କରାଯାଇପାରୁଥିବାରୁ ଚିନି ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇଛି। ତେଣୁ ଚିନି ଦର ବୃଦ୍ଧି ପାଇଁ ଇଥାନଲ୍‌କୁ ଏକ କାରକ ଭାବେ ଗ୍ରହଣ କରିବାରେ ଯୌକ୍ତିକତା ଥିବା ପରି ଲାଗୁନାହିଁ।

ଚଳିତ ବର୍ଷର ଅସ୍ୱାଭାବିକ ମୌସୁମୀ ଆଖୁ ଉତ୍ପାଦନରେ ବାଧକ ସାଜିବାକୁ ଯାଉଥିବା ବେଳେ ମହଜୁଦ୍‌କାରୀଙ୍କ ପାଇଁ ସର୍ବାଧିକ ୪ହଜାର ଟନ୍ ଏବଂ ୩୦ଦିନର କଟକଣା ଚିନିର ବଜାର ଦରକୁ ଆସନ୍ତା ବର୍ଷ ମଧ୍ୟ ଆକାଶଛୁଆଁ କରିବ। ଏହାଛଡ଼ା ୧୦ ଲକ୍ଷ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଚିନି ଆମଦାନୀକୁ ଶୁଳ୍କମୁକ୍ତ କରାଯାଇଥିବାରୁ ଭାରତର ଆଖୁଚାଷୀ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅର୍ଥାତ୍ ଚିନିର ତିକ୍ତତା ଆଗାମୀ କିଛିମାସ ପର୍ଯ୍ୟନ୍ତ ଜାରି ରହିବ ଏବଂ ଖାଉଟିଙ୍କ ପକେଟ୍ ତିକ୍ତତାର ଏତେ ତୀବ୍ର ଅନୁଭବ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଚାଖିବ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ସମୟରେ ସୁନା, ସାର ଓ ଖାଇବା ତେଲ ବ୍ୟବହାର ଯଥାସମ୍ଭବ ହ୍ରାସ କରିବା ପାଇଁ ସରକାର ଦେଶବାସୀଙ୍କୁ ଉପଦେଶ ଦେଇଥିଲେ। ଗତବର୍ଷ ମଧ୍ୟ ଦେଶରେ ଖାଇବା ତେଲ ଦର ବଢ଼ିବା ପରେ ମେଦବହୁଳତା ବଢୁଥିବା ଦର୍ଶାଇ ଖାଦ୍ୟରେ ତେଲ ବ୍ୟବହାର କମ୍ କରିବାକୁ ଉପଦେଶ ଶୁଣିବାକୁ ମିଳିଥିଲା। ତେଣୁ ଭାରତୀୟଙ୍କ ସ୍ୱାସ୍ଥ୍ୟ ପ୍ରତି ଅତିମାତ୍ରାରେ ସଚେତନ ସରକାର ବୋଧହୁଏ ଦରବୃଦ୍ଧି ଜରିଆରେ ପିତା ପ୍ରଲେପଟିଏ ଚିନି ଉପରେ ବୋଳି ଦେଇଛନ୍ତି। ଯାହାଫଳରେ ଲୋକମାନେ ଯଥାସମ୍ଭବ କମ୍ ଚିନି ବ୍ୟବହାର କରିବେ ଏବଂ ମଧୁମେହ, ମେଦବହୁଳତା ସହିତ ତଦ୍‌ଜନିତ ଅନ୍ୟ ରୋଗବ୍ୟାଧିରୁ ରକ୍ଷା ପାଇପାରିବେ। ଚିନିରେ ଏଭଳି ପିତା ପ୍ରଲେପ ଉଦ୍ୟମକୁ ପରବର୍ତ୍ତୀ ସମୟରେ ସରକାରଙ୍କ ଦୂରଦର୍ଶୀ ସୁଚିନ୍ତିତ ଜନକଲ୍ୟାଣ ଯୋଜନା ଭାବରେ ବିଜ୍ଞାପିତ ଏବଂ ପ୍ରଚାର ପ୍ରସାର ହେବା ଅସମ୍ଭବ ନୁହେଁ।

## ଭାରତର ଆଲୁମିନିୟମ୍ ରାଜଧାନୀ ଓଡ଼ିଶା

ମନସା ପ୍ରସାଦ ମିଶ୍ର

ଆଜିର ଆଧୁନିକ ଜୀବନର ପ୍ରାୟ ପ୍ରତ୍ୟେକ ଜାଗାରେ ଆଲୁମିନିୟମ୍‌ର ଉପସ୍ଥିତି ଦେଖିବାକୁ ମିଳେ। ବିମାନ, ବିଦ୍ୟୁତଚାଳିତ ଯାନ, ବିଦ୍ୟୁତ ପରିବହନ, ପାନୀୟ କ୍ୟାନ୍, ସୌର ପ୍ୟାନେଲ୍‌ଠାରୁ ଆରମ୍ଭ କରି ଅସଂଖ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀରେ ଏହାର ବ୍ୟବହାର ରହିଛି ଏବଂ ଆଲୁମିନିୟମ୍ ଏକ ରଣନୈତିକ ସମ୍ପଦ ଭାବେ ଉଭା ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତ ପାଖରେ ଏକ ବଡ଼ ସୁଯୋଗ ରହିଥିବା ବେଳେ କେନ୍ଦ୍ରରେ ରହିଛି ଓଡ଼ିଶା।

ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ଭାରତର ଏକ ମୁଖ୍ୟ ଖଣିଜ ପଦାର୍ଥର ଉତ୍ସ ଭାବେ ପରିଚିତ। ରାଜ୍ୟର ବିପୁଳ ଲୁହାପଥର, କୋଇଲା, କ୍ରୋମାଇଟ୍ ଓ ବକ୍ସାଇଟ୍ ଭଣ୍ଡାର ଦେଶର ବିଭିନ୍ନ ଶିଳ୍ପକୁ ଖଣିଜ ସମ୍ପଦ ଯୋଗାଇ ଆସିଛି। ଏହାସତ୍ତ୍ୱେ ଓଡ଼ିଶାକୁ ଦୀର୍ଘସମୟ ଧରି କେବଳ ଖଣିଜ ସମ୍ପଦ ଯୋଗାଣକାରୀ ରାଜ୍ୟ ଭାବେ ଦେଖାଯାଉଥିଲା। ଏହାର ମୂଲ୍ୟଯୁକ୍ତ ବ୍ୟବହାରର ବଡ଼ ଅଂଶ ଅନ୍ୟତ୍ର ହେଉଥିଲା। ଏବେ ସେହି ଧାରା ଦ୍ରୁତ ଗତିରେ ବଦଳୁଛି। ଆଜି ଭାରତର ଆଲୁମିନିୟମ୍ ଉତ୍ପାଦନ କ୍ଷମତାର ଅର୍ଦ୍ଧାଧିକ ଓଡ଼ିଶାରେ ରହିଛି। ଏଠାରେ ବକ୍ସାଇଟ୍ ଖଣି, ଆଲୁମିନା ରିଫାଇନାରି, ଆଲୁମିନିୟମ୍ ସ୍ମେଲଟର୍, ବନ୍ଦର ଓ ପରିବହନ ଭିତ୍ତିଭୂମିକୁ ନେଇ ଏକ ସମନ୍ୱିତ ଶିଳ୍ପ ପରିବେଶ ଗଢ଼ିଉଠିଛି। ଗତ କିଛିବର୍ଷରେ ଘୋଷିତ ବୃହତ୍ ବିନିଯୋଗ ସହ ଓଡ଼ିଶା ଧୀରେ ଧୀରେ ଭାରତର ‘ଆଲୁମିନିୟମ୍ ରାଜଧାନୀ’ ଭାବେ ସ୍ଥିତି ମଜବୁତ କରୁଛି।

ଭାରତର ଆଲୁମିନିୟମ୍ ଶିଳ୍ପ ଦେଶର ଅନ୍ୟତମ ବଡ଼ ଶିଳ୍ପ ସଫଳତାର କାହାଣୀ ପାଲଟିଛି। ଖଣି ମନ୍ତ୍ରାଳୟ ଅନୁଯାୟୀ, ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଆଲୁମିନିୟମ୍ ଉତ୍ପାଦକ। ବିଶ୍ୱର ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନର ପ୍ରାୟ ୬ ପ୍ରତିଶତ ଭାରତରୁ ଆସୁଛି। ଭିତ୍ତିଭୂମି, ସ୍ୱଚ୍ଛ ଶକ୍ତି ଓ ଆଧୁନିକ ଶିଳ୍ପକୁ ଆଗକୁ ନେବା ପାଇଁ ୨୦୪୭ ସୁଦ୍ଧା ଆଲୁମିନିୟମ୍ ଉତ୍ପାଦନକୁ ବଢ଼ାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଭାରତର ଆଲୁମିନିୟମ୍ ଶିଳ୍ପର ନେତୃତ୍ୱ ନେବା ପାଇଁ ଓଡ଼ିଶା ଭଳି ସୁବିଧାଜନକ ସ୍ଥିତିରେ ଅନ୍ୟ କୌଣସି ରାଜ୍ୟ ନାହିଁ। ଦେଶର ବକ୍ସାଇଟ୍ ମହଜୁଦ୍ ପରିମାଣର ପ୍ରାୟ ୪୨ ପ୍ରତିଶତ ଆମ ରାଜ୍ୟରେ ରହିଛି। ଆଲୁମିନିୟମ୍ ଓଡ଼ିଶାର ବୃହତ୍ ରପ୍ତାନି ଉତ୍ପାଦ ମଧ୍ୟରୁ ଅନ୍ୟତମ। ତେଣୁ ରାଜ୍ୟର ଅର୍ଥନୀତି ସହ ଦେଶର ଶିଳ୍ପ ବିକାଶ ପାଇଁ ଏହି କ୍ଷେତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ। ନାଲ୍କୋ, ବେଦାନ୍ତ ଓ ହିଣ୍ଡାଲ୍କୋ ଭଳି କମ୍ପାନୀ ଓଡ଼ିଶାରେ ବିପୁଳ ବିନିଯୋଗ କରିଛନ୍ତି। ଖଣି ପରିଶୋଧନ ଓ ସ୍ମେଲ୍ଟିଂକୁ ନେଇ ରାଜ୍ୟରେ ଏକ ସମନ୍ୱିତ ଶିଳ୍ପ ପରିବେଶ ସୃଷ୍ଟି ହୋଇଛି। ନୂଆ ପ୍ରକଳ୍ପଗୁଡ଼ିକ ଏହି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ବିସ୍ତାର କରିବାର ଆଶା ସୃଷ୍ଟି କରୁଛି। ଆଲୁମିନିୟମ୍ ଶିଳ୍ପ କେବଳ ରପ୍ତାନି ମାଧ୍ୟମରେ ଲାଭ ଦେଉନାହିଁ। ଖଣି ରୟାଲ୍ଟି, ଜିଏସ୍‌ଟି, କର୍ପୋରେଟ୍ ଟିକସ ଓ ନିଯୁକ୍ତି ମାଧ୍ୟମରେ ମଧ୍ୟ ସରକାରଙ୍କ ରାଜସ୍ୱ ବଢ଼ାଉଛି। ଖଣିଜ ଉତ୍ତୋଳନ, ପରିବହନ, ଇଞ୍ଜିନିୟରିଂ, ଅନ୍ୟାନ୍ୟ ସହଯୋଗୀ ଶିଳ୍ପରେ ଏହା ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରୁଛି। ଏହାର ଲାଭ କେବଳ ଖଣି ଅଞ୍ଚଳରେ ସୀମିତ ନ ରହି ଅନ୍ୟ ଅଞ୍ଚଳକୁ ମଧ୍ୟ ପହଞ୍ଚୁଛି।

ଆଲୁମିନିୟମ୍ କ୍ଷେତ୍ରରେ ବିନିଯୋଗ ଜାରି ରହିଛି। ବର୍ତ୍ତମାନର ଉତ୍ପାଦକଙ୍କ ସମ୍ପ୍ରସାରଣ ଯୋଜନା ସହ ଗତ କିଛିବର୍ଷରେ ଘୋଷଣା ହୋଇଥିବା ନୂଆ ଆଲୁମିନିୟମ୍ ପ୍ରକଳ୍ପ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଏହା ଓଡ଼ିଶାକୁ ଏକ ପ୍ରମୁଖ ଆଲୁମିନିୟମ୍ କେନ୍ଦ୍ର ଭାବେ ଆହୁରି ମଜବୁତ କରିବ। ସବୁଠାରୁ ବଡ଼ କଥା ହେଉଛି, ଏହି ବିନିଯୋଗ ରାଜ୍ୟର ଶିଳ୍ପ ନୀତିକୁ ଖଣିଜ ସମ୍ପଦ ରପ୍ତାନିରୁ ଆଗକୁ ନେଇ ସମ୍ପୂର୍ଣ୍ଣ ଉତ୍ପାଦନ ବ୍ୟବସ୍ଥା ଗଢ଼ିବା ଦିଗରେ ଅଗ୍ରଗତି ହେଉଛି। ଓଡ଼ିଶା ପାଖରେ ପ୍ରଚୁର ବକ୍ସାଇଟ୍ ଭଣ୍ଡାର, ନିକଟବର୍ତ୍ତୀ ପ୍ରମୁଖ ବନ୍ଦରମାନ, ବଢୁଥିବା ରେଳ ଯୋଗାଯୋଗ ଓ ସ୍ଥାପିତ ଶିଳ୍ପ ଭିତ୍ତିଭୂମି ଭଳି ଅନେକ ପ୍ରାକୃତିକ ଉପଯୋଗିତା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏବେ ନୀତି ପ୍ରଣେତାମାନେ କେବଳ ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନ ଉପରେ ଗୁରୁତ୍ୱ ନଦେଇ ଆଲୁମିନିୟମ୍ ମୂଲ୍ୟଯୁକ୍ତ ବ୍ୟବହୃତ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱ ଦେଉଛନ୍ତି।

ଆଗାମୀ ଦୁଇ ଦଶନ୍ଧିରେ ଆଲୁମିନିୟମ୍‌ର ଚାହିଦା ଦ୍ରୁତଗତିରେ ବଢ଼ିବାକୁ ଯାଉଛି। ବିଦ୍ୟୁତ ଯାନର ଓଜନ କମାଇବା ଓ ବ୍ୟାଟେରୀ ରେଞ୍ଜ ବଢ଼ାଇବା ପାଇଁ ଅନ୍ୟ ପାରମ୍ପରିକ ଯାନ ତୁଳନାରେ ଅଧିକ ଆଲୁମିନିୟମ୍ ବ୍ୟବହାର ହେଉଛି। ସୌର ଶକ୍ତି ପ୍ରକଳ୍ପର ଫ୍ରେମ୍, ପବନ ଟର୍ବାଇନ୍, ବିଦ୍ୟୁତ ପରିବହନ ଲାଇନ୍ ଓ ଆଧୁନିକ ରେଳ ବ୍ୟବସ୍ଥାରେ ମଧ୍ୟ ଏହାର ବ୍ୟବହାର ରହିଛି। ଆଲୁମିନିୟମ୍‌ର ଆଉ ଏକ ବିଶେଷତ୍ୱ ହେଉଛି ଏହାକୁ ଗୁଣ ନଷ୍ଟ ନକରି ବାରମ୍ବାର ପୁନଃବ୍ୟବହାର କରାଯାଇପାରେ। ଏପର୍ଯ୍ୟନ୍ତ ଉତ୍ପାଦିତ ସମସ୍ତ ଆଲୁମିନିୟମ୍‌ର ପ୍ରାୟ ତିନି-ଚତୁର୍ଥାଂଶ ବ୍ୟବହାରରେ ରହିଛି। ଏହି କାରଣରୁ ଆଲୁମିନିୟମ୍ ଆଜିର ‘ପୁନଃବ୍ୟବହାର ଭିତ୍ତିକ ଅର୍ଥନୀତି’ ପାଇଁ ଏକ ଉପଯୋଗୀ ଶିଳ୍ପ ସାମଗ୍ରୀ ହୋଇଛି।

ଭାରତର ମାନୁଫାକ୍‌ଚରିଂ, ସ୍ୱଚ୍ଛ ଶକ୍ତି ଓ ଆଧୁନିକ ଭିତ୍ତିଭୂମିର ବିକାଶ ଆଗକୁ ବଢ଼ିବା ସହ ଆଲୁମିନିୟମ୍‌ର ଆବଶ୍ୟକତା ମଧ୍ୟ ବଢ଼ିବ। ‘ମେକ୍ ଇନ୍ ଇଣ୍ଡିଆ’ ନ୍ୟାସନାଲ୍ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍, ଅକ୍ଷୟ ଶକ୍ତିର ବିସ୍ତାର, ପ୍ରତିରକ୍ଷା ଓ ଭିତ୍ତିଭୂମି କ୍ଷେତ୍ରରେ ବଢୁଥିବା ବିନିଯୋଗ ପାଇଁ ବହୁ ପରିମାଣରେ ଆଲୁମିନିୟମ୍ ଆବଶ୍ୟକ ହେବ। ନିତି ଆୟୋଗ ଅନୁଯାୟୀ, ଆଲୁମିନିୟମ୍ କ୍ଷେତ୍ରରେ ଭାରତର ଭଲ ସୁଯୋଗ ରହିଛି। କିନ୍ତୁ ଖଣିଜ ସମ୍ପଦ ରପ୍ତାନି କରି ମୂଲ୍ୟଯୁକ୍ତ ଉତ୍ପାଦ ଆମଦାନି କରିବା ବଦଳରେ ଦେଶରେ ହିଁ ଅଧିକ ମୂଲ୍ୟର ଉତ୍ପାଦ ତିଆରି କରିବା ଆବଶ୍ୟକ। ତେଣୁ ନୀତିର ଗୁରୁତ୍ୱ କେବଳ ଖଣି ଲାଇସେନ୍ସ ଓ ଆଲୁମିନିୟମ୍ ଉତ୍ପାଦନ ବଢ଼ାଇବାରେ ସୀମିତ ନ ରହି ଗବେଷଣା, ଡାଉନଷ୍ଟ୍ରିମ୍ ଶିଳ୍ପ, ପୁନଃବ୍ୟବହାର, ପରିବହନ ବ୍ୟବସ୍ଥା ଓ ଦକ୍ଷ ମାନବ ସମ୍ବଳ ତିଆରି ଦିଗକୁ ମଧ୍ୟ ବଢ଼ିବା ଆବଶ୍ୟକ।

ଓଡ଼ିଶା ଏବେ ନିଜର ଶିଳ୍ପ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ରହିଛି। ଅନେକ ନୂଆ ବିନିଯୋଗ ପ୍ରସ୍ତାବ ଓ କାର୍ଯ୍ୟକ୍ଷମ ଉତ୍ପାଦନକାରୀ ଶିଳ୍ପମାନଙ୍କର ସମ୍ପ୍ରସାରଣ ଯୋଜନା ଦର୍ଶାଉଛି ଯେ ରାଜ୍ୟ ଶିଳ୍ପ ବିକାଶର ଏକ ନୂଆ ପର୍ଯ୍ୟାୟରେ ପ୍ରବେଶ କରୁଛି। ଏହି ବିନିଯୋଗ ସହ ଯଦି ଭଲ ଭିତ୍ତିଭୂମି, ଡାଉନଷ୍ଟ୍ରିମ୍ ମାନୁଫାକ୍‌ଚରିଂ ପାଇଁ ସ୍ୱତନ୍ତ୍ର ଶିଳ୍ପ ପାର୍କ, ସରଳ ନିୟମ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ମଧ୍ୟରେ ଭଲ ସହଯୋଗ ଗଢ଼ିଉଠେ, ତେବେ ଓଡ଼ିଶା ଏସିଆର ଏକ ପ୍ରମୁଖ ଆଲୁମିନିୟମ୍ ମାନୁଫାକ୍‌ଚରିଂ କେନ୍ଦ୍ର ହୋଇପାରିବ।

ଶିଳ୍ପ ବିକାଶ ସହ ପରିବେଶ ସୁରକ୍ଷା ଓ ସମାଜର ସବୁ ବର୍ଗର ଲୋକଙ୍କ ବିକାଶକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ହେବ। ଦାୟିତ୍ୱର ସହ ଖଣି ଉତ୍ତୋଳନ, ଖଣି ଅଞ୍ଚଳର ପୁନରୁଦ୍ଧାର, ଜଳର ସଠିକ୍ ବ୍ୟବହାର ଏବଂ ଅକ୍ଷୟ ଶକ୍ତିର ଅଧିକ ବ୍ୟବହାର ଉପରେ ଧ୍ୟାନ ଦେବାକୁ ହେବ। ଏହା ହିଁ ନିର୍ଣ୍ଣୟ କରିବ ଯେ ଓଡ଼ିଶା କେବଳ ଭାରତର ବଡ଼ ଆଲୁମିନିୟମ୍ ଉତ୍ପାଦକ ହେବ ନା ସ୍ଥାୟୀ ଆଲୁମିନିୟମ୍ ଉତ୍ପାଦନରେ ବିଶ୍ୱସ୍ତରରେ ମଧ୍ୟ ନିଜର ସ୍ଥାନ ପକ୍କା କରିବ। ଓଡ଼ିଶା ପାଖରେ ରହିଛି ଭୂତାତ୍ତ୍ୱିକ ସମ୍ପଦ, ଶିଳ୍ପ କ୍ଷମତା, ଭିତ୍ତିଭୂମି ଓ ନୀତିଗତ ଗତିଶୀଳତାର ଏକ ବିରଳ ସମନ୍ୱୟ। ଯଦି ଓଡ଼ିଶା ଖଣି ଉତ୍ତୋଳନ, ପରିଶୋଧନ, ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ, ନବସୃଜନ ଓ ସ୍ଥାୟୀତ୍ୱକୁ ନେଇ ଏକ ସମନ୍ୱିତ ଆଲୁମିନିୟମ୍ ଇକୋସିଷ୍ଟମ୍ ଗଢ଼ିପାରେ, ତେବେ ଏହା ବିଶ୍ୱ ଆଲୁମିନିୟମ୍ ଅର୍ଥନୀତିରେ ଓଡ଼ିଶାକୁ ଏକ ପ୍ରମୁଖ ଭୂମିକାରେ ପ୍ରତିଷ୍ଠିତ କରିବ।

ଶିଳ୍ପ ଇତିହାସରେ କିଛି ସାମଗ୍ରୀ ଦେଶ ତଥା ବିଶ୍ୱ ସ୍ତରରେ ବିକାଶର ଦିଗ ବଦଳାଇଛି। ଊନବିଂଶ ଶତାବ୍ଦୀରେ କୋଇଲା ଶିଳ୍ପକୁ ଆଗକୁ ନେଇଥିଲା। ବିଂଶ ଶତାବ୍ଦୀରେ ତୈଳର ବଡ଼ ଭୂମିକା ଥିଲା। ଆଗାମୀ ଦଶନ୍ଧିଗୁଡ଼ିକରେ ଆଲୁମିନିୟମ୍‌ର ଭୂମିକା ନିର୍ଣ୍ଣାୟକ ହେବ। ନେପୋଲିଅନ୍ ତୃତୀୟଙ୍କ ରାଜକୀୟ ଭୋଜିରେ ଆଲୁମିନିୟମ୍‌ର ପାତ୍ର କେବଳ ବିଶେଷ ଅତିଥିଙ୍କ ପାଇଁ ବ୍ୟବହାର ହେଉଥିଲା। ସେତେବେଳେ ଏହାକୁ ସୁନାଠାରୁ ମଧ୍ୟ ଅଧିକ ଦୁର୍ଲଭ ଓ ମୂଲ୍ୟବାନ ଧାତୁ ଭାବେ ଦେଖାଯାଉଥିଲା। ଆଜି ସେହି ଆଲୁମିନିୟମ୍ ଆଧୁନିକ ଶିଳ୍ପ ଓ ଅର୍ଥନୀତିର ଏକ ମୁଖ୍ୟ ଅଂଶ ହୋଇଛି। ଓଡ଼ିଶା ଯଦି ମୂଲ୍ୟଯୁକ୍ତ ଉତ୍ପାଦନ, ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ ଓ ପରିବେଶ ଅନୁକୂଳ ଉତ୍ପାଦନରେ ବିନିଯୋଗ ଜାରି ରଖେ ତେବେ ରାଜ୍ୟ ଭାରତର ‘ଆଲୁମିନିୟମ୍ ରାଜଧାନୀ’ ସହ ବିଶ୍ୱସ୍ତରୀୟ ମାନୁଫାକ୍‌ଚରିଂ କେନ୍ଦ୍ର ଭାବେ ନିଜର ପରିଚୟ ଗଢ଼ିପାରେ।

(ପୂର୍ବତନ ନିର୍ଦ୍ଦେଶକ, ନାଲ୍କୋ)
ଭୁବନେଶ୍ୱର, ମୋ: ୯୪୩୭୦୨୨୧୦୯

## ଓଳିଏ ଆହାର ଆଶା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ସରକାରୀ ସ୍କୁଲ ବନ୍ଦ ହେଉଛି। ସରକାରୀ ଫାଇଲଗୁଡ଼ିକରେ ଏହି ପ୍ରକ୍ରିୟାକୁ ମିଶ୍ରଣ ନାମ ଦିଆଯାଇଛି। ତର୍କ ଦିଆଯାଏ, ଏହି ସ୍କୁଲଗୁଡ଼ିକରେ ପିଲାଙ୍କ ସଂଖ୍ୟା ଏତେ କମିଯାଇଛି ଯେ ଚଳାଇବା ଆର୍ଥିକ ଦୃଷ୍ଟିରୁ ବ୍ୟାବହାରିକ ନୁହେଁ; ମାତ୍ର ଏହି ତର୍କ ଅସଲି ପ୍ରଶ୍ନକୁ ଲୁଚାଇଦିଏ ଯେ ବାସ୍ତବରେ ସେହି ସ୍କୁଲଗୁଡ଼ିକୁ ପିଲା କାହିଁକି ଆସୁନାହାନ୍ତି? ଏହା କୌଣସି ପ୍ରାକୃତିକ ବିପତ୍ତି ନୁହେଁ, ବରଂ ଦଶନ୍ଧି ଦଶନ୍ଧିର ନୀତିଗତ ଉଦାସୀନତାର ପରିଣାମ। ଯେତେବେଳେ ଗୋଟିଏ ସ୍କୁଲ ବନ୍ଦ ହୁଏ, ସେତେବେଳେ କେବଳ ଗୋଟିଏ ରେଜିଷ୍ଟର ବନ୍ଦ ହୁଏ ନାହିଁ, ସେହି ଅଞ୍ଚଳର ସବୁଠାରୁ ଦୁର୍ବଳ ବର୍ଗର ପିଲାମାନଙ୍କଠାରୁ ସେମାନଙ୍କ ଜୀବନ ବଦଳାଇବାର ଏକମାତ୍ର ସୁଯୋଗ ଛଡ଼ାଇ ନିଆଯାଏ।

ଆଜି ମଧ୍ୟ ଆମର ଅଧିକାଂଶ ସରକାରୀ ସ୍କୁଲ କୌଣସି ଆଦିମ ଯୁଗକୁ ମନେ ପକାଇଦିଏ। ବର୍ଷା ଋତୁରେ ଅନେକ ସ୍କୁଲରେ ଛାତରୁ ଗଳୁଥିବା ପାଣି ଦାଉରୁ ରକ୍ଷା ପାଇବାକୁ ପିଲାମାନଙ୍କୁ କୌଣସି ଶୁଖିଲା କୋଣରେ ଛିଡ଼ା ହେବାକୁ ପଡ଼େ। ଶୀତଦିନେ କାକର ଚଟାଣରେ ବସିବାର ବାଧ୍ୟବାଧକତା ତ ଖରାଦିନେ ବିନା ପଙ୍ଖାରେ ଶ୍ରେଣୀଗୃହ। ଏହା ହେଉଛି ସେହି ପରିବେଶ, ଯେଉଁଠାରେ ଆମେ ଦେଶର ଭବିଷ୍ୟତଙ୍କଠାରୁ ଏକାଗ୍ରତା ଏବଂ ଉତ୍କୃଷ୍ଟ ପ୍ରଦର୍ଶନର ଆଶା ରଖୁ। ଆମେ ଗୋଟିଏ ପଟେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ୍ କ୍ରାନ୍ତି ଯୁଗରେ ପ୍ରବେଶ କରୁଛନ୍ତି। ଅନ୍ୟପଟେ ଆମର ଲକ୍ଷ ଲକ୍ଷ ବିଦ୍ୟାଳୟର ବାସ୍ତବତା ହେଉଛି ସେଠାରେ ଗୋଟିଏ ବ୍ଲାକ୍‌ବୋର୍ଡ ଏବଂ ବସିବା ପାଇଁ ଚେୟାର ସୁଦ୍ଧା ମିଳିବା କଷ୍ଟକର।

ଭିତ୍ତିଭୂମିର ଏହି ଅଭାବରେ ସବୁଠାରୁ ଲଜ୍ଜାଜନକ ସ୍ଥିତି ହେଉଛି ସ୍ୱଚ୍ଛତା ଓ ପାନୀୟ ଜଳର। ଆଜି ମଧ୍ୟ ଅଗଣିତ ସ୍କୁଲରେ ପିଇବା ପାଣିର ସଫା ଉତ୍ସ ନାହିଁ। ଶୌଚାଳୟଗୁଡ଼ିକର ସ୍ଥିତି ତ ଏତେ ଖରାପ ଯେ କେତେକ ସମୟରେ ସେଗୁଡ଼ିକ ରୋଗର ଘର ପାଲଟିଯାଏ। ଏହି ଦୁରବସ୍ଥାର ସବୁଠାରୁ ବଡ଼ ଓ ସିଧାସଳଖ କ୍ଷତି ଝିଅମାନଙ୍କୁ ସହିବାକୁ ପଡ଼େ। ଝିଅମାନେ କିଶୋରାବସ୍ଥାରେ ପାଦ ଦେବା ପରେ ସ୍ୱଚ୍ଛ ଶୌଚାଳୟର ଅଭାବ ସେମାନଙ୍କ ପାଇଁ ସ୍କୁଲ ଛାଡ଼ିବାର ସବୁଠାରୁ ବଡ଼ କାରଣ ପାଲଟିଯାଏ। ଗୋଟିଏ ଭଙ୍ଗା ଦ୍ୱାର ଥିବା ଶୌଚାଳୟ କୌଣସି ବି ଝିଅର ସ୍ୱପ୍ନକୁ ଭାଙ୍ଗିବା ପାଇଁ ଯଥେଷ୍ଟ।

ସାରା ଦେଶରେ ଶିକ୍ଷକମାନଙ୍କର ଲକ୍ଷ ଲକ୍ଷ ପଦବୀ ଖାଲି ପଡ଼ିଛି। ଗ୍ରାମାଞ୍ଚଳର ସ୍ଥିତି ଏତେ ଭୟାନକ ଯେ ଅନେକ ସ୍କୁଲ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି। ଜଣେ ବ୍ୟକ୍ତି ପ୍ରଥମ ଶ୍ରେଣୀରୁ ନେଇ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସବୁପିଲାଙ୍କୁ ସବୁବିଷୟ ଏକା ସମୟରେ କିପରି ପଢ଼ାଇପାରିବେ? ବିଜ୍ଞାନ, ଗଣିତ ଓ ଇଂରାଜୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ପାଇଁ ବିଶେଷଜ୍ଞ ଶିକ୍ଷକ ନଥିବା ସାଧାରଣ କଥା ହୋଇଗଲାଣି। ଏହାର ପ୍ରଭାବ ପିଲାଙ୍କ ମୂଳଦୁଆ ଉପରେ ପଡ଼େ। ସେମାନେ କୌଣସିମତେ ବ୍ୟବସ୍ଥାର ଦୟାରୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ତ ହୋଇଯା’ନ୍ତି; କିନ୍ତୁ ମୌଳିକ ଜ୍ଞାନ ଏତେ ଦୁର୍ବଳ ଥାଏ ଯେ ସେମାନେ ଜୀବନର ଆଗାମୀ ଆହ୍ୱାନଗୁଡ଼ିକ ଆଗରେ ଆଣ୍ଠୁ ମାଡ଼ିଦିଅନ୍ତି। ଶିକ୍ଷକଙ୍କ ଅଭାବଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ ଯେଉଁ ଶିକ୍ଷକମାନେ ଉପସ୍ଥିତ ଅଛନ୍ତି, ସେମାନେ ପଢ଼ାନ୍ତି କମ୍ ଅନ୍ୟ କାମ କରନ୍ତି ବେଶୀ। ଆମ ବ୍ୟବସ୍ଥା ଶିକ୍ଷକଙ୍କୁ ଏକ ବହୁମୁଖୀ କର୍ମଚାରୀ ଭାବି ନେଇଛି। ଏସବୁ ଉପରେ ମଧ୍ୟାହ୍ନ ଭୋଜନ ପରିଚାଳନା, ରାସନ ଆଣିବା, ଗ୍ୟାସ ସିଲିଣ୍ଡର ବ୍ୟବସ୍ଥା କରିବା ଏବଂ ହିସାବ-କିତାବ ରଖିବା ମଧ୍ୟ ଶିକ୍ଷକଙ୍କ ଉପରେ ହିଁ ନ୍ୟସ୍ତ।

ଏହି ଦୁରବସ୍ଥା ସମାଜରେ ଏକ ବ୍ୟବସାୟକୁ ସମୃଦ୍ଧ ହେବାର ସୁଯୋଗ ଦେଇଛି। ଅର୍ଥାତ୍ ଘରୋଇ ସ୍କୁଲର ବଜାର। ଆଜି ସ୍ଥିତି ଏହା ଯେ ଜଣେ ଠେଲାବାଲା କିମ୍ବା ଦିନମଜୁରିଆ ମଧ୍ୟ ନିଜ ପେଟ କାଟି ପିଲାମାନଙ୍କୁ ଗଳିକନ୍ଦିରେ ଖୋଲିଥିବା କୌଣସି ଇଂରାଜୀ ମାଧ୍ୟମ ସ୍କୁଲକୁ ପଠାଇବାକୁ ଚାହୁଁଛି। ଏଥିପାଇଁ ନୁହେଁ ଯେ ତାଙ୍କର ସେଠାକାର ଶିକ୍ଷାର ଗୁଣବତ୍ତା ଉପରେ ଖୁବ୍ ବିଶ୍ୱାସ ଅଛି, ବରଂ ଏଥିପାଇଁ ଯେ ସରକାରୀ ସ୍କୁଲରୁ ତାଙ୍କର ଆଶା ଭାଙ୍ଗିଯାଇଛି। ଦିନେ ବିଦ୍ୟାଳୟ ସାମାଜିକ ସୌହାର୍ଦ୍ଦ୍ୟର ସବୁଠାରୁ ବଡ଼ କେନ୍ଦ୍ର ଥିଲା। ଆଜି ଆମ ଶିକ୍ଷା ବ୍ୟବସ୍ଥା ସମାଜକୁ ଯୋଡ଼ିବା ବଦଳରେ ତାହାକୁ ଧନୀ ଏବଂ ଗରିବର ଦୁଇଟି ସ୍ୱଷ୍ଟ ଓ ଦୂରତିକ୍ରମ୍ୟ ଖାଲରେ ବିଭାଜିତ କରୁଛି।

ଗରିବ ପିଲାମାନଙ୍କୁ ସ୍କୁଲ ପର୍ଯ୍ୟନ୍ତ ଆଣିବା ଏବଂ ଅପପୁଷ୍ଟି ସହ ଲଢ଼ିବା ପାଇଁ ମଧ୍ୟାହ୍ନ ଭୋଜନ ଭଳି ମହତାକାଂକ୍ଷୀ ଯୋଜନା ଅଣାଯାଇଥିଲା। ଚିନ୍ତାଧାରା ଏହା ଥିଲା ଯେ କୌଣସି ବି ପିଲା ଖାଲି ପେଟରେ ନ ରହନ୍ତୁ। ଏବେ ଏମିତି ଲାଗୁଛି ଯେ ଅନେକ ପରିବାର ପାଇଁ ପିଲାଙ୍କୁ ସ୍କୁଲ ପଠାଇବାର ପ୍ରାଥମିକ ଉଦ୍ଦେଶ୍ୟ ଶିକ୍ଷା ନୁହେଁ, ବରଂ ଓଳିଏ ଆହାର। ଏହା ଆମ ସାମାଜିକ ବିଷମତାର ସବୁଠାରୁ ଦୁଃଖଦ ଦିଗ। ଯେଉଁ ସ୍କୁଲଗୁଡ଼ିକ ଜ୍ଞାନର ମନ୍ଦିର ହେବା କଥା, ସେଗୁଡ଼ିକ କେବଳ ଅନ୍ନ ବଣ୍ଟନର କେନ୍ଦ୍ର ହୋଇ ରହିଯାଇଛନ୍ତି। ଶିକ୍ଷାର ସେହି ମୂଳ ଉଦ୍ଦେଶ୍ୟ, ଯାହା ପିଲାର ମାନସିକ ଏବଂ ବୌଦ୍ଧିକ ବିକାଶ ସହ ଯୋଡ଼ିହୋଇଥିଲା, ତାହା ଡାଲି-ଭାତ ଥାଳି ପଛରେ କେଉଁଠି ଲୁଚିଗଲାଣି। ଦୁର୍ନୀତି ଶିକ୍ଷାର ପୂରା ଢାଞ୍ଚାକୁ ଫମ୍ପା କରିଦେଇଛି। ପିଲାଙ୍କ ପାଖରେ ବହି, ୟୁନିଫର୍ମ ଏବଂ ସାଇକେଲ ପହଞ୍ଚିବାରେ ଅଧା ଶିକ୍ଷାବର୍ଷ ବିତିଯାଏ। ବହି ବିନା ଶ୍ରେଣୀଗୃହ ବିନା ଅସ୍ତ୍ରଶସ୍ତ୍ରରେ ସୀମାର ସୈନିକ ପରି।

ତଥାପି, ଆଶାର କିରଣ ବାକି ଅଛି। ସାରା ବିଶ୍ୱର ବିକଶିତ ଦେଶରେ ପ୍ରଗତିର ମୁଖ୍ୟ ଆଧାର ସରକାରୀ ସ୍କୁଲ। ସେଠାରେ ବାପା-ମା’ ନିଜ ପିଲାମାନଙ୍କୁ ନେଇ ଘରୋଇ ସ୍କୁଲକୁ ଯାଆନ୍ତି ନାହିଁ। ଆମ ଦେଶରେ ମଧ୍ୟ ସମ୍ପ୍ରତି କିଛିବର୍ଷରେ କେତେକ ରାଜ୍ୟ ସରକାର ଏବଂ ଅନେକ ଶିକ୍ଷକ ଏହା ପ୍ରମାଣିତ କରିଛନ୍ତି ଯେ ଯଦି ଇଚ୍ଛାଶକ୍ତି ଥାଏ, ତେବେ ପରିବର୍ତ୍ତନ ସମ୍ଭବ। ଦେଶର କୋଣ-ଅନୁକୋଣରେ ଏପରି ଅନେକ ଶିକ୍ଷକ ଅଛନ୍ତି, ଯେଉଁମାନେ କୌଣସି ସରକାରୀ ସାହାଯ୍ୟ ବିନା, ନିଜର ଆଗ୍ରହରେ ସ୍କୁଲଗୁଡ଼ିକୁ ସ୍ମାର୍ଟ କ୍ଲାସ୍ ଏବଂ ସୁନ୍ଦର ପରିସରରେ ରୂପାନ୍ତରିତ କରୁଛନ୍ତି। କିନ୍ତୁ ପରିବର୍ତ୍ତନର ଏହି ଉଦାହରଣଗୁଡ଼ିକ ଯଥେଷ୍ଟ ନୁହେଁ। ଏହି ସମୟରେ ପୂରା ବ୍ୟବସ୍ଥାର କାୟାକଳ୍ପର ଆବଶ୍ୟକତା ଅଛି। ପ୍ରଥମେ ସମାଜକୁ ନିଜର ଚିନ୍ତାଧାରା ବଦଳାଇବାକୁ ପଡ଼ିବ। ଆମକୁ ଏହା ବୁଝିବାକୁ ହେବ ଯେ ସରକାରୀ ସ୍କୁଲଗୁଡ଼ିକ ସରକାରଙ୍କର ନୁହେଁ ଆମ ନିଜର।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ନଡ଼ିଆ
(Coconut-Cocos nucifera)

ସୌଭାଗ୍ୟସୁନ୍ଦର

ନଡ଼ିଆ ମୂଳତଃ ଦକ୍ଷିଣ-ପୂର୍ବ ଏସିଆର ମୂଳଜାତ ଉଦ୍ଭିଦ। ଭାରତ ଓ ପୂର୍ବ ଆଫ୍ରିକାକୁ ଏହାର ପ୍ରବେଶ ପରେ ହୋଇଥିବା ବିଶ୍ୱାସ କରାଯାଏ। ଭାରତରେ ନଡ଼ିଆ ଉତ୍ପାଦନରେ ତାମିଲନାଡୁ, କର୍ଣ୍ଣାଟକ, କେରଳ ଓ ଆନ୍ଧ୍ରପ୍ରଦେଶ ଅଗ୍ରଣୀ। ଯଦିଓ କେରଳରେ ସର୍ବାଧିକ ସଂଖ୍ୟକ ନଡ଼ିଆ ଗଛ ଅଛି, ହେକ୍ଟର ପିଛା ଉତ୍ପାଦନରେ ତାମିଲନାଡୁ ଆଗରେ ରହିଛି। ନଡ଼ିଆ କେରଳର ସରକାରୀ ରାଜ୍ୟ ଗଛ।

ନଡ଼ିଆ ଏକବୀଜପତ୍ରୀ ଉଦ୍ଭିଦ, ଯାହା ଏକକ କାଣ୍ଡ ବିଶିଷ୍ଟ। କାଣ୍ଡର ଶୀର୍ଷରେ ଅନେକ ପତ୍ର ଚତୁର୍ଦ୍ଦିଗକୁ ବିସ୍ତାରିତ ହୋଇ ରହିଥାଏ। କାଣ୍ଡ ଶାଖାହୀନ, ୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ପତ୍ରଗୁଡ଼ିକ ଆକାରରେ ବଡ଼। ପୁରୁଣା ପତ୍ରଗୁଡ଼ିକ ପରିପକ୍ୱ ହେବା ପରେ ଝଡ଼ି ତଳେ ପଡ଼ିଯାଏ ଏବଂ ମସୃଣ ଗଣ୍ଡିରେ ଏକ ଦାଗ ଛାଡ଼ିଯାଏ। ନଡ଼ିଆ ଏକ ଡ୍ରୁପ୍ ବା ଅଷ୍ଠିଳା ଫଳ। ଏହାର ତିନୋଟି ସ୍ତର ଥାଏ - ଯଥା ଏକ୍ସୋକାର୍ପ ବା ବାହ୍ୟାବରଣ, ମେସୋକାର୍ପ ବା ମଧ୍ୟାବରଣ ଏବଂ ଏଣ୍ଡୋକାର୍ପ ବା ଅନ୍ତରାବରଣ (ଅନ୍ତର୍ବର୍ମ)। ଏକ୍ସୋକାର୍ପ ହେଉଛି ଚକଚକିଆ ବାହ୍ୟ ଛାଲ, ସାଧାରଣତଃ ହଳଦିଆ-ସବୁଜରୁ ହଳଦିଆ-ମାଟିଆ ରଙ୍ଗର। ମେସୋକାର୍ପ ଫାଇବର ବା ତନ୍ତୁରେ ଗଠିତ, ଯାହାକୁ କଏର କୁହାଯାଏ। ଏକ୍ସୋକାର୍ପ ଏବଂ ମେସୋକାର୍ପ ନଡ଼ିଆର କତା ତିଆରି କରନ୍ତି, ଯେତେବେଳେ ଏଣ୍ଡୋକାର୍ପ କଠିନ ନଡ଼ିଆ ‘ଖୋଳ’ ତିଆରି କରନ୍ତି। ଏଣ୍ଡୋକାର୍ପର ଦୂରବର୍ତ୍ତୀ ପ୍ରାନ୍ତରେ ତିନୋଟି ସ୍ୱତନ୍ତ୍ର ଅଙ୍କୁରୀକରଣ ଛିଦ୍ର (ମାଇକ୍ରୋପାଇଲ୍ସ) ଥାଏ। ଦୁଇଟି ଛିଦ୍ର ବନ୍ଦ ହୋଇଥାଏ (ଆଖି), ଯେତେବେଳେ ଗୋଟିଏ କାର୍ଯ୍ୟକ୍ଷମ ଥାଏ। ଏଣ୍ଡୋକାର୍ପ ପ୍ରାରମ୍ଭରେ ଏକ ତରଳ ଏଣ୍ଡୋସ୍ପର୍ମ (ନଡ଼ିଆ ପାଣି) ସହିତ ପରିପୂର୍ଣ୍ଣ ହୋଇଥାଏ। ବିକାଶ ଜାରି ରହିବା ସହିତ, ଏଣ୍ଡୋସ୍ପର୍ମର କୋଷୀୟ ସ୍ତରଗୁଡ଼ିକ ଏଣ୍ଡୋକାର୍ପର କାନ୍ଥ ସହିତ ଜମା ହୁଏ। ଶେଷରେ ତାହା ଖାଦ୍ୟଯୋଗ୍ୟ କଠିନ ଏଣ୍ଡୋସ୍ପର୍ମ ବା ଭ୍ରୂଣପୋଷ କିମ୍ବା ଗର୍ଭପୋଷରେ ପରିଣତ ହୁଏ, ଯାହା ସମୟ ସହିତ କଠିନ ହୁଏ।

ନଡ଼ିଆ ଗଛ ଖାଦ୍ୟ, ଔଷଧ, ଇନ୍ଧନ, ପ୍ରସାଧନ ସାମଗ୍ରୀ, ନିର୍ମାଣ ସାମଗ୍ରୀ, ଇତ୍ୟାଦି ପ୍ରଦାନ କରେ। ଏହା ପୀଡ଼ାଲୋପୀ, ରକ୍ତ ବିଶୋଧକ ଓ କୃମିନାଶକ ହେବା ସହିତ ଉଚ୍ଚ ରକ୍ତଚାପ, ପ୍ରଦାହ, ଅସ୍ଥିସନ୍ଧି ପ୍ରଦାହ, ମଧୁମେହ, ବ୍ୟାକ୍ଟେରିଆ, ଭୂତାଣୁ, ଫଙ୍ଗସ, ତରଳ ଝାଡ଼ା, ନାଳ ରକ୍ତ ଝାଡ଼ା, ମ୍ୟାଲେରିଆ ଆଦି ରୋଗର ପ୍ରତିରୋଧୀ ରୂପେ କାର୍ଯ୍ୟକରେ। ବୃକକ୍, ହୃତପିଣ୍ଡ ଓ ଯକୃତର କାର୍ଯ୍ୟକୁ ସୁରକ୍ଷା ଦିଏ ଏବଂ ଅଲସର ଓ ଚର୍ମରୋଗରୁ ରକ୍ଷା କରେ। ଏହାର ମୂଳ ରଙ୍ଗ ଓ ମାଉଥୱାଶ୍ ପାଇଁ ବ୍ୟବହାର ହୁଏ।

କଞ୍ଚା ନଡ଼ିଆ ଭ୍ରୂଣପୋଷରେ ୪୭ % ପାଣି, ୩୩% ଚର୍ବି, ୧୫% କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର ଓ ୩% ପ୍ରୋଟିନ୍ ଥାଏ। ନଡ଼ିଆରେ ପଲିଫେନୋଲ୍, ଫେନୋଲ୍, ଟାନିନ୍, ଲ୍ୟୁକୋଆନ୍ଥୋସାଇନାଇଡିନ୍, ଫ୍ଲାଭୋନଏଡ୍ସ, ଟ୍ରାଇଟରପେନ୍ସ, ଷ୍ଟେରଏଡ୍ସ, ସାପୋନିନ୍, ଘନୀଭୂତ ଟାନିନ୍, କ୍ୟାଟେଚିନ୍, ଏପିକେଟେଚିନ୍ ଲୌରିକ୍ ଏସିଡ୍, ବାୟୋଟିନ୍, ରାଇବୋଫ୍ଲାଭିନ୍, ଫୋଲିକ୍ ଏସିଡ୍, ଭିଟାମିନ୍ ବି୧, ବି୬, ଏବଂ ସି, ପାଇରିଡୋକ୍ସିନ୍, ଥିଆମିନ୍, ଫୋଲିକ୍ ଏସିଡ୍, ଆମିନୋ ଏସିଡ୍, ଏଲ୍-ଆର୍ଜିନାଇନ୍, ଏନଜାଇମ୍ ଏବଂ ଉଦ୍ଭିଦ ହରମୋନ୍‌ର କିଛି ପରିମାଣ ଥାଏ।

ପରିପକ୍ୱ ଫଳର ରସାଳ ଭ୍ରୂଣପୋଷ ଅନେକ ଲୋକଙ୍କ ଖାଦ୍ୟର ଏକ ନିୟମିତ ଅଂଶ। ପରିପକ୍ୱ ନଡ଼ିଆ ଭ୍ରୂଣପୋଷରୁ ତେଲ ଓ ନଡ଼ିଆ କ୍ଷୀର; କଠିନ ଖୋଳ ବା ଏଣ୍ଡୋକାର୍ପରୁ କୋଇଲା ଏବଂ ତନ୍ତୁମୟ ମେସୋକାର୍ପ ବା ମଧ୍ୟାବରଣରୁ କଏର ପାଇଁ ପ୍ରକ୍ରିୟାକରଣ କରାଯାଇପାରିବ। ଶୁଖିଲା ନଡ଼ିଆ ଭ୍ରୂଣପୋଷକୁ କୋପ୍ରା କୁହାଯାଏ ଏବଂ ଏଥିରୁ ପ୍ରାପ୍ତ ତେଲ ଓ କ୍ଷୀର ସାଧାରଣତଃ ରୋଷେଇ, ସାବୁନ ଓ ପ୍ରସାଧନ ସାମଗ୍ରୀରେ ବ୍ୟବହୃତ ହୁଏ। କଠିନ କୋଷ, ତନ୍ତୁମୟ କତା ଓ ଲମ୍ବା ପତ୍ର ସାଜସଜ୍ଜା ପାଇଁ ବ୍ୟବହୃତ ହୁଏ। ନଡ଼ିଆ କତା ଏବଂ ସଢ଼େଇରୁ ପାପୁଛ, କାର୍ପେଟ, କଣ୍ଢେଇ ଆଦି ପ୍ରସ୍ତୁତ କରାଯାଏ। ‘ସବୁଜ ନଡ଼ିଆ’ ବା ‘ପଇଡ଼’ ଭାବରେ ଜଣାଶୁଣା ଅପରିପକ୍ୱ ନଡ଼ିଆ, ନଡ଼ିଆ ପାଣି ଏବଂ ନରମ ଜେଲି ଭାବେ ବିକ୍ରି କରାଯାଏ। (କ୍ରମଶଃ...)

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଭିଜିଲାନ୍ସ ଜାଲରେ ଡିଏଲ୍‌ଓ



କେନ୍ଦୁଝର, ୩୦।୮ (ସମିସ): ବିଦ୍ୟୁତ୍ ବିଭାଗର ଜଣେ ଠିକାଦାରଙ୍କ ଲାଇସେନ୍‌ସ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍‌ସ ଟିମ୍ କେନ୍ଦୁଝର ଶ୍ରମ ଅଧିକାରୀ ଆକାଶ ବିଶୋଇଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଭିଜିଲାନସ ବିଭାଗ ଶ୍ରୀ ବିଶୋଇଙ୍କଠାରୁ ୨୦ ହଜାର ଟଙ୍କା ଜବତ କରିବା ସହ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରଖିଛି। ଗତ ୧୪ ତାରିଖରେ ସମ୍ପୃକ୍ତ ଟିପିଏନ୍‌ଓଡିଏଲ୍ ଠିକାଦାର ଲାଇସେନ୍‌ସ ପାଇଁ ଆବେଦନ କରିଥିଲା ବେଳେ ୧୬ ତାରିଖରେ ଶ୍ରୀ ବିଶୋଇ ଏନେଇ ତାଙ୍କଠାରୁ ୨୦ ହଜାର ଟଙ୍କା ଦାବି କରିଥିଲେ। ଏହାପରେ ସମ୍ପୃକ୍ତ ଠିକାଦାର ଭିଜିଲାନ୍‌ସ ବିଭାଗରେ ଅଭିଯୋଗ କରିଥିଲେ। ରବିବାର ସନ୍ଧ୍ୟାରେ ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍‌ସ ଟିମ୍ ଚଢ଼ଉ କରି କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଧରିଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ଜାରି ରଖିଥିବା ଭିଜିଲାନ୍‌ସ ସୂତ୍ରରୁ ପ୍ରକାଶ।

## ଶୁଦ୍ଧିକ୍ରିୟାର ମାସକ ପରେ ଘରକୁ ଫେରିଲେ ଯୁବକ

### ଅଜଣା ଶବକୁ ନେଇ ପରିବାର କରିଥିଲେ ସତ୍କାର

ଢେଙ୍କାନାଳ/ହିନ୍ଦୋଳ, ୩୦।୮ (ସମିସ): ମାସକ ତଳେ ନିଖୋଜ ହୋଇଥିବା ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ତଥା ବାଲିମି ଥାନା ବାର୍ଷିଙ୍ଗା ଗ୍ରାମର ଜଣେ ଯୁବକ ଏବେ ଘରକୁ ଫେରିଛନ୍ତି। ସେ ହେଲେ ଗ୍ରାମର ସନାତନ ନାଏକ (୨୯)। ଅନ୍ୟପଟେ ସନାତନଙ୍କ ନିଖୋଜର କିଛିଦିନ ପରେ ରାସୋଳ ଥାନା ଅଞ୍ଚଳରୁ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ଏହି ମୃତଦେହ ସନାତନଙ୍କର ବୋଲି ସନ୍ଦେହ କରି ପୁଲିସ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ଉକ୍ତ ମୃତଦେହ ସତ୍କାର କରିବା ସହ ସନାତନଙ୍କ ଶୁଦ୍ଧିକ୍ରିୟା ମଧ୍ୟ କରିଦେଇଥିଲେ। ଏବେ ସନାତନ ଫେରିଆସିବା ପରେ ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସନାତନ ବିବାହିତ ହୋଇଥିବା ବେଳେ ତାଙ୍କର ସାମାନ୍ୟ ମାନସିକ ବିକୃତି ରହିଛି। ପରିବାରରେ ତାଙ୍କ ବାପା, ମାଆ ଓ ୩ ଭାଇ ଅଛନ୍ତି। ଗତ ଜୁଲାଇ ୧୭ ତାରିଖରୁ ସେ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ବାଲିମି ଥାନା ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଓ ପରିବାର ଲୋକେ ବହୁ ଖୋଜାଖୋଜି କରିବା

**ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ**

ସତ୍ତ୍ୱେ ସନାତନଙ୍କ ସନ୍ଧାନ ମିଳି ନ ଥିଲା। ତେବେ ସନାତନଙ୍କ ନିଖୋଜର ଠିକ୍ ୧୦ ଦିନ ପରେ ଜୁଲାଇ ୨୭ ତାରିଖ ରାସୋଳ ଥାନା କୁନୁଆଁ ଗାଁ ଧାନଜମିରୁ ଅଜଣା ଯୁବକଙ୍କ ଗଳିତ ମୃତଦେହ ଠାବ ହୋଇଥିଲା। ପୁଲିସ ଏହି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସନାତନଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ମୃତଦେହ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ତେଣୁ ପରିବାର ଲୋକେ ବାଧ୍ୟହୋଇ ମୃତଦେହ ଗ୍ରହଣ କରିବା ସହ ସତ୍କାର କରିଥିଲେ। ପରେ ପୁଅ ମରିଯାଇଥିବା ଭାବି



ଶୁଦ୍ଧିକ୍ରିୟା ମଧ୍ୟ କରିଥିଲେ। ମାତ୍ର ମାସକ ପରେ ସନାତନ ଜୀବିତ ଅବସ୍ଥାରେ ଘରକୁ ଫେରି ଆସିଛନ୍ତି। ପୁଲିସର ଖାମଖିଆଲ ନୀତି ଯୋଗୁଁ ଏପରି ଘଟଣା ଘଟିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ବାଲିମି ଥାନାଧିକାରୀ ଚାରୁଲତା ସାହୁଙ୍କୁ ଯୋଗାଯୋଗ କରିବାରେ, ଏଭଳି ଅଭିଯୋଗ ଆମ ଥାନାରେ ପୂର୍ବରୁ ହୋଇ ନ ଥିଲା ବୋଲି କହିଛନ୍ତି। ପ୍ରତିକ୍ରିୟା ପାଇଁ ରାସୋଳ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିବାରୁ ଯୋଗାଯୋଗ ସମ୍ଭବ ହୋଇନାହିଁ। ଅନ୍ୟପଟେ ସନାତନଙ୍କୁ ଫେରି ପାଇବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁଡ଼ଙ୍ଗରେ ଫସିଛନ୍ତି...

ନେପାଳର ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଭୋଟେ କୋଶୀ ଏବଂ ତ୍ରିଶୂଳୀ ନଦୀର ଜଳସ୍ତର ପୁଣି ଥରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ନେପାଳ-ଚୀନ ସୀମାରେ ଧସି ପଡ଼ିଥିବା ପାହାଡ଼ ଓ ବରଫଖଣ୍ଡ ନଦୀର ଗତିପଥକୁ ଅବରୋଧ କରି ଏକ ବଡ଼ କୃତ୍ରିମ ହ୍ରଦ ସୃଷ୍ଟି କରିଛି। ଏହାର ବନ୍ଧ ଭାଙ୍ଗିଲେ ତଳମୁଣ୍ଡରେ ପୁଣି ଏକ ପ୍ରଳୟଙ୍କରୀ ବନ୍ୟା ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଉଦ୍ଧାରକାରୀ ଦଳ ଏବଂ ନଦୀକୂଳିଆ ଅଞ୍ଚଳର ବାସିନ୍ଦାଙ୍କୁ ଅତ୍ୟଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଜଙ୍ଗଲ ସଂରକ୍ଷଣ...

ଦେଖାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁସାରେ ଆରମ୍ଭରୁ ଗ୍ରାମବାସୀଙ୍କ ବିରୋଧ ଓ ପାରମ୍ପରିକ ରକ୍ଷଣଶୀଳ ମାନସିକତାର ଶିକାର ହୋଇଥିଲେ ମଧ୍ୟ ମୈଥିଳୀ ପଛଘୁଞ୍ଚା ଦେଇ ନ ଥିଲେ। ପୁରୁଷକେନ୍ଦ୍ରିକ ବୋଲି ଧରାଯାଉଥିବା ଜଙ୍ଗଲ ପହରା, ପର୍ଯ୍ୟଟକ ପରିଚାଳନା ଓ ବନ୍ୟଜନ୍ତୁ ସୁରକ୍ଷା ଭଳି ଦାୟିତ୍ୱକୁ ନିଜ କାନ୍ଧକୁ ନେଇ ସେ ନାରୀଶକ୍ତିର ପରିଚୟ ସୃଷ୍ଟି କରିଥିଲେ। ୨୦୨୩ ମସିହାରେ ବନ ବିଭାଗ ସହଯୋଗରେ ସେ ଡେବ୍ରୀଗଡ଼ର ୧୦୦ ସିଟ୍ ବିଶିଷ୍ଟ "ଜିରୋ ପଏଣ୍ଟ ରେଷ୍ଟୁରାଣ୍ଟ'ର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ତ୍ତମାନ ସେ ମାସିକ ପ୍ରାୟ ୯,୫୦୦ ଟଙ୍କା ରୋଜଗାର କରି ନିଜ ପରିବାରର ଆର୍ଥିକ ସ୍ଥିରତା ଆଣିବା ସହ ପିଲାମାନଙ୍କ ପାଠପଢ଼ା ଓ ଚିକିତ୍ସା ଖର୍ଚ୍ଚ ତୁଲାଉଛନ୍ତି। ମୈଥିଳୀଙ୍କ ପ୍ରେରଣାରେ ଜଙ୍ଗଲରୁ କଞ୍ଚା ଗଛ କାଟିବା ଓ କେନ୍ଦୁପତ୍ର ତୋଳିବା ବନ୍ଦ ହୋଇଛି। ଗ୍ରାମବାସୀଙ୍କୁ ରନ୍ଧନ ଗ୍ୟାସ୍ ବ୍ୟବହାର, ଶୌଚାଳୟ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଶିକାର ବିରୋଧରେ ସଚେତନ କରି ସେ ଧୋଡ୍ରେରାକୁସୁମକୁ ଏକ "ସବୁଜ ଗ୍ରାମ' ଭାବେ ଗଢ଼ି ତୋଳିଛନ୍ତି। ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ସେ ଗ୍ରାମର ଇକୋ-ଡେଭଲପ୍‌ମେଣ୍ଟ କମିଟିର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହାସହ ଏକାକୀ ମହିଳା ଓ ବିଧବା ମହିଳାମାନଙ୍କ ଆର୍ଥିକ ଉନ୍ନତି ପାଇଁ ଧେଡ୍ରେରାକୁସୁମରେ ଆଦିବାସୀ ମହିଳା ପରିଚାଳିତ "ହୋମଷ୍ଟେ' ପ୍ରକଳ୍ପ ଆରମ୍ଭ ହୋଇଛି।

### ବଢ଼ିବ ବିଧାୟକଙ୍କ...

ବିଧାୟକଙ୍କୁ ମିଳୁଥିବା ଦରମା ଓ ଭତ୍ତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଯୁଗ୍ମ କମିଟି ଅନୁଭବ କରିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯୁଗ୍ମ କମିଟିରେ ସାଂସଦ ବିଜୟ କୁମାର ଦୁବେ, ବୀଣା ଦେବୀ, କେ. ଗୋପୀନାଥ, ବାବୁ ସିଂ କୁଶୱାହା, ରିଚାର୍ଡ ଭାମିଲାହମନଙ୍ଗିଆଙ୍କ ସହ ସଂସଦର ନିର୍ଦ୍ଦେଶକ ଭଟଶାଳା ଜୋଷୀ ପ୍ରମୁଖ ସାମିଲ ଅଛନ୍ତି। ଅପରପକ୍ଷେ ବିଧାୟକ, ପୂର୍ବ ବିଧାୟକଙ୍କ ଦରମା, ପେନସନ ବୃଦ୍ଧି କରିବାକୁ ବିରୋଧୀ ବିଜେଡି, କଂଗ୍ରେସ ବିଧାୟକଙ୍କ ସମେତ ଶାସକ ଦଳର ବିଧାୟକମାନେ ମଧ୍ୟ ଦାବି କରିଛନ୍ତି।

### ପରିବାର ନ ପୋଷିଲେ...

ଆକାଉଣ୍ଟରେ ସିଧାସଳଖ ଇଲେକ୍ଟ୍ରୋନିକ୍ ସୂତ୍ରରେ ଜମା କରିବେ। ଆଗାମୀ ଦିନରେ ଏହିପରି ଅଦାଲତଙ୍କ ନିର୍ଦ୍ଦେଶିତ ଭରଣପୋଷଣ ସମ୍ପର୍କିତ ବିଷୟକୁ ରାଜ୍ୟ ସରକାରଙ୍କ ସମନ୍ୱିତ ଓ ସ୍ୱୟଂଚାଳିତ ବ୍ୟବସ୍ଥାରେ ଯୋଡ଼ାଯାଇ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଖସୁନି ପେଟ୍ରୋଲ...

ସମ୍ପ୍ରତି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୮୩ ଡଲାର ରହିଛି। ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୮୮.୧୭୫ ଡଲାରକୁ ହ୍ରାସ ଘଟିଥିବାବେଳେ ଆମେରିକୀୟ ଡବ୍ଲ୍ୟୁଟିଆଇ ମୂଲ୍ୟ ବ୍ୟାରେଲ ପିଛା ୮୩.୪୪୦ ଡଲାରକୁ ହ୍ରାସ ପାଇଛି। ସେହିପରି ଏଥିରେ ସାଧାରଣ ଖାଉଟିଙ୍କ ପ୍ରଶ୍ନ ଯେତେବେଳେ ଦେଶରେ ଇଥାନଲର ବ୍ୟବହାର ବୃଦ୍ଧି ପାଉଛି ଏବଂ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବର୍ତ୍ତମାନ ହ୍ରାସ ପାଉଛି, ସେତେବେଳେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ କେବେ ହ୍ରାସ ହେବ? ବର୍ତ୍ତମାନ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୯.୧୫ ଟଙ୍କା ଏବଂ ଡିଜେଲ ଲିଟର ପ୍ରତି ୧୦୦.୮୦ ଟଙ୍କା ଉପରେ ରହିଛି। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟର କହିବା ହେଉଛି, ପେଟ୍ରୋଲରେ ଇଥାନଲ ମିଶ୍ରଣର ପ୍ରାଥମିକ ଉଦ୍ଦେଶ୍ୟ ଖୁଚୁରା ଇନ୍ଧନ ମୂଲ୍ୟ ହ୍ରାସ କରିବା ନୁହେଁ, ବରଂ ଆମଦାନୀକୃତ ଅଶୋଧିତ ତେଲ ଉପରେ ଭାରତର ନିର୍ଭରଶୀଳତା କମ୍ କରିବା।

ଅପରପକ୍ଷେ ଭାରତରୁ ଯାଉଥିବା ପେଟ୍ରୋଲ ଏବେ ରୁଷର 'ଜୀବନ ରେଖା' ପାଲଟିଛି। ୟୁକ୍ରେନର ଡ୍ରୋନ ଆକ୍ରମଣର ପ୍ରଭାବ ଏବେ ରୁଷର ଇନ୍ଧନ ବଜାର ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ଅନେକ ରୁଷର ତୈଳ ବିଶୋଧନାଗାର ଉପରେ ଆକ୍ରମଣ ଘରୋଇ ପେଟ୍ରୋଲ ଉତ୍ପାଦନକୁ ପ୍ରଭାବିତ କରିଛି। ଫଳସ୍ୱରୂପ, ରୁଷ ତାର ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟ ଦେଶରୁ ପେଟ୍ରୋଲ ଆମଦାନୀ କରିବାକୁ ବାଧ୍ୟ ହେଉଛି। ଏହି ପରିସ୍ଥିତିରେ, ଭାରତ ରୁଷକୁ ପେଟ୍ରୋଲର ଏକ ପ୍ରମୁଖ ଯୋଗାଣକାରୀ ଭାବରେ ଉଭା ହୋଇଛି। ମାତ୍ର ୨ ମାସରେ ଭାରତ ରୁଷକୁ ୧୦ ଲକ୍ଷ ବ୍ୟାରେଲ୍ ତୈଳ ରପ୍ତାନି କରିଛି।


13001/1686/2627

**ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ**
**ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ**
**ବିକାଶ ପଥେ " ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ "ନୀଳଗିରି**

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖନ୍ତୁ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକସ୍ଥିତିକୁ ମଜଭୁତ କରନ୍ତୁ।
୩. ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ।
୪. ରାସ୍ତା କଡ ଓ ନାଳ ଉପରେ କ୍ୟାବିନ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ।
୫. ଗୃହପାଳିତ ପଶୁ ଯଥା :-ଗାଈ, ଗୋରୁ, ଛେଳି, ମେଣ୍ଢାମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ।
୬. ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ।
୭. ନୂତନ ପକ୍କାଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ଅନୁମୋଦନ କରାଇ ଗୃହନିର୍ମାଣ କରାନ୍ତୁ।
୮. ନୀଳଗିରି କୁ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ୍ୟ, ଏହାଦ୍ୱାରା ସହରକୁ ପ୍ରଦୂଷଣ ମୁକ୍ତ କରାଯାଇପାରିବ।
୯. ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ।

ଶ୍ରୀ ଅଂଶୁମାନ ପରିଡା, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା, ଭାରପ୍ରାପ୍ତ ନଗରପାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ସମସ୍ତ ସଭ୍ୟ/ ସଭ୍ୟା ଓ କର୍ମଚାରୀ ବୃନ୍ଦ ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

OIPR-13001/13179/1/26-27/0005



**ସୋର ପୌରପାଳିକା କାର୍ଯ୍ୟାଳୟ, ସୋର, ବାଲେଶ୍ୱର**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ସୋର ପୌରପାଳିକା ତରଫରୁ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ର ମାଟି ସୋର ପୌରପାଳିକା ର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା, ଛାତ୍ରଛାତ୍ରୀ, ସର୍ବୋପରି ସବୁ କ୍ଷେତ୍ରରେ ଦେଶ ଓ ରାଜ୍ୟ ପାଇଁ ଗର୍ବ ଆଣିଦେଇଥିବା ଏହି ମାଟିର ଯଶସ୍ୱୀ ଯୋଦ୍ଧା ସୈନିକ, କ୍ରୀଡାବିତ୍, ଶିକ୍ଷାବିତ୍, ସାହିତ୍ୟିକ, ପ୍ରବନ୍ଧକ, ପ୍ରଶାସକ, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ ଆଦି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ସୋର ମାଟିର ଆହୁରି ଉତ୍ତରୋତ୍ତର ସମୃଦ୍ଧି ସହିତ ଏକ ସ୍ୱଚ୍ଛ, ସବୁଜ ଓ ଶାନ୍ତ ସୋର ସହର ଗଠନ ପାଇଁ ଆପଣଙ୍କର ସହଯୋଗ ଏକାନ୍ତ କାମ୍ୟ।

କାର୍ଯ୍ୟନିର୍ବାହୀ ଅଧିକାରୀ, ସୋର ପୌରପାଳିକା
ଜିଲ୍ଲାପାଳ ବାଲେଶ୍ୱର ତଥା ଭାରପ୍ରାପ୍ତ ଅଧକ୍ଷ, ସୋର ପୌରପାଳିକା, ସୋର
ଏବଂ ସମସ୍ତ ପରିଷଦ ବୃନ୍ଦ, ସୋର ପୌରପାଳିକା

OIPR-13001/13166/1/26-27/0006 13001/1685/2627



13001/1692/2627

**ଜଳେଶ୍ୱର ପୌର ପାଳିକା, ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମ ରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛି। ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା।
୧) ଆପଣଙ୍କ ପ୍ରଦତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ। ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ।
୨) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ।
୩) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ।
୪) ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧା ସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ।
୫) ସର୍ବସାଧାରଣଙ୍କ ରାସ୍ତା ଉପରେ, ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ।
୬) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ।
୭) ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ।
୮) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କ କରନ୍ତୁ।
୯) ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ସ୍ୱାଇନ ଫ୍ଲୋ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡିକ ପୌରାଞ୍ଚଳରେ ଦେଖା ଦେଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ଏବଂ ଚେଙ୍କ ଓ ଗୁଣି ଗାରିଡି ଭଳି ଅନ୍ଧ ବିଶ୍ୱାସ ଠାରୁ ଦୂରେଇ ରୁହନ୍ତୁ।

ଶ୍ରୀ ପ୍ରତିପ କୁମାର ପ୍ରଧାନ, ନଗରପାଳ, ଜଳେଶ୍ୱର ପୌରପାଳିକା
ଶ୍ରୀମତୀ ପୁଷ୍ପପ୍ରିୟା କାମିଲା, ଉପ-ନଗରପାଳ ଜଳେଶ୍ୱର ପୌରପାଳିକା
ଶ୍ରୀ ହେମନ୍ତ କୁମାର ସିଂ ଓ ଆର ଏସ (ଏ) ଜେବି, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜଳେଶ୍ୱର ପୌରପାଳିକା
ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା ଜଳେଶ୍ୱର ପୌରପାଳିକା

OIPR-13001/13126/1/26-27/0007



**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬**
**ଅବସରରେ ଖୋରଧା ପୌର ପରିଷଦ ତରଫରୁ**
**ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ବିକଶିତ ସହର ଗଠନ କେବଳ ପୌର ପରିଷଦର ଦାୟିତ୍ୱ ନୁହେଁ, ଏଥିପାଇଁ ପ୍ରଶାସନ ସହିତ ପ୍ରତ୍ୟେକ ନାଗରିକଙ୍କର ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ। ଏହି ଦିଗରେ ଖୋରଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଆବର୍ଜନା ପରିଚାଳନା, ରାସ୍ତାଘାଟର ପରିଚ୍ଛନ୍ନତା, ନାଗରିକ ସେବା ଓ ସହରର ସାମଗ୍ରିକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ।

ଖୋରଧା ହେଉଛି ଓଡ଼ିଶାର ଐତିହ୍ୟ, ସ୍ୱାଭିମାନ ଓ ଗୌରବର ଏକ ଅନନ୍ୟ ପରିଚୟ। ଏହି ଐତିହାସିକ ସହରକୁ ଆଧୁନିକ ନାଗରିକ ସୁବିଧା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର, ପରିବେଶ ବନ୍ଧୁ ଓ ଆଦର୍ଶ ସହର ଭାବେ ଗଢ଼ି ତୋଳିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ।

ପୌର ପରିଷଦର ସ୍ୱଚ୍ଛତା କର୍ମୀମାନେ ପ୍ରତିଦିନ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହିତ ସମ୍ପାଦନ କରି ସହରକୁ ପରିଷ୍କାର ରଖିବାରେ ଯେଉଁ ଅବଦାନ ରଖୁଛନ୍ତି, ସେଥିପାଇଁ ସେମାନେ ବିଶେଷ ପ୍ରଶଂସା ଓ ସମ୍ମାନର ଅଧିକାରୀ। ସେହିପରି ପୌର ପରିଷଦର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି ଓ ସଚେତନ ନାଗରିକଙ୍କ ମିଳିତ ପ୍ରୟାସ ହିଁ ଖୋରଧାକୁ ଆହୁରି ଆଗକୁ ନେଇପାରିବ।

ଆଜିର ସଫଳତା ଆସନ୍ତାକାଲିର ବଡ଼ ସଫଳତା ପାଇଁ ପ୍ରେରଣା ଦାୟକ ହେଉ। ଖୋରଧା ପୌର ପରିଷଦ ଆଗାମୀ ଦିନରେ ନାଗରିକଙ୍କୁ ଆହୁରି ଉତ୍ତମ, ସ୍ୱଚ୍ଛ, ପାରଦର୍ଶୀ ଓ ଦାୟିତ୍ୱଶୀଳ ପୌର ସେବା ପ୍ରଦାନ କରିବା ସହିତ ସହରର ସର୍ବାଙ୍ଗୀନ ବିକାଶରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରୁ- ଏହା ହିଁ ଆମର ଆନ୍ତରିକ କାମନା।

ଖୋରଧା ପୌର ପରିଷଦର ସମସ୍ତ ପ୍ରୟାସ ସଫଳ ହେଉ, ଖୋର୍ଦ୍ଧା ସହର ଆହୁରି ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ହେଉ - ଏହି ଶୁଭକାମନା ସହିତ ପୌର ପରିଷଦ ପକ୍ଷରୁ ପୁନର୍ବାର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

"ସ୍ୱଚ୍ଛ ଖୋରଧା - ସୁନ୍ଦର ଖୋରଧା ସମୃଦ୍ଧ ଖୋରଧା - ଆମ ସମସ୍ତଙ୍କ ଖୋରଧା"

କାବେରୀ ମୁଦୁଲି, (ଓ.ପ୍ର.ସେ.), ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋରଧା
ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି, ପୌରାଧକ୍ଷା, ପୌର ପରିଷଦ, ଖୋରଧା
ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧକ୍ଷ
ଓ ସମସ୍ତ ସଭ୍ୟ ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା

OIPR-13001/13082/1/26-27/0007 13001/1694/2627



**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 29/08/2026, C.F No -1, I , Shreya Suman Dash, D/o Sanjeev Kumar Dash, At Bentapur Jagiri, Bhingarpur, Po- Bhatpatna, Dist - Khorda, Odisha - 752115 declare that I have corrected the spelling of my father's name from Sanjib Kumar Dash to Sanjeev Kumar Dash. Henceforth, he shall be known as **Sanjeev Kumar Dash** for all purposes.

Shreya Suman Dash

**AFFIDAVIT**

By virtue of an affidavit sworn before Executive Magistrate, Jaleswar, Balasore, Odisha vide Sl. no. 3506 dt.07.08.2026 I, Rupa Bindhani, D/o. Sudarshan Bindhani, At. Prasadsole, P.O. Asabandha, P.S. Raibania, Dist. Balasore, Odisha, PIN-756033, Aadhaar No. 866570871357 declare that I have changed my old name Radharani Bindhani to Rupa Bindhani. Henceforth, I shall be known as **Rupa Bindhani** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar on Dated. 24.08.2026, I, Gitarani Mohapatra, W/o-Narayan Mohapatra, Village- Hansapada, P.O.- Chanrapada, P.S.- Nimapara, Dist- Puri, Odisha, Pin-752106 do hereby declare that I have changed my name from Bijayalaxmi Sahoo to Gitarani Mohapatra. Henceforth she will be known as **Gitarani Mohapatra** for all purposes.

**AFFIDAVIT**

I, ALEMARA KHATUN aged about 28 years, W/O- AYUB KHAN, AT-RASAIPUR, BHOGRAI, DIST- BALESWAR , PIN-756038,ODISHA, declared by this Affidavit No.994/2026 Dated. 30.08.2026, That now onwards I shall Be Known As **ALEMARA BIBI** for all future Purposes.



ସ୍ୱାଗତମ ସ୍ୱାଗତମ ସ୍ୱାଗତମ

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**

ସର୍ବଭାରତ ସ୍ତରୀୟ ପବିତ୍ର ସ୍ୱାୟତ୍ତ ଶାସନ ଦିବସ- ୩୧ ଅଗଷ୍ଟ ୨୦୨୬ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ, କେନ୍ଦୁଝର ଜନସାଧାରଣଙ୍କ ଉନ୍ନତି, ବିକାଶ ତଥା ସର୍ବୋପରି ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସାମିଲ ହୋଇ ଆସୁଅଛି। ସରକାରଙ୍କ ପକ୍ଷରୁ ବିଭିନ୍ନ କଲ୍ୟାଣମୂଳକ ଯୋଜନାରୁ ଉପକୃତ ହେବାପାଇଁ ପରିଷଦ ସହିତ ଯୋଡିହେବାକୁ ଜନସାଧାରଣମାନଙ୍କୁ ବିନମ୍ର ଅନୁରୋଧ।

ଆସନ୍ତୁ ସମସ୍ତେ ମିଳିମିଶି ଏହି ଶୁଭ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆକୁ ସରସ, ସୁନ୍ଦର ଓ ବିକଶିତ କରିବା ପାଇଁ ପରିଷଦ / ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଟିକସମାନ ଠିକ୍ ସମୟରେ ପଇଠ କରି ନିଜର କର୍ତ୍ତବ୍ୟ ଓ ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ସଚେତନ ହେବା। ଏହା ହିଁ ଆଜିର ପବିତ୍ର ଦିବସରେ କାମନା।

"ଆଇନଗତ ସଫେଇ ସୁରକ୍ଷିତ ସଫେଇ
ଆମର ଲକ୍ଷ- ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ସହର"





ଶ୍ରୀ ଜଗନ୍ନାଥ ବେହେରା, ଓ.ଭା.ସେ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
ଶ୍ରୀମତୀ ସୁମିତ୍ରା ବେହେରା, ଉପାଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
ଶ୍ରୀଯୁକ୍ତ ଗିରିଜା ଶଙ୍କର ସାହୁ, ଅଧକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ



13001/1703/2627

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଚାନ୍ଦବାଲି
OFFICE OF THE NOTIFIED AREA COUNCIL: CHANDBALI
E.Mail: chandbali.nac@gmail.com Pin:-756133 (Odisha)

ବିଜ୍ଞାପନ




Durga Padia, Townhall cum Kalyan Mandap, New Bus Stand, Sanitation Work, Smart Park, Wealth Centre, FSTP, Neheru Park, I love Chandbali

ନିଖିଳ ଭାରତ ସ୍ୱାୟତ ଶାସନ – ୨୦୨୬ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛୁ

୦୧. ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗର ହାତ ବଢାଇ ଚାନ୍ଦବାଲି ସହରାଞ୍ଚଳକୁ ସବୁଜ ସୁନ୍ଦର କରି ଗଢି ତୋଳିବାରେ ସହାୟକ ହୁଅନ୍ତୁ।
୦୨. ଠିକ ସମୟରେ ପରିଷଦର ବିଭିନ୍ନ ଟିକସ ଓ ଲାଇସେନ୍ସ ଫୀ ପଇଠ କରି ପରିଷଦର ଦ୍ରୁତପ୍ରଗତିରେ ସହାୟକ ହୁଅନ୍ତୁ।
୦୩. ଆବଶ୍ୟକ ଫୀ ଜମା କରି ପରିଷଦରୁ ଟ୍ରେଡ ଲାଇସେନ୍ସ ହାସଲ କରନ୍ତୁ।
୦୪. ଗୃହ ନିର୍ମାଣ ପୂର୍ବରୁ ପରିଷଦର ଅନୁମତି ନିଅନ୍ତୁ ଓ ଆବଶ୍ୟକ ପ୍ଲାନ, ଏଷ୍ଟିମେଟ୍ ଅନୁମୋଦନ କରାନ୍ତୁ।
୦୫. ନିଜ ପରିବେଶକୁ ପରିଷ୍କାର ରଖିବା ସହ ପରିଷଦର ପରିମଳ କାର୍ଯ୍ୟରେ ସହଯୋଗ କରନ୍ତୁ।
୦୬. ପଲିଥିନ ପରିବେଶର ବଡ ଶତ୍ରୁ, ଏହାର ବ୍ୟବହାର ବନ୍ଦ କରି ପରିବେଶର ସୁରକ୍ଷା କରନ୍ତୁ।
୦୭. ଘର ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ, ଡେଙ୍ଗୁର ଭୟାଭୟତା ପ୍ରତି ସଚେତନ ରୁହନ୍ତୁ।
୦୮. ସର୍ବୋପରି ପରିଷଦର ସମ୍ପତି ଆପଣଙ୍କର ସମ୍ପତି, ଏହାର ସୁରକ୍ଷାରେ ସହାୟତା କରନ୍ତୁ।

ଶ୍ରୀ ଆଭାସ ରଞ୍ଜନ ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି
ଶ୍ରୀମତୀ ଶାନ୍ତିଲତା ସେଠୀ, ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି

OIPR-13001/13129/1/26-27/0005



13001/1699/2627

ଭୁବନେଶ୍ୱର-ବାସୀଙ୍କୁ ସ୍ୱାୟତ୍ତ ଶାସନ ଦିବସ-୨୦୨୬ର
ଅନେକ ଅନେକ ଶୁଭେଚ୍ଛା

**ସ୍ୱାୟତ୍ତ ଶାସନ ଦିବସ ଅବସରରେ**
ନିମ୍ନ ଲିଖିତ ପ୍ରକଳ୍ପଗୁଡିକର
**ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ**
୩୧ ଅଗଷ୍ଟ ୨୦୨୬

**ପ୍ରକଳ୍ପ ଲୋକାର୍ପଣ**

- ଡିଫେନ୍ସ କଲୋନୀର ନବ ନିର୍ମିତ ଆଭ୍ୟନ୍ତରୀଣ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୭
- ଲୋକନାଥ ବିହାର ଠାରେ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୧୦
- ନବ ନିର୍ମିତ ପେଭର ବ୍ଲକ ରାସ୍ତା ଓ ଡ୍ରେନ୍, ଭୋଟପଡ଼ା ୱାର୍ଡ଼ ନଂ-୧୦
- ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୱାର୍ଡ଼ ନଂ-୬୫
- ୩ ଗୋଟି ୨ ସିଟ୍ ବିଶିଷ୍ଟ 'ଲୁ', ୱାର୍ଡ଼ ନଂ-୫୪
- ଟି.ଟି.ଏସ୍ ଗାଡ଼କଣରେ ୩୦ କେ.ଏଲ୍.ଡି ଇଫ୍ଲୁଏଣ୍ଟ ବିଶୋଧିକରଣ ପ୍ଲାଣ୍ଟ, ୱାର୍ଡ଼ ନଂ-୧୧
- ଦୈନିକ ୨୫ ଟନ୍ କ୍ଷମତା ବିଶିଷ୍ଟ ସବୁଜ ବର୍ଜ୍ୟ ପ୍ରକ୍ରିୟାକରଣରୁ ବାୟୋମାସ୍ ବ୍ରିକେଟ ଉତ୍ପନ୍ନ ପ୍ଲାଣ୍ଟ, ୱାର୍ଡ଼ ନଂ-୦୫
- ୧ ନମ୍ବର ମେନ୍ ଡ୍ରେନ୍ (ପଦ୍ମାବତୀ ବିହାର କଲଭର୍ଟ ରୁ ନନ୍ଦନକାନନ କଲଭର୍ଟ ପର୍ଯ୍ୟନ୍ତ), ୱାର୍ଡ଼ ନଂ-୦୬
- କପିଳେଶ୍ୱର ଶ୍ମଶାନ ଏବଂ ପାର୍କର ନିର୍ମାଣ, ୱାର୍ଡ଼ ନଂ-୬୦
- ରାସ୍ତାର ପୁନଃ ନିର୍ମାଣ, ୱାର୍ଡ଼ ନଂ-୬୫
- ପ୍ରାଚୀର ନିର୍ମାଣ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ (ଭୋଟପଡ଼ା ଖେଳ ପଡିଆ), ୱାର୍ଡ଼ ନଂ-୧୦
- ପଳାଶୁଣୀଠାରେ ଗୃହ ପାଳିତ ପଶୁଙ୍କ ଶ୍ମଶାନ, ୱାର୍ଡ଼ ନଂ-୦୫
- ୱାର୍ଡ଼ କାର୍ଯ୍ୟାଳୟ, ୱାର୍ଡ଼ ନଂ-୧୩, ୱାର୍ଡ଼ ନଂ-୨୪
- ବଡ଼ଗଡ଼ ବ୍ରିଟ କଲୋନୀ ପାଣ୍ଡବ ନଗର ପାର୍କ, ୱାର୍ଡ଼ ନଂ-୫୭
- ଭୋଟପଡ଼ା ଗ୍ରାମରେ ନିର୍ମିତ ଶ୍ମଶାନ, ୱାର୍ଡ଼ ନଂ-୧୦

**ଭିତ୍ତିପ୍ରସ୍ତର ସ୍ଥାପନ**

- ଭୁବନେଶ୍ୱର ମହାନଗର ନିଗମର ୩୦ ଗୋଟି ପବ୍ଲିକ୍ ଟଏଲେଟ୍ ରେ ୫ କେ.ଏଲ୍.ଡି ବିଶିଷ୍ଟ ଏସ୍.ଟି.ପି
- ଦାରୁଠେଙ୍ଗଠାରେ ବାଲୁଙ୍କେଶ୍ୱର ମନ୍ଦିର ଏବଂ ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ
- ଦାରୁଠେଙ୍ଗଠାରେ ଓପନ ପାର୍କ ଓ ଜିମ୍ ନିର୍ମାଣ
- ଦାରୁଠେଙ୍ଗଠାରେ ଷ୍ଟାଡିୟମ ନିର୍ମାଣ
- ଦାରୁଠେଙ୍ଗଠାରେ ରାସ୍ତା, ଡ୍ରେନ୍ ସହିତ ସୋଲାର ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ
- କଳିଙ୍ଗନଗର କେ-୪ ଅଞ୍ଚଳରେ ରାସ୍ତା ନିର୍ମାଣ, ୱାର୍ଡ଼ ନଂ-୨୩
- କଳିଙ୍ଗନଗର କେ-୮ ଅଞ୍ଚଳରେ, ରାସ୍ତା ଓ ଡ୍ରେନ୍ ନିର୍ମାଣ, ୱାର୍ଡ଼ ନଂ-୨୩

ଶ୍ରୀମତୀ ମଞ୍ଜୁଲତା କହଁର, ଡେପୁଟି ମେୟର, ବିଏମ୍‌ସି
ଶ୍ରୀମତୀ ସୁଲୋଚନା ଦାସ, ମେୟର, ବିଏମ୍‌ସି
ସମସ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷା/ଅଧକ୍ଷ ଏବଂ କର୍ପୋରେଟରବୃନ୍ଦ

**ଭୁବନେଶ୍ୱର ମହାନଗର ନିଗମ**

OIPR-13001/13002/1/26-27/0093

## ସରକାରୀ ଗାଡ଼ିର ଅପବ୍ୟବହାର ପ୍ରସଙ୍ଗ

# ପ୍ରମାଣ ସହ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ବନ୍ତ/ଆଗରପଡ଼ା,୩୦।୮ (ସମିସ)

ସରକାରୀ ସମ୍ପତ୍ତି ସାଧାରଣ ଜନତାଙ୍କ ସମ୍ପତ୍ତି । ଏହାର ବ୍ୟବହାର ସରକାରୀ କାର୍ଯ୍ୟ ପାଇଁ ନା ବ୍ୟକ୍ତିଗତ ସୁବିଧା ପାଇଁ ଏହି ପ୍ରଶ୍ନକୁ ନେଇ ବନ୍ତ ତହସିଲ୍ ପ୍ରଶାସନ ପୁଣି ଚର୍ଚ୍ଚାରେ। ଗତ ଫେବୃଆରୀ ୧୩ ତାରିଖରେ ବନ୍ତ ତହସିଲ୍‌ରେ ନିୟୋଜିତ ସରକାରୀ ଗାଡ଼ି ନଂ ଓଡି-୦୨-ସିପି-୮୮୫୪ର ବ୍ୟକ୍ତିଗତ ବ୍ୟବହାର ସମ୍ପର୍କରେ ପ୍ରମାଣ ସହ ଅଭିଯୋଗ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନ ହେବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଧାୟକଙ୍କ ପ୍ରତିନିଧି ସ୍ମୃତିରଞ୍ଜନ ସ୍ୱାଇଁ (ଲାଲା) ।

ଅଭିଯୋଗ ଅନୁସାରେ, ଗତ ଫେବୃଆରୀ ୧୩ ତାରିଖ ରାତି ପ୍ରାୟ ୮ଟା ୩୬ ମିନିଟ୍ ସମୟରେ ଉକ୍ତ ସରକାରୀ ଗାଡ଼ିଟି ବନ୍ତରୁ କେନ୍ଦୁଝର ଜିଲ୍ଲା ଦେଇ ମୟୂରଭଞ୍ଜ ଅଭିମୁଖେ ଯାଉଥିବା ସମୟରେ ଅବସ୍ଥାନ ସୂଚକ କ୍ୟାମେରା ମାଧ୍ୟମରେ ତାହାର ଫଟୋ ଓ ଭିଡିଓ ସଂଗ୍ରହ କରିଥିଲେ ଶ୍ରୀ ସ୍ୱାଇଁ। ଫଟୋରେ ଗାଡ଼ିର ନମ୍ବର ସହ ତାରିଖ, ସମୟ ଓ କେନ୍ଦୁଝର ଜିଲ୍ଲାର ଘଟଗାଁ ଅଞ୍ଚଳର ଅବସ୍ଥାନ ଦର୍ଶାଯାଉଥିବା ସେ ଦାବି କରିଥିଲେ। ଏନେଇ ଶ୍ରୀ ସ୍ୱାଇଁ ତତ୍କାଳୀନ ଭଦ୍ରକ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଫଟୋ ଓ ଭିଡିଓ ପଠାଇବା ସହ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ତତ୍କାଳୀନ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରି ସମସ୍ତ ଘଟଣା ଓ ଉପଲବ୍ଧ ପ୍ରମାଣ ସମ୍ପର୍କରେ ଅବଗତ



ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ବିଧାୟକଙ୍କ ପ୍ରତିନିଧି

ମଧ୍ୟ କରାଇଥିଲେ ଶ୍ରୀ ସ୍ୱାଇଁ। ସେତେବେଳେ ତଦନ୍ତ ଚାଲିଛି ଏବଂ ତଦନ୍ତ ପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରଶାସନ ତରଫରୁ ତାଙ୍କୁ ଆଶ୍ୱାସନ ମଧ୍ୟ ମିଳିଥିଲା। କିନ୍ତୁ ଘଟଣାକୁ ଇତି ମଧ୍ୟରେ ୬ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଅଭିଯୋଗର ତଦନ୍ତ କେଉଁ ସ୍ତରରେ ରହିଛି, ତଦନ୍ତରେ କ"ଣ ମିଳିଛି ଏବଂ କାହା ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି, ସେ ସମ୍ପର୍କରେ ଅଭିଯୋଗକାରୀଙ୍କୁ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବା ଅଭିଯୋଗ ହୋଇଛି। ପ୍ରମାଣ ସହ ଅଭିଯୋଗ ଦେବା ପରେ ମଧ୍ୟ ୬ ମାସରୁ ଅଧିକ ସମୟ ଧରି ତଦନ୍ତର ଫଳାଫଳ ସାମ୍ନାକୁ କାହିଁକି ଆସୁନାହିଁ, ତଦନ୍ତ କେଉଁଠି ଅଟକିଛି, ଯଦି ଅଭିଯୋଗ ଭୁଲ୍, ତାହା କାହିଁକି ସ୍ପଷ୍ଟ କରାଯାଉନାହିଁ। ଆଉ ଯଦି ଅନିୟମିତତା ପ୍ରମାଣିତ ହୋଇଛି ତେବେ କ'ଣ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଅଭିଯୁକ୍ତଙ୍କ ଉପରେ ଗ୍ରହଣ କରାଯାଉନାହିଁ ତାକୁ ନେଇ ଶ୍ରୀ ସ୍ୱାଇଁ ପ୍ରଶ୍ନ କରିଛନ୍ତି।

ସେହିପରି ଫେବୃଆରୀ ୧୩ରେ ବନ୍ତ ତହସିଲ୍‌ଦାର ମୁଖ୍ୟାଳୟ ଛାଡ଼ିବା ପାଇଁ ଅନୁମତି ନେଇଥିଲେ କି ନାହିଁ, ଯଦି ନେଇଥିଲେ କେଉଁ ଅଧିକାରୀଙ୍କଠାରୁ ନେଇଥିଲେ ଏବଂ କେଉଁ କାରଣରେ। ସରକାରୀ ଗାଡ଼ିଟି କେନ୍ଦୁଝର ଦେଇ ମୟୂରଭଞ୍ଜ ଅଭିମୁଖେ ଯିବା ପଛରେ କୌଣସି ସରକାରୀ କାର୍ଯ୍ୟ ଥିଲା କି ନାହିଁ, ଏହାର ଦଲିଲ୍‌ଭିତ୍ତିକ ତଦନ୍ତ ପାଇଁ ଦାବି ହୋଇଥିବା ଜଣାପଡ଼ିଛି। ଏହା ସହ ଅଭିଯୋଗ ଉଠିଛି ଯେ, ଏପରି ଯାତାୟାତ କେବଳ ଥରେ ହୋଇ ନ ଥିଲା। ସରକାରୀ ଗାଡ଼ିଟି ବାରମ୍ବାର ବନ୍ତରୁ ମୟୂରଭଞ୍ଜ ଯାଇ ତହସିଲ୍‌ଦାରଙ୍କୁ ଛାଡ଼ିବା ଏବଂ ପୁଣି ସୋମବାର ସକାଳେ ନେଇ ଆସିବାରେ ବ୍ୟବହୃତ ହୋଇଥିଲା କି ନାହିଁ, ତାହା ଗାଡ଼ିର ଯାତାୟାତ ପଞ୍ଜି, ଇନ୍ଧନ ବ୍ୟୟ ପଞ୍ଜି, ଚାଳକଙ୍କ କାର୍ଯ୍ୟ ପଞ୍ଜି ଓ ଗସ୍ତ ଆଦେଶ ଯାଞ୍ଚ କଲେ ସ୍ପଷ୍ଟ ହୋଇପାରିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ସରକାରୀ ଗାଡ଼ି ଯଦି ସରକାରୀ କାର୍ଯ୍ୟରେ ଯାଇଥିଲା, ତାହାର ରେକର୍ଡ ସାମ୍ନାକୁ ଆଣାଯାଉ। ଆଉ ଯଦି ବ୍ୟକ୍ତିଗତ ଯାତାୟାତରେ ବ୍ୟବହୃତ ହୋଇଥିଲା, ତେବେ କାହା ଅନୁମତିରେ, କେତେଥର, କେତେ କିଲୋମିଟର ଏବଂ ଏଥିପାଇଁ କେତେ ସରକାରୀ ଇନ୍ଧନ ଓ ଅର୍ଥ ବ୍ୟୟ ହୋଇଛି, ତାହାର ହିସାବ ହେବା ଆବଶ୍ୟକ ବୋଲି ଦାବି ହୋଇଛି। ଏବେ ନୂତନ ଜିଲ୍ଲାପାଳଙ୍କ ନିକଟରେ ପୁଣିଥରେ ଏହି ପୁରୁଣା ଅଭିଯୋଗର ତଦନ୍ତ ନଥି ଖୋଲି ପୂର୍ବ ଅଭିଯୋଗ ଉପରେ କ'ଣ ତଦନ୍ତ ହୋଇଥିଲା, ତଦନ୍ତ ରିପୋର୍ଟ କେଉଁଠି ଅଛି ଏବଂ ଆଜି ପର୍ଯ୍ୟନ୍ତ କାହିଁକି କାର୍ଯ୍ୟାନୁଷ୍ଠାନ ହୋଇନାହିଁ, ତାହା ସାର୍ବଜନୀନ କରିବାକୁ ବିଧାୟକଙ୍କ ପ୍ରତିନିଧି ସ୍ମୃତିରଞ୍ଜନ ସ୍ୱାଇଁ (ଲାଲା) ଦାବି କରିଛନ୍ତି।

# ପଞ୍ଚାୟତ ଅଫିସ ଭଙ୍ଗାରୁଜା ଓ ପିଇଓଙ୍କୁ ଗାଳିଗୁଲଜ ଅଭିଯୋଗ; ଯୁବକ ଗିରଫ



ଭଦ୍ରକ,୩୦।୮ (ସମିସ): ତିହିଡ଼ି ଅଞ୍ଚଳର ବୋଡକ ପଞ୍ଚାୟତ ଅଫିସରେ ପଶି ଭଙ୍ଗାରୁଜା କରିବା ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ତିହିଡ଼ି ଥାନା ଅନ୍ତର୍ଗତ ଅଣ୍ଡେରେଇ ଗ୍ରାମର ବଙ୍ଗାଳି ମଳିକଙ୍କ ପୁଅ ସୁଶାନ୍ତ ମଳିକ (୪୩) ।

ମିଳିଥିବା ସୂଚନା ଅନୁଯାୟୀ, ସୁଶାନ୍ତ ହଠାତ୍ ବୋଡକ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ପଶି ସେଠାରେ ଉତ୍ତେଜନା ସୃଷ୍ଟି କରିବା ସହ ଅଫିସର ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଏଥିସହ ପିଇଓଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ବୋଡକ ସରପଞ୍ଚ ସୁବାସିନୀ ଜେନା ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ତିହିଡ଼ି ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ତିହିଡ଼ି ଥାନାରେ ବିଭିନ୍ନ ମାମଲା ରହିଥିବା ପୁଲିସ ସୂଚନାରୁ ଜଣାଯାଇଛି।

## ଗାୟତ୍ରୀ ପରିବାର ପକ୍ଷରୁ ରିଲିଫ୍ ବିତରଣ

ବାରିକପୁର,୩୦।୮ (ସମିସ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଭୁବନେଶ୍ୱର ଜୋନ୍ ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ୍‌ର ବନ୍ୟା ପ୍ରପୀଡ଼ିତମାନଙ୍କୁ ଶୁଖିଲା ଖାଦ୍ୟ ବିତରଣ କରାଯାଇଛି। ବରିଷ୍ଠ ସଦସ୍ୟ ରମେଶ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବିପନ୍ନମାନଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ୍, ଲୁଙ୍ଗି, ଗାମୁଛା, ଟର୍ଚ୍ଚ, ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରାଯାଇଥିଲା। ଗାୟତ୍ରୀ ପରିବାର ସଦସ୍ୟା ଅନୁସୟା ପଣ୍ଡା, କନକଲତା ଜେନା, ସ୍ୱର୍ଣ୍ଣଲତା ପରିଡ଼ା, କୁନି ନାୟକ, ଚିତ୍ତରଞ୍ଜନ ନାୟକ, ଆଲୋକ ରଞ୍ଜନ ପଣ୍ଡା, ନିରାକାର ବେହେରା ପ୍ରମୁଖ ରିଲିଫ୍ ବଣ୍ଟନ କରିଥିଲେ। ବନ୍ୟାଞ୍ଚଳ ରହଣିଆ ଓ ନପଙ୍ଗ ସମେତ ବର୍ଷା ପାଣି ଦ୍ୱାରା ପ୍ରଭାବିତ ଦକ୍ଷିଣବାଡ଼ ଏବଂ କହରାପୋଖରୀ ଗ୍ରାମର ପ୍ରାୟ ୨୦୦ ପରିବାରକୁ ରିଲିଫ୍ ବଣ୍ଟନ ହୋଇଥିବା ଜଣାଯାଇଛି।

# ୪୦ କେଜି ଗଞ୍ଜେଇ ଜବତ; ୨ କୋର୍ଟ ଚାଲାଣ



ଭଦ୍ରକ,୩୦।୮ (ସମିସ): ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ ଶନିବାର ଧାମନଗର ଛକ ନିକଟରୁ ୪୦ କେଜି ଗଞ୍ଜେଇ ସହ ଏକ କାର୍ ଜବତ କରାଯାଇଛି। ଭଦ୍ରକ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ସୂଚନାନୁଯାୟୀ, ଅବକାରୀ ଅଧକ୍ଷ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁଚରିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଟିମ୍ ଧାମନଗର ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଏକ କାର୍ ଉପରେ ସନ୍ଦେହ ହେବାରୁ ଗାଡ଼ିଟିକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ କାର୍ ଭିତରୁ ୪୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଓଡି-୦୨ଡିଓ-୯୨୫୧ ନମ୍ବର ବିଶିଷ୍ଟ କାର୍‌ଟିକୁ ମଧ୍ୟ ଜବତ କରାଯାଇଛି। ଏହି ଚଢ଼ଉରେ ଇନ୍ସପେକ୍ଟର ରାଜକିଶୋର ଜେନା, ସବ୍‌ଇନ୍ସପେକ୍ଟର ନଟବର ମଲ୍ଲିକଙ୍କ ସମେତ ଅନ୍ୟମାନେ ସାମିଲ୍ ଥିଲେ। ଗିରଫ ୨ ଜଣଙ୍କ ମଧ୍ୟରୁ ଜଣଙ୍କ ଘର ପଶ୍ଚିମବଙ୍ଗ ଏବଂ ଅନ୍ୟ ଜଣଙ୍କ ଘର ନୟାଗଡ଼ ଅଞ୍ଚଳରେ ବୋଲି ଜଣାପଡ଼ିଛି।

## ବନ୍ୟାରେ ଉଜୁଡ଼ିଗଲା ୫୦ ଏକର ଚାଷ

# ମାନସିକ ଚିନ୍ତାରେ ଜୀବନ ହାରିଲେ ପ୍ରଭାକର

### ଚାଷ କ୍ଷତିର ମାନସିକ ଚାପରୁ ଚରମ ପଦକ୍ଷେପ ନେଇଥିବା ପରିବାର ଲୋକଙ୍କ ଅଭିଯୋଗ



ଧୂଷୁରୀ,୩୦।୮ (ସମିସ): ଲଗାଣ ବନ୍ୟା ଆଣିଦେଲା ଦୁର୍ଦ୍ଦଶା। ନଷ୍ଟ କରିଦେଲା ଶହଶହ ଏକର ଚାଷ। ଏବେବି ଜମିରେ ପେଟେ ପେଟେ ପାଣି ଜମିରହିଛି। ଚାଷ ଉଜୁଡ଼ି ଯିବା ସହ ଘରଦ୍ୱାର ମଧ୍ୟ ଭୁଶୁଡ଼ିପଡ଼ିଛି। ଧାରକରଜ କରି ଚାଷ କରିଥିବା ଚାଷୀ ମାନସିକ ଦୁଶ୍ଚିନ୍ତାରେ ଜୀବନ ହାରିଥିବା ଭଳି ଏକ ଘଟଣା ଦେଖିବାକୁ ମିଳିଛି। ଧାମନଗର ବ୍ଲକ୍ ଅଧୀନ ଧୂଷୁରୀ ଥାନା ସାହାସପୁର ପଞ୍ଚାୟତର ଲୋହସାହି ଗ୍ରାମରେ ଜଣେ ଚାଷୀଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ହେଲେ ଲୋହସାହି ଗାଁର ପ୍ରଭାକର ବେହୁରିଆ (୫୨)।

ସୂଚନା ଅନୁଯାୟୀ, ରବିବାର ଦିନ ପ୍ରାୟ ୧୧ଟା ରେ ଗାଁର ଜଣେ ବ୍ୟକ୍ତି ବିଲକୁ କାମ କରିବାକୁ ଯାଉଥିବାବେଳେ ପ୍ରଭାକରଙ୍କ ଘର ପଛପଟ ବାଡ଼ିରେ ଥିବା କରଞ୍ଜ ଗଛରେ ସେ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ଏନେଇ ସେ ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ଧୂଷୁରୀ ଥାନାକୁ ଖବର ଦେଇଥିଲେ। ପ୍ରଭାକର ଜଣେ ଚାଷୀ ଭାବେ ପ୍ରାୟ ୪୦ରୁ ୫୦ ଏକର ଜମିରେ ଚାଷ କରୁଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ତାଙ୍କର ଚାଷରେ ସମ୍ପୂର୍ଣ୍ଣ କ୍ଷତି ହୋଇଥିବାରୁ ସେ ଗଭୀର ଚିନ୍ତାରେ ରହୁଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଗତ କିଛିଦିନ ଧରି ସେ ଅଧିକାଂଶ ସମୟ ନିରବ ରହୁଥିବା ମଧ୍ୟ ସେମାନେ ପ୍ରକାଶ କରିଛନ୍ତି। ଚାଷରେ ହୋଇଥିବା ବ୍ୟାପକ କ୍ଷତିକୁ ସହ୍ୟ କରି ନ ପାରି ପ୍ରଭାକର ଏଭଳି ଚରମ ପଦକ୍ଷେପ ନେଇଥିବା ପରିବାର ଲୋକ ଓ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ପୁଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଘଟଣା ସମ୍ପର୍କରେ ଖବର ପାଇ ଧୂଷୁରୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆଇନାନୁଯାୟୀ ତଦନ୍ତ କରିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ-୨୩/୨୦୨୬) ରୁଜୁ ହୋଇଥିବା ଜଣାପଡ଼ିଛି। ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାର ସମସ୍ତ ପରିସ୍ଥିତି ନେଇ ପୁଲିସ ତଦନ୍ତ ଜାରି ରହିଛି। ବନ୍ୟା ଓ ଲଗାଣ ବର୍ଷାରେ ଚାଷ ନଷ୍ଟ ହୋଇ ଚାଷୀଙ୍କ ଜୀବନଜୀବିକା ଗଭୀର ଭାବେ ପ୍ରଭାବିତ ହୋଇଥିବାବେଳେ ଲୋହସାହିର ଏହି ଘଟଣା ଅଞ୍ଚଳର ଚାଷୀଙ୍କ ଦୁର୍ଦ୍ଦଶାକୁ ପୁଣିଥରେ ସାମ୍ନାକୁ ଆଣିଛି। କ୍ଷତିଗ୍ରସ୍ତ ଚାଷଜମିର ତୁରନ୍ତ ସଠିକ୍ ଆକଳନ କରି ଚାଷୀମାନଙ୍କୁ ଆବଶ୍ୟକ ସରକାରୀ ସହାୟତା ଓ କ୍ଷତିପୂରଣ ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ▶▶ ଗାଁରେ ଡଷ୍ଟବିନ୍ ବସାଯାଉନି କହିବା ହେଲା କାଳ

# ଦଳିତ ମହିଳାଙ୍କୁ ସରପଞ୍ଚଙ୍କ ନିର୍ଯାତନା ଅଭିଯୋଗ



ଗାଳିଗୁଲଜ କରିବା ସହ ବାସଚ୍ୟୁତ କରିବା ପାଇଁ ଧମକ

ଭଦ୍ରକ,୩୦।୮ (ସମିସ): ଗାଁରେ ଡଷ୍ଟବିନ୍ ବସାଯାଉନାହିଁ କହିବା ହେଲା ଜଣେ ଗରିବ ଦଳିତ ମହିଳାଙ୍କ ପାଇଁ କାଳ। ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ମହିଳାଙ୍କୁ ମାନସିକ ନିର୍ଯାତନା ସହିତ ବାସଚ୍ୟୁତ ପାଇଁ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ଭଦ୍ରକ ବ୍ଲକ୍ ସାବରଙ୍ଗ ଥାନା ଅଧୀନସ୍ଥ ବଣିଆଁ ପଞ୍ଚାୟତର ସରଗଡ଼ିଆ ଗାଁରେ।

ଏହି ଗାଁ ପାଖରେ ଡଷ୍ଟବିନ୍‌ଟିଏ ବସାଯାଉନାହିଁ ବୋଲି ଅଭିଯୋଗ କରିଥିଲେ ସରଗଡ଼ିଆ ଗାଁର ରଥି ସେଠୀ। ଏହା ଜାଣି ସ୍ଥାନୀୟ ସରପଞ୍ଚ ଓ ତାଙ୍କ ସମର୍ଥକମାନେ ଆସି ସମ୍ପୃକ୍ତ ମହିଳାଙ୍କୁ ବିଭିନ୍ନ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ବାସଚ୍ୟୁତ କରିଦେବା ପାଇଁ ଧମକାଇଥିଲେ। ପରେ ମହିଳା ଜଣଙ୍କୁ ସରକାରୀ ଜାଗାରୁ ଉଚ୍ଛେଦ ପାଇଁ ସରପଞ୍ଚ ତହସିଲ୍‌ଦାର ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇ ତୁରନ୍ତ ସମ୍ପୃକ୍ତ ମହିଳାଙ୍କ ଘର ଉଚ୍ଛେଦ ପାଇଁ ଦାବି କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ମହିଳା ଜଣକ ସରପଞ୍ଚ ଓ ତାଙ୍କ ସମର୍ଥକଙ୍କ ଦ୍ୱାରା ମାନସିକ ନିର୍ଯାତନା ପାଇ ସାବରଙ୍ଗ ଥାନା ରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କିଛି ପଦକ୍ଷେପ ନେଉ ନ ଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏପରିକି ସେ ଦୀର୍ଘ ୧୫ ବର୍ଷ ହେଲା ୯ ଜଣ ପରିବାରକୁ ନେଇ ସରକାରୀ ଜାଗାରେ କୁଡ଼ିଆ ଖଣ୍ଡେ କରି ରହି ଆସୁଥିଲାବେଳେ କେବେ କେହି ବି ଅଭିଯୋଗ କରି ନ ଥିଲେ। ତେବେ ଗାଁ ମୁଣ୍ଡରେ ଡଷ୍ଟବିନ୍‌ଟିଏ ବସାଯାଉନାହିଁ ବୋଲି କହିବା ତାଙ୍କ ପାଇଁ କାଳ ସାଜିଲା ଓ ତାଙ୍କୁ ନାନାଦି ହଇରାଣ ହରକତ କରୁଛନ୍ତି ବୋଲି ଦର୍ଶାଇ ସେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଅନ୍ୟପକ୍ଷରେ ସାବରଙ୍ଗ ପୁଲିସ ଘଟଣାରେ ଏକ ମାମଲା ରୁଜୁ କରିଥିଲେ ବି ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

## ଟ୍ରକ୍ ଓ ଟିପ୍ପର ମାଲିକଙ୍କ ଧାରଣାକୁ ମାସେ ପୂରିଲାଣି; ପ୍ରଶାସନର ଦୃଷ୍ଟି ପଡୁନି

# ଆସନ୍ତା ୪ରେ ୧୨ ଘଣ୍ଟିଆ ରେଳରୋକ




ଭଦ୍ରକ,୩୦।୮ (ସମିସ): ଧାମରା ବନ୍ଦରରେ ଭଦ୍ରକ ଜିଲ୍ଲାର ସମସ୍ତ ଟ୍ରକ୍ ଓ ଟିପ୍ପର ମାଲିକଙ୍କୁ ସାମିଲ୍ କରିବା ଦାବିରେ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମାସେରୁ ଅଧିକ ଦିନ ଧାରଣା ଦିଆଯାଇଛି। ମାତ୍ର ଏହି ଟ୍ରକ୍ ଆଉ ଟିପ୍ପର ମାଲିକମାନଙ୍କ ଦାବି ପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ଧାମରା ବନ୍ଦରର ପରିବହନ ବ୍ୟବସ୍ଥାରେ ଜିଲ୍ଲାର ସମସ୍ତ ଅଞ୍ଚଳକୁ ସାମିଲ୍ କରିବା ଦାବିରେ ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ୧୨ ଘଣ୍ଟିଆ ରେଳରୋକ ସମ୍ପର୍କରେ ଜିଲ୍ଲାପାଳଙ୍କୁ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଧାମରା ବନ୍ଦର ଦ୍ୱାରା ପରିଚାଳିତ କୋଇଲା ଓ ଅନ୍ୟାନ୍ୟ ପରିବହନରେ ଜିଲ୍ଲାର ସମସ୍ତ ଅଞ୍ଚଳ ସାମିଲ୍ ହୋଇ ନ ଥିବାରୁ ଭଦ୍ରକ ଜିଲ୍ଲା ଟିପ୍ପର ଓ ଟ୍ରକ୍ ମାଲିକ ସଂଘ, ବିଶ୍ୱକର୍ମା ଟ୍ରକ୍ ମାଲିକ ସଂଘ ଓ ଭଦ୍ରକ ଜିଲ୍ଲା ବିକାଶ ପରିଷଦ ଗତ ୩୫ ଦିନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ଆଞ୍ଚଳିକ ଅର୍ଥନୈତିକ ବୈଷମ୍ୟକୁ ଆଧାର କରି ଜିଲ୍ଲାର ଅଧିକାଂଶ ଗାଡ଼ି ମାଲିକ ଓ ନିର୍ଦ୍ଦିଷ୍ଟ ଭାବରେ ଯୁବଗୋଷ୍ଠୀ ଜିଲ୍ଲା ପ୍ରଶାସନର ଉଦାସିନତାକୁ ନାପସନ୍ଦ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ବିକାଶ ପରିଷଦ, ଜିଲ୍ଲା ଟିପ୍ପର, ଡମ୍ପର, ଟ୍ରକ୍ ମାଲିକ ସଂଘ ଓ ବିଶ୍ୱକର୍ମା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆସନ୍ତା ୪ ତାରିଖରେ ୧୨ ଘଣ୍ଟିଆ ରେଳରୋକ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ରେଳରୋକରେ ସାମିଲ୍ ହେବା ପାଇଁ ଜିଲ୍ଲାର ସମସ୍ତ ଶିକ୍ଷିତ ବେକାର ଯୁବକଯୁବତୀ ଓ ରୋଜଗାର ନ ପାଇ ଅସୁବିଧାର ସମ୍ମୁଖୀନ ହେଉଥିବା ଗାଡ଼ି ମାଲିକଙ୍କୁ ଆହ୍ୱାନ ଦିଆଯାଉଛି। ସର୍ବୋପରି, ଏହି ରେଳରୋକକୁ ସଫଳ କରିବା ପାଇଁ ଉକ୍ତ ସଂଘଗୁଡ଼ିକ ତରଫରୁ ଜିଲ୍ଲାବାସୀଙ୍କୁ ନିବେଦନ କରାଯାଇଛି। ସୂଚନା ଥାଉ କି, ୨୦୧୧ ମସିହାରୁ କାର୍ଯ୍ୟକ୍ଷମ ହୋଇଥିବା ଏହି ବନ୍ଦରର ଆଖପାଖ ୮/୧୦ଟି ପଞ୍ଚାୟତର ଲୋକମାନଙ୍କୁ ସୁବିଧାସୁଯୋଗ ମିଳୁଥିବା ସ୍ଥଳେ ଜିଲ୍ଲାର ଏକ ବଡ଼ ଭାଗରୁ ଲୋକମାନଙ୍କୁ ବନ୍ଦରଭିତ୍ତିକ ବ୍ୟବସାୟରୁ ଦୂରେଇ ରଖାଯାଇଛି। ଏ ସମସ୍ତ ବିଷୟକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ଜିଲ୍ଲା ଡମ୍ପର ଓ ଟ୍ରକ୍ ମାଲିକ ସଂଘ ସଭାପତି ଶୁଭେନ୍ଦୁରାୟ ମହାପାତ୍ର, ସମ୍ପାଦକ ଜ୍ୟୋତି ପ୍ରକାଶ ମହାନ୍ତି ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସଂଘର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

# ଖାନ୍‌କା ହବିବିୟା ଟ୍ରଷ୍ଟ କମିଟି ପକ୍ଷରୁ ସମ୍ବର୍ଦ୍ଧନା



ଧାମନଗର,୩୦।୮ (ସମିସ): ଗତ ୨୫ ତାରିଖରେ ଧାମନଗରରେ ପ୍ରଫେଟ୍ ହଜରତ ମହମ୍ମଦଙ୍କ ଜନ୍ମଦିନ ତଥା ଜସ୍ନେ-ଏ-ଇଦ୍ ମିଲାଦୁନ ନବୀ ଉପଲକ୍ଷେ ବିଭିନ୍ନ ସାହିବସ୍ତି ଏବଂ ଯୁବ ସଂଗଠନ ତରଫରୁ ୩୪ଟି ରଙ୍ଗବେରଙ୍ଗ ଆଲୋକରେ ସୁସଜ୍ଜିତ ଆକର୍ଷଣୀୟ ଜୁଲୁସ୍ ଓ କାଫଲା ଶୋଭାଯାତ୍ରା ସହର ପରିକ୍ରମା କରି ସୁଚାରୁରୂପେ ସମାପ୍ତ ହୋଇଛି। ଏହି ଅବସରରେ ୨୬ ତାରିଖରେ ଧାମନଗର ଏନ୍‌ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ଅଧୀନ ଜଗତି କଦମରସୁଲଠାରେ ନବୀସାହେବ ପୀରବାବାଙ୍କ ଉତ୍ସବ ଏବଂ ୧୫୦୧ତମ ଜସ୍ନେ-ଇଦ୍-ମିଲାଦୁନ ନବୀଙ୍କ ୨୦୨୬ ପାଳନ ଓ ତବୃକାତ୍ ଦର୍ଶନ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ପୁଲିସ ପ୍ରଶାସନର ସହଯୋଗରେ ଉକ୍ତ ୨ ଦିନର ପର୍ବ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଥିବାରୁ ଧାମନଗର ଖାନ୍‌କା ହବିବିୟା ଟ୍ରଷ୍ଟ କମିଟିର କର୍ମକର୍ତ୍ତା ପୁଲିସ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। କମିଟି ସଭାପତି ମୌଲାନା ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ୍-ଏ-ମିଲ୍ଲତ)ଙ୍କ ନେତୃତ୍ୱରେ ଉପସଭାପତି ଏମ୍‌ଡି ଅବ୍‌ଦୁଲ ମନ୍ନାନ ହବିବି, ସମ୍ପାଦକ ମୌଲାନା ମୁକ୍ତାର ଅହେମ୍ମଦ ହବିବି, ଉପଦେଷ୍ଟା ଏମ୍‌ଡି ଫଜଲେ ବାରି ହବିବି, ସେକ୍ ଅବ୍‌ଦୁଲ ହାକିମ୍, ସେକ୍ ଜାଫର ଅଲ୍ଲୀ, ସେକ୍ ଅସଲାମ, ଏମ୍‌ଡି ଜୟନୁଲ ଆବେଦିନ, ଏମ୍‌ଡି ଇସ୍‌ଲାମୁଦ୍ଦିନ, ସେକ୍ ସିରାଜ, ସେକ୍ କାଦିର, ସେକ୍ ଖଲିଲ୍ ପ୍ରମୁଖ ଉଭୟଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଏସ୍‌ଡିପିଓ ବିଷ୍ଣୁ ଚରଣ ବାରିକ, ଆଇଆଇସି ଶୁଭ୍ରଜିତ୍ ଦାଶଙ୍କୁ କମିଟି ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ଚଳିତ ବର୍ଷ ପୀରବାବାଙ୍କ ୪୭ତମ ଉର୍ସ ଉତ୍ସବକୁ ନୂତନ ଟ୍ରଷ୍ଟ କମିଟି ତରଫରୁ ସମସ୍ତ କାର୍ଯ୍ୟ ହାତକୁ ନେଇଛନ୍ତି। ଟ୍ରାଫିକ୍, ଗାଡ଼ି ପାର୍କିଂ ସହିତ ଶାନ୍ତିଶୃଙ୍ଖଳାରେ କିପରି ପାଳନ ହେବ ସେଥିପାଇଁ ସଭାପତି (ମସ୍ତାନ୍-ଏ-ମିଲ୍ଲତ) ଦୁଇ ଅଧିକାରୀଙ୍କ ସହ ଆଲୋଚନା କରି ୧୭, ୧୮ ଦୁଇ ଦିନ ଉର୍ସରେ ସହଯୋଗ ପାଇଁ ଅନୁରୋଧ କରିଥିବାବେଳେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଦୁଇ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

## ■ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରିଲିଫ୍ ସାମଗ୍ରୀ ହଡ଼ପକୁ ନେଇ ତାତିଲେ ବିପନ୍ନ

# ଅର୍ଦ୍ଧାଧିକ ସାମଗ୍ରୀ ନ ଥିବାରୁ ଫେରାଇଦେଲେ



ଆରଡ଼ି,୩୦।୮ (ସମିସ): ବୈତରଣୀ ଓ ସାଳନ୍ଦୀ ନଦୀରେ ଆସିଥିବା ୪ଥର ବନ୍ୟାରେ ବିଶେଷ ଭାବେ ପ୍ରଭାବିତ ହୋଇଥିଲା ଚାନ୍ଦବାଲି ବ୍ଲକ୍‌ର ସୁନ୍ଦରପୁର, ଓଳଗ, ନାନ୍ଦପୁର, ଆରଡ଼ି ପ୍ରମୁଖ ୪ଟି ପଞ୍ଚାୟତର ୨୪ ଗାଁ। ଏହି ପଞ୍ଚାୟତର ହଜାର ହଜାର ବିପନ୍ନଙ୍କ ପାଇଁ ଆସିଥିବା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରିଲିଫ୍ ପାଣ୍ଠି ଜରିଆରେ ବିଭିନ୍ନ ସଂସ୍ଥା ପକ୍ଷରୁ ରିଲିଫ୍ ସାମଗ୍ରୀକୁ ଦୀର୍ଘଦିନ ଧରି ଏକ ନିର୍ଦ୍ଦିଷ୍ଟ ଦଳୀୟ କାର୍ଯ୍ୟାଳୟରେ ରଖାଯିବା ପରେ ଅର୍ଦ୍ଧାଧିକ ଭାଗ ରିଲିଫ୍ ସାମଗ୍ରୀକୁ ହଡ଼ପ କରାଯିବା ସହ ବିକ୍ରି କରିବା ପରେ ରବିବାର ବିପନ୍ନଙ୍କୁ କେବଳ ଅଟା ଓ ସୁଜି ବଣ୍ଟନ କରାଯାଉଥିବା ଅଭିଯୋଗ କରି କିଛି ବିପନ୍ନ ରିଲିଫ୍ ସାମଗ୍ରୀ ଫେରାଇ ଦେଇଥିଲେ।

ବିପନ୍ନମାନଙ୍କ କହିବା ଅନୁଯାୟୀ, ରିଲିଫ୍ ପାଇଁ ଆସିଥିବା ଅଟା, ଚିନି, ଚୁଡ଼ା, ବିସ୍କୁଟ୍, ସୁଜି, ତେଲ, ଆଳୁ ଆଦି ବିଭିନ୍ନ ମସଲା କୁଆଡ଼େ ଗଲା। ଆମକୁ କେବଳ ୧ କିଲୋ ଅଟା ଓ ସୁଜି ୫୦୦ ଗ୍ରାମ୍ ଦେଇ ଫଟୋ ଓ ଦସ୍ତଖତ ନେଉଛନ୍ତି। ଏପରି ଅଭିଯୋଗ କରି ସୁନ୍ଦରପୁର ପଞ୍ଚାୟତ ଦୋହରା ଗାଁର ଶହଶହ ବିପନ୍ନ ରିଲିଫ୍ ସାମଗ୍ରୀ ଫେରାଇ ଦେଇଥିଲେ। ଏପରିକି ଆସିଥିବା ସମସ୍ତ ରିଲିଫ୍ ସାମଗ୍ରୀ ଯଦି ବିପନ୍ନଙ୍କୁ ଦିଆ ନ ଯାଏ, ତେବେ ଭଦ୍ରକ-ଆଖଣ୍ଡଳମଣି ରାଜପଥରେ ବସିରହିବେ ବୋଲି ବିପନ୍ନମାନେ କହିଛନ୍ତି। ଏପରିକି ଆସିଥିବା ରିଲିଫ୍ ସାମଗ୍ରୀ ଦଳଭିତ୍ତିକ ଭାବେ କିଛି ଲୋକଙ୍କୁ ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ଦିଆ ନ ଯିବା ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଅନ୍ଧାରରେ ରଖାଯିବା ଆଦି ସନ୍ଦେହ ଘେରକୁ ଆସୁଛି ବୋଲି ସରପଞ୍ଚ ଅଭିମନ୍ୟୁ ଜେନାଙ୍କ ସହ ଗାଁର ମୁରବି ଓ ମହିଳାମାନେ ଅଭିଯୋଗ ଆଣିଛନ୍ତି।

## ବାସୁଦେବପୁର ପୌରପାଳିକାରେ ଦୁର୍ନୀତି; ଭିଜିଲାନ୍ସ ତଦନ୍ତ ଦାବି

# ଜିନିଷ କିଣାବିକା ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ !

ବାସୁଦେବପୁର,୩୦।୮ (ସମିସ)

ହ୍ରାସ କରାଯାଇଛି ପୌରପାଳିକା ପରିଷଦର କ୍ଷମତା। ନିଜ କର୍ମୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଆଇନ ପ୍ରଣୟନ କରୁଛନ୍ତି। ସାମ୍ବିଧାନିକ ବ୍ୟବସ୍ଥାର ଧଜିଆ ଉଡ଼ାଇ ଅର୍ଥ ଲୁଟ୍‌ର ବାଟ ମୁକୁଳା ହୋଇଯାଇଛି। ଗଳାବାଟ ୨ କର୍ମଚାରୀଙ୍କୁ ବେଶ୍ ସୁହାଉଛି। ରାଜ୍ୟ ସରକାର ପୌରପାଳିକାର ନିର୍ମାଣ କାର୍ଯ୍ୟକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଅଫିସରମାନଙ୍କୁ ଏକଚାଟିଆ ଆର୍ଥିକ କ୍ଷମତା ପ୍ରଦାନ କରିବା ପରେ ବାସୁଦେବପୁର ପୌରପାଳିକାର ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗ ହୋଇଛି। ଗତ ଏକ ବର୍ଷର କାର୍ଯ୍ୟକୁ ଯେତେ ଖୋଳତାଡ଼ କରିବ ସେତେ ଦୁର୍ନୀତି ପଦାକୁ ଆସିବ। ପୌରପାଳିକାର ବିନା ପାରିଷଦ ବା କାଉନ୍‌ସିଲ୍‌ରେ ଛୋଟ ଛୋଟ କରି ଲକ୍ଷ ଟଙ୍କାର କାମ ଦଳୀୟ ଭିତ୍ତିରେ ବଣ୍ଟନ କରାଯାଇଛି। ବଡ଼ ପାଟିକରି ବିରୋଧ କରୁଥିବା କିଛି ପାରିଷଦଙ୍କୁ କାମ ପ୍ରଦାନ କରି ମୁହଁ ବନ୍ଦ କରାଯାଇଛି। ୩/୪ଟା ଛୋଟ ଛୋଟ କାମ ପାଇ ଅଧିକାରୀଙ୍କ ସୁରକ୍ଷା କବଚ ସାଜିଛନ୍ତି। ପାରିଷଦ ନେଇଥିବା କାମର ମାନ କେତେ ଅଛି ଖୋଳତାଡ଼ କଲେ ପଦାକୁ ଆସିବ।




ବାସୁଦେବପୁର ପୌରପାଳିକାରେ ବିକାଶମୂଳକ କାମ ଠପ୍ ହୋଇଯାଇଛି। ରାସ୍ତାରେ ଆଣ୍ଠୁଏ ଖାଲରେ ଲୋକ ପଡ଼ିଉଠି ଯାଉଥିବାବେଳେ କୁକୁଡ଼ା ପଲାକୁ ରାସ୍ତା ନିର୍ମାଣ କରାଯାଇଛି। ପୌରପାଳିକା ମଧ୍ୟରେ ଆଲୋକ ଉଜ୍ଜ୍ୱଳତାକୁ ଦେଖିଲେ ଆମର ପାରିବାପଣିଆ ଦେଖି ପଞ୍ଚାୟତ ଲୋକ ଅଟ୍ଟହାସ୍ୟ କରୁଛନ୍ତି। ପୌରପାଳିକାର ପରଚେଜ୍ ନାମରେ ଲୁଟ୍ ଚାଲିଛି। କୀଚକ ବାହୁବଳେ ବିରାଟ ରାଜା। ଦୁଇ ଜଣ କର୍ମଚାରୀ କମ୍ପ୍ୟୁଟର ଓ ବିଦ୍ୟୁତ୍ ସାମଗ୍ରୀ କିଣିବା ନାମରେ ହରିଲୁଟ୍ କରୁଥିବାର ଅଭିଯୋଗ ହେଉଛି। ଏହି ଦୁଇ କର୍ମଚାରୀ ନିଜେ ନୋଟ୍ ସିଟ୍ ଲେଖି ଦସ୍ତଖତ ନ ମାରି ଚତୁରତାର ସହିତ ଖସିଯିବାକୁ ସୁପର ପ୍ଲାନ୍ କରିଛନ୍ତି। ଜଣେ ନିରିହ ମହିଳା କର୍ମଚାରୀଙ୍କୁ ବଳି ପକାଉଛନ୍ତି। ମହିଳା କର୍ମଚାରୀ ଜଣକ ପରଚେଜ୍ ବିଷୟରେ କିଛି ଜାଣି ନ ଥିଲେ ମଧ୍ୟ ଧମକଚମକ ଦେଇ ଦସ୍ତଖତ କରାଇ ନେଉଛନ୍ତି। ଅଫିସ ଆସିଲେ କେମିତି ଫଲ୍ସ ବିଲ୍ ହେବ ସେହି ବାଟ ଖୋଜୁଛନ୍ତି। ୨ କର୍ମଚାରୀଙ୍କ ପଛରେ ଅଧିକାରୀଙ୍କ ପ୍ରଚ୍ଛଦପଟ୍ଟରେ ହାତ ରହିଛି ବୋଲି ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି। ଟାଉନ୍ ହଲ୍ ଓ ଲାଇବ୍ରେରୀରେ ପରଚେଜ୍ ବା କିଣିବା ବାହାନା ହେଉ କି ଆହାର କେନ୍ଦ୍ର ବିଲ୍ ହେଉ, ବିକାଶ ଧାରା, ଜଳଛତ୍ର, ମିଟିଂ ହଲ୍‌ର ପ୍ଲାଇ କାମ, ଟାଉନ୍ ହଲ୍, କଲ୍ୟାଣ ମଣ୍ଡପ, ଅଫିସର କ୍ଷେଷନାରୀ, ଏସି ଓ କମ୍ପ୍ୟୁଟର ସଜାଡ଼ିବା ନାଁରେ ବଡ଼ ଧରଣର ଦୁର୍ନୀତିର ଗନ୍ଧ ପଦାରେ ପଡ଼ି ଦାଣ୍ଡରେ ଗଡ଼ିଲାଣି। କେବଳ ଏତିକି ନୁହେଁ, ପୌରପାଳିକାର ଏକ ବର୍ଷର କାର୍ଯ୍ୟକ୍ରମକୁ ଯେତେ ଘାଣ୍ଟିବ ସେତେ ପୁଳାପୁଳା ଦୁର୍ନୀତି ପଦାକୁ ଆସିବ ବୋଲି ଅଭିଯୋଗ ହେଉଛି। ଏ ଦିଗରେ ଭିଜିଲାନ୍ସ ତଦନ୍ତ ହେଲେ ସବୁ ସତ ପଦାକୁ ଆସିବ ବୋଲି ଆଲୋଚନା ହେଉଛି। ନୂତନ ଜିଲ୍ଲାପାଳ ଏ ଦିଗରେ ହସ୍ତକ୍ଷେପ କରିବାକୁ ଦାବି ହେଉଛି।

## ଜରିପାଲ ଭରସାରେ ଗେଙ୍ଗୁଟି ନଦୀବନ୍ଧ

# ୬ ବର୍ଷ ହେଲା ମରାମତି ଅଧପନ୍ତରିଆ

ଦୋବଲ,୩୦।୮ (ସମିସ)



ବନ୍ୟା ଆସିଲେ ଗେଙ୍ଗୁଟି ନଦୀ ଫୁଲୁଛି। ନଦୀର ପାଣି ବଢ଼ିଲେ ନଦୀକୂଳିଆଙ୍କ ଛାତିରେ ଛନକା ପଶୁଛି। ଏହାରି ମଧ୍ୟରେ ଧାମନଗର ବ୍ଲକ୍ ଦଲାଙ୍ଗ ପଞ୍ଚାୟତ ମଳିକସାହି ନିକଟରେ ଗେଙ୍ଗୁଟି ନଦୀର ଦକ୍ଷିଣପାର୍ଶ୍ୱ ବନ୍ଧର ଦୁର୍ବଳ ଅବସ୍ଥା ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି। ବନ୍ଧ ଏବେ ଜରିପାଲ ଭରସାରେ ରହିଥିବାବେଳେ ଅଧପନ୍ତରିଆ ମରାମତି କାମ ଯୋଗୁଁ ବିପଦ ଆହୁରି ଘନେଇଛି। ୨୦୨୧ ମସିହା ବନ୍ୟା ପରେ ଗେଙ୍ଗୁଟି ନଦୀର ଏହି ଅଞ୍ଚଳର ୨୦୦ ଫୁଟ୍ ଭଳି ବନ୍ଧ ଧସିଥିଲା। ଦୀର୍ଘ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସ୍ଥାୟୀ ମରାମତି କାମ ସରି ନ ଥିବା ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

ଚଳିତ ବର୍ଷ ବନ୍ଧ ମରାମତି ପାଇଁ ଟେଣ୍ଡର ହୋଇ ମାର୍ଚ୍ଚ ମାସରେ କାମ ଆରମ୍ଭ ହୋଇଥିଲା। ମାତ୍ର କିଛିଦିନ କାମ ଚାଲିବା ପରେ ବର୍ଷା ଆସିବାରୁ ନଦୀରେ ପାଣି ବଢ଼ିଲା। ଫଳରେ ନଦୀର ଭିତର ପଟୁ ୨ ଫୁଟ୍ ଉଚ୍ଚର କଂକ୍ରିଟ ସହିତ ଅଳ୍ପ କିଛି ଅଂଶରେ ପଥର ବିଛାଣ କରାଯାଇଛି। ଏହାର ଭିତରେ ନଦୀରେ ପାଣି ବଢ଼ିଲା କାମ ବନ୍ଦ ହୋଇଯାଇଥିବା ବେଳେ ଅର୍ଦ୍ଧନିର୍ମିତ ଅବସ୍ଥାରେ ବନ୍ଧ ପଡ଼ିରହିଛି। ଏପଟେ ଚଳିତ ଜୁଲାଇ ଓ ଅଗଷ୍ଟ ମାସ ମଧ୍ୟରେ ଧାମନଗରରେ ବିଭିନ୍ନ ନଦୀରେ ଏକାଧିକ ଥର ବନ୍ୟା ଆସିଛି। ଗେଙ୍ଗୁଟି ନଦୀରେ ମଧ୍ୟ ବନ୍ୟାଜଳ ବଢ଼ିବାରୁ ଦଲାଙ୍ଗ ସମେତ ବିଭିନ୍ନ ଅଞ୍ଚଳର ଗାଁ ଓ ଚାଷଜମି ପ୍ରଭାବିତ ହୋଇଛି। ଏଭଳି ସମୟରେ ଅଧପନ୍ତରିଆ ବନ୍ଧ ଆଗାମୀ ବନ୍ୟା ପାଇଁ ବଡ଼ ବିପଦ ହୋଇପାରେ। ନଦୀର ଜଳସ୍ତର ଆହୁରି ବଢ଼ିଲେ ଦୁର୍ବଳ ସ୍ଥାନରେ ଘାଇ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ହେବନାହିଁ। ବନ୍ଧ ଭାଙ୍ଗିଲେ ମଳିକସାହି ସମେତ ଆଖପାଖ ଅଞ୍ଚଳର ବହୁ ଗାଁ ଓ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହେବା ସହ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇପାରେ। ଏପରିକି ଚାଷଜମିରେ ବାଲିଚର ପଡ଼ି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯିବାର ଆଶଙ୍କା ରହିଛି। ଗେଙ୍ଗୁଟି ନଦୀବନ୍ଧର ଦୁର୍ବଳତା ନେଇ ପୂର୍ବରୁ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ତେବେ ବନ୍ୟା ସମୟରେ ଅସ୍ଥାୟୀ ଭାବେ ଜରିପାଲ, ବାଲିବସ୍ତା ଆଦି ଦେଇ ବନ୍ଧକୁ ସୁରକ୍ଷା ଦେବା ପରିବର୍ତ୍ତେ ସ୍ଥାୟୀ ଭାବେ ବନ୍ଧ ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ଅଞ୍ଚଳବାସୀ କହିଛନ୍ତି। ବର୍ଷା ଋତୁରେ ବନ୍ଧ କାମ ଆରମ୍ଭ କରିବା ଅପେକ୍ଷା ବନ୍ୟା ପୂର୍ବରୁ ଯୋଜନାବଦ୍ଧ ଭାବେ କାମ ଶେଷ କରାଯିବା ଆବଶ୍ୟକ। ତେଣୁ ଆଉ ବିଳମ୍ବ ନ କରି ଅଧପନ୍ତରିଆ କାମ ତୁରନ୍ତ ଶେଷ କରିବା ସହ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକର ସ୍ଥାୟୀ ସୁଦୃଢ଼ୀକରଣ କରିବାକୁ ଅଞ୍ଚଳବାସୀ ଜଳସମ୍ପଦ ବିଭାଗ ନିକଟରେ ଦାବି କରିଛନ୍ତି।

## ବନସ୍ତା ବନ୍ଧକୁ ନେଇ ଲୋକେ ଆତଙ୍କିତ

# ମନେପଡ଼େ ୧୯୭୨ ମସିହା ଆମ୍ବଗଡ଼ିଆ ଘାଇ କଥା



ବାରିକପୁର,୩୦।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ତେସିଙ୍ଗା ପଞ୍ଚାୟତ ସାନବନସ୍ତାଠାରେ ବୈତରଣୀ ନଦୀବନ୍ଧକୁ ନେଇ ସ୍ଥାନୀୟ ଲୋକମାନେ ୨ମାସ ଧରି ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗତ ଜୁଲାଇ ମାସରେ ଗ୍ରାମର ଅଧିକାରୀ ଗୋଡ଼ା ନିକଟରେ ପାଖାପାଖି ୧୦୦ ମିଟର ନଦୀବନ୍ଧ ବୈତରଣୀ ଶାଖା ନାଳକୁ ଧସିଯାଇଥିଲା। ପଥର ପ୍ୟାକିଙ୍ଗ୍ ସହିତ ବନ୍ଧର ଅର୍ଦ୍ଧାଧିକ ଭାଗ ମାଟି ମଧ୍ୟ ନାଳକୁ ଚାଲିଯାଇଛି। ଏହାଛଡ଼ା ଉକ୍ତ ସ୍ଥାନଠାରୁ କିଛି ଦୂରରେ ନଦୀବନ୍ଧ ମଧ୍ୟ ଧସିଛି। ବିଳମ୍ବରେ ହେଉ ପଛେ ଜଳସମ୍ପଦ ବିଭାଗ ପକ୍ଷରୁ ଏଠାରେ ଅସ୍ଥାୟୀ ମରାମତି କାର୍ଯ୍ୟ କରାଯାଇଛି। ନଦୀରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ ଅସ୍ଥାୟୀ ବହ୍ଲା ଓ ବାଲିବସ୍ତା ମରାମତି କାର୍ଯ୍ୟ ଉପରେ ଲୋକଙ୍କ ଭରସା ପାଉନାହିଁ। ଏପଟେ ବର୍ଷା ଲାଗି ରହିଥିବାରୁ ବନ୍ଧ ମଧ୍ୟ ଧୀରେ ଧୀରେ ଦୁର୍ବଳ ହେଉଛି। ଯଦି ବୈତରଣୀରେ ବଡ଼ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ, ତାହେଲେ କ'ଣ ହେବ କହିହେଉନାହିଁ। ଲୋକମାନେ ୧୯୭୨ ମସିହା ଆମ୍ବଗଡ଼ିଆ ଘାଇ କଥା ମନେ ପକାଇ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ପୁରୁଖା ବ୍ୟକ୍ତିଙ୍କ କହିବା ଅନୁଯାୟୀ, ଗାଁଠାରୁ ମାତ୍ର ୫୦୦/୭୦୦ ମିଟର ଦୂରରେ ଆମ୍ବଗଡ଼ିଆ ଗାଁଠାରେ ୫୩ ବର୍ଷ ପୂର୍ବରୁ ଏକ ବିରାଟ ଘାଇ ସୃଷ୍ଟି ହୋଇଥିଲା। ୨୦/୨୦ ଖଣ୍ଡ ଗାଁର ବାସଗୃହ ସମେତ ହଜାର ହଜାର ହେକ୍ଟର ଚାଷଜମି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଗାଇଗୋରୁ ମଧ୍ୟ ଭାସିଯାଇଥିବା ବେଳେ ଆମ୍ବଗଡ଼ିଆ ଘାଇ ପାଣି ସାରା ବ୍ଲକ୍‌କୁ ମାଡ଼ିଯାଇଥିଲା। ସେବେଠାରୁ ଆଉ ବିରିଡ଼ିଠାରୁ ଆଖୁଆପଦା ଯାଏଁ ନଦୀ ବନ୍ଧରେ ଘାଇ ହୋଇନାହିଁ। ଯଦିଓ ଆମ୍ବଗଡ଼ିଆଠାରେ ପୂର୍ବ ସରକାର ସମୟରୁ ପର୍ଯ୍ୟାୟକ୍ରମେ ଉନ୍ନତମାନର ପଥର କାର୍ଯ୍ୟ ହୋଇ ବନ୍ଧ ସଦୃଢ଼ୀକରଣ କରାଯାଇଛି, ତଥାପି ନିକଟସ୍ଥ ସାନବନସ୍ତା ସ୍ଥିତିକୁ ନେଇ ଏବେ ହଜାର ହଜାର ଜନସାଧାରଣ ଆଶଙ୍କା ଭିତରେ ରହିଛନ୍ତି। ଏବେ ବି ଅର୍ଦ୍ଧଶତାବ୍ଦୀ ପୂର୍ବର ଭୟ ସମସ୍ତଙ୍କ ମନରେ ରହିଛି। ସମ୍ପ୍ରତି ସାନବନସ୍ତା ନଦୀ ବନ୍ଧ ଅବସ୍ଥାକୁ ନେଇ ଲୋକମାନଙ୍କ ମଧ୍ୟରେ ଏକ ଅଜଣା ଭୟ ମଧ୍ୟ ଦେଖାଯାଇଛି। ତେଣୁ ପ୍ରଶାସନ ପକ୍ଷରୁ ଦୁର୍ବଳ ନଦୀ ବନ୍ଧ ଉପରେ ସତର୍କ ଦୃଷ୍ଟି ରଖିବା ଅପରିହାର୍ଯ୍ୟ ହୋଇପଡ଼ିଛି।

# କେବେ ପୂରଣ ହେବ ତିହିଡ଼ି ତହସିଲ୍ କର୍ମଚାରୀ ପଦବୀ

ଦୋଳସାହି,୩୦।୮ (ସମିସ): ତିହିଡ଼ି ତହସିଲ୍ କାର୍ଯ୍ୟାଳୟରେ କର୍ମଚାରୀ ଅଭାବରୁ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି କେବେ ପୂରଣ ହେବ ତିହିଡ଼ି ତହସିଲ୍‌ରେ କର୍ମଚାରୀ ପଦବୀ। ସୂଚନାଯୋଗ୍ୟ, ତିହିଡ଼ି ତହସିଲ୍‌ରେ ୩ ଜଣ କନିଷ୍ଠ କିରାଣି ଓ ଦୁଇ ଜଣ ବରିଷ୍ଠ କିରାଣି ଅଭାବ ଥିବା ସହ ଦୁଇ ଜଣ ଅମିନ ଓ ଜଣେ ଡାଟାଏଣ୍ଟ୍ରି ଅପରେଟର ପଦବୀ ଖାଲି ପଡ଼ିଥିବା ଜଣାଯାଇଛି। ସେହିପରି ଏହି ତହସିଲ୍‌ରେ ୫ଶହରୁ ଅଧିକ ଡିମାରକେସନ୍ ଅଭିଯୋଗ ଦାଖଲ ହୋଇଥିବାବେଳେ ଅମିନ ନ ଥିବାରୁ ଏହା ସମାଧାନ ହୋଇପାରୁନି। କର୍ମଚାରୀ ଅଭାବ ଥିବା ଯୋଗୁଁ ପାଠପଢ଼ା, ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ବିଳମ୍ବ ଘଟୁଛି। ଫଳରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ଏହି ଖବର ଦୈନିକ "ସକାଳ"ରେ ବାରମ୍ବାର ପ୍ରକାଶିତ ହୋଇ ଆସୁଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ବୈତରଣୀ ଜଳସ୍ତର ବୃଦ୍ଧିକୁ ନେଇ ଛନକା

ବାରିକପୁର,୩୦।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀର ଜଳସ୍ତର ବୃଦ୍ଧିକୁ ନେଇ



ତଳିଆ ଅଞ୍ଚଳ ଲୋକଙ୍କ ମନରେ ଛନକା ପଶିଛି। ଲଘୁଚାପ ଜନିତ ବର୍ଷା କାରଣରୁ ରବିବାର ସକାଳଠାରୁ ଆଖୁଆପଦା ଆନିକଟଠାରେ ଜଳସ୍ତର ବୃଦ୍ଧି ପାଉଛି। ଯଦିଓ ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ କେନ୍ଦୁଝର ଜିଲ୍ଲାରେ ବଡ଼ ଧରଣର ବର୍ଷା ରେକର୍ଡ ହୋଇନାହିଁ ତଥାପି ମନ୍ଥର ଗତିରେ ଜଳସ୍ତର ବୃଦ୍ଧିକୁ ନେଇ ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି।

ସୂଚନା ମୁତାବକ, ସନ୍ଧ୍ୟା ୭ଟା ବେଳେ ଆନିକଟଠାରେ ବିପଦ ସତର୍କ ସୂଚନା ଉପରେ ୧୮ ମିଟରରେ ଜଳ ପ୍ରବାହିତ ହେଉଛି। ଏଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ରହିଥିବାବେଳେ ବିପଦ ସଂକେତ ରହିଛି ୧୮.୩୩ ମିଟର। ସୋମବାର ସକାଳ ଯାଏଁ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ତଥାପି ଗତ ଏକ ମାସ ମଧ୍ୟରେ ଛୋଟ ବଡ଼ ୮ଟି ବନ୍ୟା ଦେଖା ଦେଇଥିବାବେଳେ ଏଥିଯୋଗୁଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପୁଣି ଯଦି ବନ୍ୟା ଆସେ ଚାଷ ଜମି ସହିତ ବାସଗୃହ, ଗମନାଗମନ ପଥ ନଷ୍ଟ ସହିତ ହଜାର ହଜାର ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ ଏଥିରେ ସନ୍ଦେହ ନାହିଁ।

## ଲଗାଣ ବର୍ଷାରେ ବେହାଲ୍ ଜନଜୀବନ

# ବିଭିନ୍ନ ଅଞ୍ଚଳରେ ଜଳବନ୍ଦି ସ୍ଥିତି



ଅସୁରାଳି,୩୦।୮ (ସମିସ): ଗତ କିଛି ଦିନ ହେବ ଲାଗି ରହିଥିବା ଅବିଶ୍ରାନ୍ତ ଲଗାଣ ବର୍ଷା ଯୋଗୁଁ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଗାତାର ବର୍ଷା ଫଳରେ ଗାଁଠୁ ସହର ସବୁଠି ଜଳବନ୍ଦି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତଳିଆ ଅଞ୍ଚଳଗୁଡ଼ିକରେ ବର୍ଷାଜଳ ପଶିଯିବା ଫଳରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ନିଷ୍କାସନ ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ରାସ୍ତାଘାଟ ନଦୀର ଭ୍ରମ ସୃଷ୍ଟି କରୁଛି। କେତେକ ସ୍ଥାନରେ ଲୋକଙ୍କ ଘର ଭିତରେ ବର୍ଷାପାଣି ପଶିଯିବାରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଲଗାଣ ବର୍ଷା ଯୋଗୁଁ ଚାଷଜମିଗୁଡ଼ିକ ଜଳମଗ୍ନ ହୋଇଯାଇଛି, ଯାହାଫଳରେ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ସେହିପରି ଅସୁରାଳି, କୋଠାର, ଧୂଷୁରୀ, ରହିପୁର, ଗୋବିନ୍ଦପୁରର ଦିନମଜୁରିଆ ଓ ଛୋଟ ବ୍ୟବସାୟୀମାନେ ଘରୁ ବାହାରି ନ ପାରି ଜୀବିକା ହରାଇବାକୁ ବସିଛନ୍ତି। ନିତ୍ୟ ପ୍ରୟୋଜନୀୟ ସାମଗ୍ରୀ କିଣିବା ପାଇଁ ଲୋକେ ନାକେଦମ୍ ହେଉଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସଚେତନତା ଜାରି କରାଯାଇଛି। ତଳିଆ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଜଳ ନିଷ୍କାସନ ପାଇଁ ପମ୍ପସେଟ୍ ନିୟୋଜିତ କରାଯାଇଛି। ଆବଶ୍ୟକସ୍ଥଳେ ରିଲିଫ୍ ବଣ୍ଟନ ଓ ଶୁଖିଲା ଖାଦ୍ୟ ଯୋଗାଇଦେବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି।

# ସଙ୍ଗୀତ ବିଦ୍ୟାଳୟରେ ଗଙ୍ଗାଧର ମେହେର ଜୟନ୍ତୀ




ଭଦ୍ରକ,୩୦।୮ (ସମିସ): ଜିଲ୍ଲା ସଂସ୍କୃତି ଭବନରେ ଅର୍ଣ୍ଣପାଳସ୍ଥ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟ ଆନୁକୁଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସଙ୍ଗୀତ ବିଦ୍ୟାଳୟର ସଭାପତି କୃଷିକବି ଅରୁଣ କୁମାର ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ସରକାରଙ୍କ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ସାରଦା ପ୍ରସାଦ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କୁଳମଣି ବାରିକ୍, ମୁଖ୍ୟବକ୍ତା ଭାବେ ବାଣୀକବି ଓ ବାଗ୍ମୀଶ୍ରୀ ଦୟାନିଧି ମିଶ୍ର, ସମ୍ମାନିତ ଅତିଥିଭାବେ ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ, ଗୀତିକାର ଓ ସାହିତ୍ୟ ସଂଗଠକ ଅଭୟ ସୂତାର, ପ୍ରାଧ୍ୟାପକ ଡ. ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅତିଥିମାନେ ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ପ୍ରକୃତି ବର୍ଣ୍ଣନା, ଜୀବନବୋଧ, ନାରୀ ଚରିତ୍ର ଓ କୃଷି ସମ୍ପର୍କିତ ଆଲୋଚନା କରି ମେହେର ସାହିତ୍ୟର ବ୍ୟାପକ ଦିଗ ଉପରେ ଆଲୋକପାତ କରିଥିଲେ। ସଂଯୋଜକ କଳାକାର କାଳନ୍ଦୀ ମଲ୍ଲିକ ପ୍ରଥମେ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବାବେଳେ ସଙ୍ଗୀତ ବିଦ୍ୟାଳୟର କୋଷାଧ୍ୟକ୍ଷ ମନୋଜ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ଜଗନ୍ନାଥ କର କାର୍ଯ୍ୟକ୍ରମର ଆଭିମୁଖ୍ୟ ସହିତ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ମନୋରମା ନାୟକଙ୍କ ରଚିତ ପୁସ୍ତକ 'ମମତାମୟୀ ମୋ ବୋଉ' ଲୋକାର୍ପିତ ହୋଇଥିଲା। ଏହି ଉତ୍ସବରେ ସାରସ୍ୱତ ସାଧିକା ତିଳୋତ୍ତମା ନାୟକ, ମନୋରମା ନାୟକ ଓ ୫୮ ଥର ରକ୍ତଦାନ କରିଥିବା ଶିକ୍ଷକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ଣରେ ୧୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କନିଷ୍ଠ ଓ ବରିଷ୍ଠ ବର୍ଗରେ ମେହେରଙ୍କ ରଚିତ ଗୀତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରପତି ଭାବରେ ସଙ୍ଗୀତ ବିଷାରଦ ବିଭୂତି ଭୂଷଣ ପଣ୍ଡା, ରାମନାରାୟଣ ପଣ୍ଡା ଓ ସୁକୁମାର ପାଣିଗ୍ରାହୀ ମୂଲ୍ୟାୟନ କରି କୃତୀ ପ୍ରତିଯୋଗୀଙ୍କୁ ନିର୍ଣ୍ଣୟ କରିଥିଲେ।

# ଅନିଦ୍ରା ସତ୍ତ୍ୱେ ସରିଲାନି; ଦଗାଦେଲା ସର୍ଭର

## ସପ୍ତାହେ ଯାଏଁ ଘୁଞ୍ଚିଲା ଚାଷୀ ପଞ୍ଜୀକରଣ

ବାରିକପୁର,୩୦।୮ (ସମିସ): ଗତ ୬ରୁ ୩୧ ତାରିଖ ଯାଏଁ ଚାଷୀମାନେ ଖରିଫ୍ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିବାକୁ ସରକାର ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସମିତିକୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ପ୍ରକୃତପକ୍ଷେ ଜିଲ୍ଲାସ୍ତରରେ ୬ ତାରିଖ ପରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରାୟତଃ ୮ ତାରିଖଠାରୁ ଚାଷୀମାନଙ୍କୁ ଫର୍ମ ଦିଆଯାଇଥିଲା। ଏହାପରେ ୧୦ ଓ ୧୧ ତାରିଖରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ଦୁର୍ବଳ ସଫ୍ଟୱେର ଓ ଧିମା ସର୍ଭର ଯୋଗୁଁ ପଞ୍ଜୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ନ ଥିଲା। ଅନ୍‌ଲାଇନ୍ ସାଇଟ୍ ମନ୍ଥର ଯୋଗୁଁ ଚାଷୀମାନେ ବାରମ୍ବାର ସମିତିଗୁଡ଼ିକୁ ଯାଇ ବିରକ୍ତି ପ୍ରକାଶ କରିଥିଲେ। ଦିନରେ କିଛି କିଛି ପଞ୍ଜୀକରଣ ହୋଇଥିବାବେଳେ ଅଧିକାଂଶ ସମିତିରେ ରାତିରେ ଚାଷୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଯାହାବି ହେଉ ରାତି ଅନିଦ୍ରା ହୋଇ କର୍ମଚାରୀମାନେ ଚାଷୀ ପଞ୍ଜୀକରଣ କାର୍ଯ୍ୟ କରିଥିଲେ ମଧ୍ୟ ଆଜି ସୁଦ୍ଧା ଆହୁରି ଅନେକ ଚାଷୀ ମଧ୍ୟ ପଞ୍ଜୀକରଣ କରିନାହାନ୍ତି। ମିଳିଥିବା ସୂଚନା ମୁତାବକ, ଏପର୍ଯ୍ୟନ୍ତ ବ୍ଲକ୍ ଅଞ୍ଚଳର ମୋଟ୍ ୭୫୨୬ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ତନ୍ମଧ୍ୟରୁ ବାଲିପୋଖରୀ ସମିତିଠାରେ ୪୦୧, ରହଣିଆଠାରେ ୭୯୯, ନେରଡ଼ାଠାରେ ୩୮୬,



ମାଳଦାଠାରେ ୫୧୭, ନଗୁଆଠାରେ ୮୯୩, ନାଆମୀଠାରେ ୬୮୪, ତେସିଙ୍ଗାଠାରେ ୧୫୦୮, ଜଳମଣ୍ଡୁଆଠାରେ ୧୬୩୫ ଓ ନାରାୟଣପୁର ସମିତିଠାରେ ୭୦୮ ଜଣ ଚାଷୀ ଅଦ୍ୟାବଧି ପଞ୍ଜୀକରଣ କରିଛନ୍ତି। ଆହୁରି ୩୦ ଭାଗ ଚାଷୀ ପଞ୍ଜୀକରଣ ପାଇଁ ରହିଛନ୍ତି। ପଞ୍ଜୀକରଣ ଅନ୍ତିମ ଦିବସ ପୂର୍ବରୁ ସମୟ ସୀମାକୁ ରବିବାର ସପ୍ତାହେ ଯାଏଁ ବୃଦ୍ଧି କରାଯାଇଛି। ଚଳିତ ବର୍ଷ ଦୁର୍ବଳ ସଫ୍ଟୱେର ବା ନେଟ୍‌ୱର୍କ ଯୋଗୁଁ ପଞ୍ଜୀକରଣ ପାଇଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ମଣିଭଦ୍ର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା



ଭଦ୍ରକ,୩୦।୮ (ସମିସ): ଭଦ୍ରକ ଚରମ୍ପା ସ୍କୁଲ୍ ରୋଡ୍ କାଳୀପୂଜା କମିଟିର ସଦସ୍ୟ ଦିବଂଗତ ମଣିଭଦ୍ର ଦାସଙ୍କ ବିୟୋଗରେ ରବିବାର ଏକ ଶ୍ରଦ୍ଧାଞ୍ଜଳି ସଭା ସ୍କୁଲରୋଡ୍ କାଳୀପୂଜା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି କଲ୍ଲୋଳ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ଭଦ୍ରକ ବିଧାୟକ ନରେନ୍ ପଲେଇ, କାଉନ୍‌ସିଲର ଦିଲ୍ଲୀପ ନାୟକ, ସମ୍ପାଦକ ସଞ୍ଜୟ ତ୍ରିପାଠୀ, ସମ୍ପାଦକ ମଦନମୋହନ ମହାନ୍ତି ଓ ସମୂହ ସଦସ୍ୟମାନେ ଉପସ୍ଥିତ ରହି ଗୃହସ୍ଥ ଧର୍ମରୁ ନିଜକୁ ବାହାର କରି, ସାଂଗଠନିକ ଚେତନ ହେବା, ମଣିଷର ଊର୍ଦ୍ଧ୍ୱ ମାନସିକାତାର ପରିଚୟ ଦେଇ ମଣିଭଦ୍ର ସାଧାରଣରେ ସଦାସ୍ମରଣୀୟ ହୋଇ ରହିବେ ବୋଲି ବକ୍ତବ୍ୟରେ କହିଥିଲେ।

# ଗୋରୁଗାଈଙ୍କୁ ଦୁର୍ଘଟଣାରୁ ରକ୍ଷା କରିବ ରେଡିୟମ୍ ବେଲ୍ଟ

ବନ୍ତ/ଆଗରପଡ଼ା,୩୦।୮ (ସମିସ): ଗୋସେବା ଓ ସଡ଼କ ସୁରକ୍ଷା ପାଇଁ ମହାବାହୁ ସମାଜ ସେବା ସଂଗଠନର ନୂଆ ପ୍ରୟାସ। ଗାଈଗୋରୁଙ୍କୁ ରେଡିୟମ୍ ବେଲ୍ଟ ବନ୍ଧାଯାଇଥିବା ବେଳେ ଭାଜପାର ପୂର୍ବତନ ସଂଗଠନ ମହାମନ୍ତ୍ରୀ ତଥା ମହାବାହୁ ସମାଜ ସେବା ସଂଗଠନର ପ୍ରଦେଶ ସଭାପତି ପଞ୍ଚାନନ ରାଉତଙ୍କ ନେତୃତ୍ୱରେ ଏକ ସମାଜସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାସ୍ତାରେ ବୁଲୁଥିବା ଗୋରୁଗାଈ ଓ ଷଣ୍ଢମାନଙ୍କୁ ସଡ଼କ ଦୁର୍ଘଟଣାରୁ ରକ୍ଷା କରିବା ପାଇଁ



ସଂଗଠନ ପକ୍ଷରୁ ସେମାନଙ୍କ ବେକରେ ରେଡିୟମ୍ ବେଲ୍ଟ ବନ୍ଧାଯିବା ସହ ଖାଦ୍ୟ ପ୍ରଦାନ କରାଯାଉଛି। ଏହି ଅଭିଯାନ ବନ୍ତ ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ପଶ୍ଚିମାନଗରରୁ ଆରମ୍ଭ ହୋଇ ତୁଣ୍ଡା, ଗଣିଜାଙ୍ଗ ବଜାର ପ୍ରଭୃତି ବିଭିନ୍ନ ପ୍ରମୁଖ ସ୍ଥାନରେ କାର୍ଯ୍ୟକାରୀ କରାଯାଉଛି। ଏହାସହିତ ଗୋରୁମାନଙ୍କ ସୁରକ୍ଷା ଓ ଦେଶୀ ଗାଈଗୋରୁଙ୍କ ବଂଶ ରକ୍ଷା ପାଇଁ ରାଜ୍ୟସାରା ଗୋଶାଳା ନିର୍ମାଣ କରିବା ଏବଂ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ସ୍କୁଲ୍ ଖୋଲିବାକୁ ସଂଗଠନ ଲକ୍ଷ୍ୟ ରଖିଥିବା ସଭାପତି ଶ୍ରୀ ରାଉତ୍ ପ୍ରକାଶ କରିଛନ୍ତି। ଏହି ସେବା କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ରାଜକିଶୋର ଜେନା, ଲମ୍ବୋଦର ତ୍ରିପାଠୀ, ମାନସ ପାତ୍ର, ବିଜୟ ରାଉତ, ଲକ୍ଷ୍ମୀ ବେହେରା, କୈଳାସ ନାଥ, ରବୀନ୍ଦ୍ର ନାୟକ, ରମାକାନ୍ତ ଜେନା ଓ ସଂଗଠନର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବକେୟା ବିଲ୍ ପୈଠ କରା ନ ଯିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

# ୭ ଦିନ ହେଲା ଅନ୍ଧାରରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା

ବନ୍ତ/ଆଗରପଡ଼ା,୩୦।୮ (ସମିସ): ଅବହେଳିତ ହୋଇ ରହିଆସୁଥିବା ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଆଗରପଡ଼ାସ୍ଥିତ ପୂର୍ତ୍ତବିଭାଗ



ଡାକବଙ୍ଗଳାରୁ ଇତି ମଧ୍ୟରେ ବିଦ୍ୟୁତ୍ ସଂଯୋଗୀକରଣ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି। ଫଳରେ ୭ ଦିନ ହେଲା ଏହି ଡାକବଙ୍ଗଳା ଅନ୍ଧାରରେ ରହିଥିବା ଜଣାପଡ଼ିଛି।

ପ୍ରକାଶ ଥାଉକି, ଗତ ମାର୍ଚ୍ଚ ୨୮ ତାରିଖରେ 'ବଢୁଛି ଅବହେଳା; ଡାକବଙ୍ଗଳାରୁ ବିଚ୍ଛିନ୍ନ ହେବ ବିଦ୍ୟୁତ୍ ସଂଯୋଗ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବି ବିଭାଗ ପକ୍ଷରୁ ବକେୟା ବିଦ୍ୟୁତ୍ ବିଲ୍ ପୈଠ କରା ନ ଯିବାରୁ ଗତ ୨୪ ତାରିଖରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଡାକବଙ୍ଗଳାରୁ ବିଦ୍ୟୁତ୍ ସଂଯୋଗୀକରଣକୁ ବିଚ୍ଛିନ୍ନ କରାଯାଇଥିବା ଜଣାପଡ଼ିଛି। ଯଦ୍ୱାରା ବର୍ତ୍ତମାନ ଅନ୍ଧାରରେ ରହିଯାଇଛି ଏହି ଡାକବଙ୍ଗଳା। ଡାକବଙ୍ଗଳାର ବକେୟା ବିଦ୍ୟୁତ୍ ବିଲ୍ ପୈଠ ହୋଇ ନ ଥିବାରୁ ଗତ ମାର୍ଚ୍ଚ ମାସରେ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲା ଏବଂ ସେହି ମାସ ୩୦ ତାରିଖ ସୁଦ୍ଧା ବିଲ୍ ପୈଠ କରା ନ ଗଲେ ସଂଯୋଗୀକରଣକୁ ବିଚ୍ଛିନ୍ନ କରାଯିବ ବୋଲି ଜଣାପଡ଼ିଥିଲା। ତେଣୁ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ବିହିତ ପଦକ୍ଷେପ ନିଆ ନ ଯିବାରୁ ଗତ ୨୪ ତାରିଖରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗୀକରଣକୁ ବିଚ୍ଛିନ୍ନ କରାଯାଇଛି। ଯଦ୍ୱାରା ଡାକବଙ୍ଗଳା ୭ ଦିନ ହେଲା ଅନ୍ଧାରରେ ରହିଥିବା ବେଳେ ଜଳଯୋଗାଣ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ୨୦୧୧ ଡିସେମ୍ବର ୧୯ ତାରିଖରେ ଡାକବଙ୍ଗଳା ପ୍ରତିଷ୍ଠା ହୋଇଥିଲା। ଇତି ମଧ୍ୟରେ ପ୍ରତିଷ୍ଠାକୁ ୧୫ ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଏହାର ପାରିପାର୍ଶ୍ୱିକ ପରିସ୍ଥିତିର ଉନ୍ନତି ନ ହେବା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବିଭିନ୍ନ ବିଭାଗର ଉନ୍ନତି ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ପୂର୍ତ୍ତବିଭାଗ ଡାକବଙ୍ଗଳା ପ୍ରତିଷ୍ଠାକୁ ୧୪ ବର୍ଷ ପୂରି ସାରିଥିବାବେଳେ ବିଭାଗୀୟ ଅଧିକାରୀ ଉକ୍ତ ଡାକବଙ୍ଗଳାର ଉନ୍ନତି ପ୍ରତି ଦୃଷ୍ଟି ନ ଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ।

ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ
"ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଉପଲକ୍ଷେ
ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"
ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"

କାର୍ଯ୍ୟନିର୍ବାହୀ ଅଧିକାରୀ
ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ


ଧାମନଗର ସହରାଞ୍ଚଳରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଏନ ଏ ସି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଆସନ୍ତା ୨୦୨୭ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏହାହିଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା।
କୈଳାସ ଚନ୍ଦ୍ର ମହାପାତ୍ର
ବିଧାୟକ ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି ଧାମନଗର-ଭଦ୍ରକ


"ସ୍ୱାୟତ୍ତ ଶାସନ ଦିବସ -୨୦୨୬
ଉପଲକ୍ଷେ ସମସ୍ତଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ
"ସ୍ୱଚ୍ଛତା ହିଁ ସମ୍ମାନ"
ନିବେଦିତା ବେହେରା
ପୌରଧକ୍ଷା, ବାସୁଦେବପୁର ପୌରପାଳିକା, ଭଦ୍ରକ


ଧାମନଗର ଏନ ଏ ସି ଅନ୍ତର୍ଗତ ୧୧ ନମ୍ବର ୱାର୍ଡରେ ବସବାସ କରୁଥିବା ବୟସ୍କଜେଷ୍ଠ, ମହିଳା, ଯୁବଛାତ୍ର ଓ ବୁଦ୍ଧିଜୀବୀ ସମସ୍ତ ଜନସାଧାରଣଙ୍କୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଶୁଭେଚ୍ଛା। ଆସନ୍ତା ୨୦୨୭ ସମସ୍ତଙ୍କ ପାଇଁ ସୁଖମୟ ଓ ଉନ୍ନତି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ଉଠୁଥିବା ପାଇଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା।
ସୁବାଷିନୀ କର
କାଉନସିଲର ୧୧ନମ୍ବର ୱାର୍ଡ ଧାମନଗର ଏନ ଏ ସି, ଭଦ୍ରକ

## ଅବକାରୀ ବିଭାଗ ଚଢ଼ଉ, ୧୨ କ୍ୱିଣ୍ଟାଲ ମହୁଲ ଜବତ

ଠାକୁରମୁଣ୍ଡା/ମହୁଲଡିହା,୩୦।୮ (ସମିସ): ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ପରିମାଣର ମହୁଲି ମଦ ସହିତ ମହୁଲ ପୋଚ ନଷ୍ଟ କରିଛି। ରାଇରଙ୍ଗପୁର ଅବକାରୀ ଡେପୁଟି ସୁପରିଟେଣ୍ଡ ସୌମ୍ୟରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ କରଞ୍ଜିଆ ଅବକାରୀ ଇନ୍ସପେକ୍ଟର ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଭିନ୍ନ ଅବକାରୀ ଥାନା କର୍ମଚାରୀ ଠାକୁରମୁଣ୍ଡା ବ୍ଲକ ସୁନାରିପଶି ଜଙ୍ଗଲରେ ଲୁଚାଇ ରଖାଯାଇଥିବା ୪୭୦୦ କିଲୋଗ୍ରାମ ମହୁଲ ପୋଚ ସହିତ ୧୬୦ ଲିଟର ମହୁଲି ମଦ ନଷ୍ଟ କରିଥିଲେ। ସେହିପରି କେନ୍ଦୁଜିଆଣି ବଜାରରେ ଚଢ଼ଉ କରି ବିକ୍ରି ପାଇଁ ରଖାଯାଇଥିବା ୧୨ କ୍ୱିଣ୍ଟାଲ ମହୁଲ ଫୁଲ ଜବତ କରିବା ସହିତ ଦୋକାନୀ ରମାକାନ୍ତ ମହାନ୍ତଙ୍କ ନାମରେ ଠାକୁରମୁଣ୍ଡା ଅବକାରୀ ଥାନାରେ ୧୦୨/୨୬ରେ ମାମଲା ରୁଜୁ କରି କୋର୍ଟରେ ହାଜର କରାଯାଇଥିଲା। ଆଜି ଏହି ଚଢ଼ଉରେ କରଞ୍ଜିଆ ଅବକାରୀ ଥାନା ଅଧିକାରୀ ରଶ୍ମିରଞ୍ଜନ ନାଏକ, ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀ, ଏସଆଇ ପଙ୍କଜ ଓଝା, ପୂର୍ଣ୍ଣଚନ୍ଦ୍ର ନାଏକ, ସୌରଭ ମିଶ୍ର, ଏଏସଆଇ ରଞ୍ଜନ ସାହୁ, ଲକ୍ଷ୍ମଣ ନାୟକ, କନଷ୍ଟେବଳ ଚନ୍ଦ୍ରକାନ୍ତ ମୁଦୁଲି, ସସ୍ମିତା ବେହେରା ସାମିଲ ଥିଲେ।

# ୩୨ ଚୋରି ମୋବାଇଲ ଜବତ; ୫ ଗିରଫ

● ମୋବାଇଲ କିଣିଥିବା ଦୁଇ ରିସିଭରଙ୍କୁ ନୋଟିସ୍ ● ୬ଟି ଫୋନ୍‌ର ମାଲିକ ଚିହ୍ନଟ, ଖୁବ୍‌ଶୀଘ୍ର ହେବ ହସ୍ତାନ୍ତର



କରଞ୍ଜିଆ, ୩୦।୮ (ସମିସ): ଚୋରି ହୋଇଥିବା ମୋବାଇଲ ଫୋନ୍ ଉଦ୍ଧାର କରିବା ନେଇ ପୁଲିସକୁ ବଡ଼ ସଫଳତା ମିଳିଛି। କେସ୍ ନମ୍ବର ୩୨୩/୨୬ର ତଦନ୍ତ ସମୟରେ ପୁଲିସ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୩୨ଟି ମୋବାଇଲ ଫୋନ୍ ଜବତ କରିଛି। ଏଥିସହିତ ୧୩ଟି ମୋବାଇଲ ଫୋନ୍ କଭର, ୨ଟି ବ୍ୟାଟେରୀ ଓ ଚୋରି ଘଟଣାରେ ବ୍ୟବହୃତ ହୋଇଥିବା ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରି ମୋବାଇଲକୁ କେଉଁମାନେ କିଣିଥିଲେ ଓ ଏହି ଚୋରି କାରବାରରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ମଧ୍ୟ ତଦନ୍ତ ଜାରି ରହିଛି। ଚୋରି ହୋଇଥିବା କିଛି ମୋବାଇଲ ଫୋନ୍ କିଣାଯାଇଥିବା ନେଇ ତଥ୍ୟ ସାମ୍ନାକୁ ଆସିବା ପରେ ଅଭିନନ୍ଦନ ମୋବାଇଲ ସପ୍‌ର ମହମ୍ମଦ ଦାନିଶ ଓ ଆଲମ ମୋବାଇଲ କେୟାରର ମେହବୁବ ଆଲମଙ୍କୁ ପୁଲିସ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଉଭୟେ କିଛି ମୋବାଇଲ ଫୋନ୍ କିଣିଥିବା ତଦନ୍ତରୁ ଜଣାପଡ଼ିଛି। ଜବତ ହୋଇଥିବା ୩୨ଟି ମୋବାଇଲ ଫୋନ୍ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬ଟି ମୋବାଇଲର ପ୍ରକୃତ ମାଲିକଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟ ମୋବାଇଲ ଫୋନ୍‌ର ମାଲିକଙ୍କୁ ଚିହ୍ନଟ କରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଚିହ୍ନଟ ହୋଇଥିବା ୬ଟି ମୋବାଇଲ ଫୋନ୍‌କୁ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପରେ ଖୁବ୍‌ଶୀଘ୍ର ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଚୋରି ହୋଇଥିବା ଅନ୍ୟ ମୋବାଇଲ ଫୋନ୍‌ର ମାଲିକଙ୍କୁ ଚିହ୍ନଟ କରିବା ସହ ଚୋରି ଘଟଣାର ପୂରା ନେଟୱର୍କ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

## ସାରୁମୂଳାରେ ରାଜପଥ ଉପରେ ବନ୍ୟାଜଳ, ଯାତାୟାତ ବାଧାପ୍ରାପ୍ତ



ରାସଗୋବିନ୍ଦପୁର, ୩୦।୮ (ସମିସ): ଲଗାଣ ବର୍ଷା ଯୋଗୁଁ ବାରିପଦା-ଅମରଦା ରାଜ୍ୟ ରାଜପଥର ସାରୁମୂଳାଠାରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଥିବାରୁ ଜଳସ୍ତର କ୍ରମଶଃ ବୃଦ୍ଧି ପାଇଛି। ଫଳରେ ରାଜପଥ ଉପରେ ମଧ୍ୟ ପାଣି ଚାଲୁଥିବା ଦେଖାଯାଇଛି। ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ବିଶେଷକରି ଦୁଇଚକିଆ ଓ ଛୋଟ ଯାନବାହନ ଚଳାଚଳରେ ସମସ୍ୟା ଉପୁଜିଛି। ଏଥିସହ ଯାତ୍ରୀ ଓ ଗାଡ଼ି ଚାଳକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ଜଳସ୍ତର ଆହୁରି ବୃଦ୍ଧି ପାଇଲେ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ପ୍ରଭାବିତ ହେବା ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ଯାତାୟାତ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି ହୋଇଛି। ବନ୍ୟାଜଳ ମଧ୍ୟଦେଇ ଯାତାୟାତ ନ କରି ସତର୍କତା ଅବଲମ୍ବନ କରିବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି।

■ ଜାତୀୟରାଜପଥରେ ଡ୍ରାଇଭରଙ୍କୁ ପଥର ମାଡ଼

## ଆଖିରେ ଲାଗିଛି ଗୁରୁତର ଆଘାତ

କରଞ୍ଜିଆ, ୩୦।୮ (ସମିସ): କରଞ୍ଜିଆ ସହର ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥର କୁଇତା ନିକଟରେ ଟ୍ରକ୍ ଡ୍ରାଇଭରଙ୍କୁ ପଥର ମାଡ଼ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଦୁର୍ବୃତ୍ତଙ୍କ ପଥର ମାଡ଼ରେ ଟ୍ରକ୍ ଡ୍ରାଇଭର ସୁରେଶ ରାୟଙ୍କ ଆଖିରେ ଗୁରୁତର ଆଘାତ ଲାଗିଛି। ଦୀର୍ଘଦିନ ଧରି ଏହି ଜାତୀୟ ରାଜପଥରେ ମରାମତି କାର୍ଯ୍ୟ ଚାଲିଥିବାରୁ ବର୍ଷାଦିନେ ଯାତାୟାତ ସମୟରେ ଟ୍ରକ୍ ଚାଳକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ଗାଡ଼ି ସାଇଡ୍ କରିବାକୁ ନେଇ କିଛି ଦୁର୍ବୃତ୍ତ ଡ୍ରାଇଭରଙ୍କୁ ପଥର ମାଡ଼ କରିଥିଲେ। ଏଥିରେ ସୁରେଶଙ୍କ ଆଖିରେ ପଥର ବାଜି ସେ ଆହତ ହୋଇଥିଲେ। ଘଟଣା ପରେ ଓଡ଼ିଶା ଡ୍ରାଇଭର ମହାସଂଘର ଜଶିପୁର-କରଞ୍ଜିଆ ଶାଖା କର୍ମକର୍ତ୍ତା ପହଞ୍ଚି ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଜଣେ ଅଭିଯୁକ୍ତଙ୍କୁ କାବୁ କରି ଯଶିପୁର ପୁଲିସ ଜିମା ଦିଆଯାଇଥିଲା। ଘଟଣା ସମ୍ପର୍କରେ ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମୁଣ୍ଡୁଲି ଫେସବୁକ୍ ଲାଇଭ୍ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ପ୍ରଶାସନ ତତ୍ପର ହୋଇଥିଲା। ଉପଜିଲ୍ଲାପାଳ ଡା. ଦୟାସିନ୍ଧୁ ପରିଡ଼ା, ତହସିଲଦାର ରୂପାଲୀ ହାଁସଦା ଓ ସହକାରୀ ଜିଲ୍ଲାପାଳ ନିହାରରଞ୍ଜନ ସେଠୀ ମେଡିକାଲରେ ପହଞ୍ଚି ଆହତ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।



ଡ୍ରାଇଭରଙ୍କ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବାବେଳେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣାକୁ ଅଞ୍ଚଳବାସୀ ତୀବ୍ର ନିନ୍ଦା କରିବା ସହ ଜାତୀୟ ରାଜପଥର ଦୁରବସ୍ଥା ତୁରନ୍ତ ସୁଧାରିବା ଓ ଯାତାୟାତ କରୁଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ସା ନି ଧା ପା..ରେ ଶାସ୍ତ୍ରୀୟ ସଂଗୀତ ପରୀକ୍ଷା



ଆନନ୍ଦପୁର, ୩୦।୮ (ସମିସ): ସା ନି ଧା ପା ଶାସ୍ତ୍ରୀୟ ସଂଗୀତ ମହାବିଦ୍ୟାଳୟର ବାର୍ଷିକ ପରୀକ୍ଷା ଆଜି ଅନୁଷ୍ଠିତ ହୋଇଯାଇଛି। ଓଡିଶା ସଂଗୀତ ନାଟକ ଏକାଡେମୀ ଅନୁବନ୍ଧିତ ଇଣ୍ଡିଆନ ମିଉଜିକ ଚାମ୍ବର ଆନୁକୂଲ୍ୟରେ ବାର୍ଷିକ ପରୀକ୍ଷାରେ ପରିଦର୍ଶକ ଭାବେ ସଂଗୀତ ବିଶାରଦ ଅମୃତାଂଶୁ ପଟନାୟକ ପରୀକ୍ଷା ତଦାରଖ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ମଦନ ପାଣିଙ୍କ ତତ୍ତ୍ୱାବଧାନରେ ଅଧକ୍ଷ ତଥା ଶାସ୍ତ୍ରୀୟ ସଂଗୀତ ଗୁରୁ ହରିହର ଜେନା ଓଡିଶୀ ସଂଗୀତ ଗୁରୁ ସନ୍ତୋଷ ପରିଡା ତବଲା ଗୁରୁ ସୁବାଶିଷ ଶତପଥୀଙ୍କ ପ୍ରଶିକ୍ଷଣରେ ୭୨ ଜଣ ଶିକ୍ଷାର୍ଥୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଆଇଏମସିର ତତ୍ତ୍ୱାବଧାରିକା ସବିତା ଧୀର ଓ ଜିତେନ୍ଦ୍ର କର ସହଯୋଗ କରିଥିଲେ।

କେନ୍ଦୁମୁଣ୍ଡି ଘାଟିରେ ପିକଅପ୍ ଦୁର୍ଘଟଣାଗ୍ରସ୍ତ

## ଜଣେ ମୃତ, ଜଣେ ଆହତ

କରଞ୍ଜିଆ/ମହୁଲଡିହା,୩୦।୮ (ସମିସ): କରଞ୍ଜିଆ ଥାନା ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥର କେନ୍ଦୁମୁଣ୍ଡି ଘାଟିରେ ଏକ ଗ୍ରୋସରୀ ବୋଝେଇ ପିକଅପ ଦୁର୍ଘଟଣାଗ୍ରସ୍ତ ହୋଇ ଡ୍ରାଇଭର ମୃତ୍ୟୁବରଣ କରିଥିବାବେଳେ ହେଲପର ଆହତ ହୋଇଛନ୍ତି। ମୃତ ଡ୍ରାଇଭର ଜଣକ ତାଟୋ ପଞ୍ଚାୟତ କଙ୍କଡା ଗ୍ରାମର ସଜନ ମହାନ୍ତ। ଆଜି ଅପରାହ୍ନରେ କରଞ୍ଜିଆରୁ ଠାକୁରମୁଣ୍ଡା ଅଭିମୁଖେ ଗ୍ରୋସରୀ ସାମଗ୍ରୀ ନେଇଯାଉଥିବାବେଳେ କେନ୍ଦୁମୁଣ୍ଡି ଘାଟିରେ ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଷ୍ଟେରିଙ୍ଗ ଫେଲ ହୋଇଯିବାରୁ ଓଲଟିପଡିଥିଲା। ହେଲପର ଚନ୍ଦନ ମହାନ୍ତ ଆହତ ହୋଇ କରଞ୍ଜିଆ ଡ଼ାକ୍ତରଖାନାକୁ ଚିକିତ୍ସିତ ହେଉଛନ୍ତି।

ବେଆଇନ ବାଲି ଚାଲାଣକୁ ନେଇ ଉତ୍ତେଜନା

## ଝାରପୋଖରିଆ ଗ୍ରାମବାସୀଙ୍କ ଥାନା ଘେରାଉ



ବାରିପଦା/ସାରସକଣା, ୩୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ଜାମଶୋଳା ଅଞ୍ଚଳରେ ନିଲାମ ବାଲି ଉତ୍ତୋଳନ ନାଁରେ ବ୍ୟାପକ ବେଆଇନ ବାଲି ଲୁଟ୍ ଓ ଚୋରା ଚାଲାଣକୁ ନେଇ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଜାମଶୋଳା ଅଞ୍ଚଳରେ ନିଲାମ ହୋଇଥିବା ପ୍ଲଟ୍ ବ୍ୟତୀତ ଅନ୍ୟାନ୍ୟ ସ୍ଥାନରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ରାତିଅଧିଆ ବେଧଡ଼କ ଚାଲାଣ କରାଯାଉଛି। ଏପରିକି ଗୋଟିଏ 'ୱାଇ-ଫର୍ମ' ବଳରେ ନିୟମ ଉଲ୍ଲଂଘନ କରି ୪ରୁ ୫ ଟ୍ରିପ୍ ବାଲି ବେଆଇନ ଭାବେ ପରିବହନ କରାଯାଉଥିବାବେଳେ ଗାଡ଼ିରେ କୌଣସି ବୈଧ କାଗଜପତ୍ର କିମ୍ବା ନିୟମାନୁଯାୟୀ ଓଭରଲୋଡିଂ କଭର ବ୍ୟବସ୍ଥା ରହୁନାହିଁ। ଗତକାଲି ରାତିରେ ସ୍ଥାନୀୟ ଗ୍ରାମବାସୀ ବାଲି ବୋଝେଇ ଗାଡ଼ିକୁ ଅଟକାଇ ବୈଧ ଟ୍ରାଞ୍ଜିଟ୍ ପାସ୍ ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ କରିବାକୁ ଦାବି କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲିଜ୍‌ଧାରୀଙ୍କ ସମେତ ଭୁବନେଶ୍ୱର ଓ ବାଲେଶ୍ୱର ଆଦି ଅଞ୍ଚଳରୁ ଆସିଥିବା କିଛି ଅସାମାଜିକ ଯୁବକ ଗ୍ରାମବାସୀଙ୍କୁ ଠେଲାପେଲା କରିବା ସହ ଧମକଚମକ ଦେଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିବା ଅରିଜିତ୍ ସେନାପତି ଓ ରଞ୍ଜନ କୁମାର ବେହେରାଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଲୁଟ୍ ହେଉଥିବାବେଳେ ପ୍ରଶାସନିକ ସ୍ତରରେ ଉଚିତ ଯାଞ୍ଚ ହେଉ ନ ଥିବା ଗ୍ରାମବାସୀ ଦର୍ଶାଇଛନ୍ତି। ଏହି ଘଟଣାକୁ ନେଇ ଶତାଧିକ ଗ୍ରାମବାସୀ ଝାରପୋଖରିଆ ଥାନାରେ ପହଞ୍ଚି ତୁରନ୍ତ ବେଆଇନ ବାଲି ଉତ୍ତୋଳନ ବନ୍ଦ କରିବା, ଗାଡ଼ିର ଜିପିଏସ୍ ଟ୍ରାକିଂ ମାଧ୍ୟମରେ ସଠିକ୍ ତଦନ୍ତ କରିବା, ଦାଦାଗିରି କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଏତଲା ପ୍ରଦାନ କରିଛନ୍ତି।

## ବଜ୍ରପାତରେ ଜଣେ ମୃତ, ୪ ଗୁରୁତର

ରାଇରଙ୍ଗପୁର,୩୦।୮ (ସମିସ): ବିଜାତଳା ବ୍ଲକ୍ ଅନ୍ତର୍ଗତ ବଣକାଟି ଗ୍ରାମର ୫ ଜଣ ମହିଳାଙ୍କ ଉପରେ ବଜ୍ରପାତ ଘଟି ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଓ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ମୃତ ମହିଳା ଗୁରୁବାରୀ ବେହେରା (୬୨)। ଲକ୍ଷ୍ମୀମଣୀ ସି, ବୃନ୍ଦାବତୀ ବେହେରା ଓ ସାବିତ୍ରୀ ବେହେରା ଗୁରୁତର ଥିବାବେଳେ ପାନ ମହାକୁଡ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ୪ ଜଣଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଛି।




## ନାରାୟଣ ନନ୍ଦ ସ୍ମୃତି କମିଟିର ନୂଆ କର୍ମକର୍ତ୍ତା



ଆନନ୍ଦପୁର, ୩୦।୮ (ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁରଠାରେ ନାରାୟଣ ନନ୍ଦ ସ୍ମୃତି କମିଟିର ବାର୍ଷିକ ସାଧାରଣ ସଭାରେ ନୂତନ କର୍ମକର୍ତ୍ତା ମନୋନୀତ ହୋଇଯାଇଛି। ବରିଷ୍ଠ ସଦସ୍ୟ କାର୍ତ୍ତିକ ସାହୁ ଓ ଅଧ୍ୟାପକ ନରୋତମ ଦାସଙ୍କ ତତ୍ତ୍ୱାବଧାନରେ କମିଟିର ସଭାପତି ଭାବେ ରାମଚନ୍ଦ୍ର ସୁର ଉପସଭାପତି ଭାବେ ତ୍ରିଲୋଚନ ସାହୁ ସମ୍ପାଦକ ମନୀନ୍ଦ୍ର ପଣ୍ଡା ସହସମ୍ପାଦକ ଶିଶିର କୁମାର କର କୋଷାଧକ୍ଷ ଭାବେ ବସନ୍ତ ସାହୁଙ୍କ ନାମ ସର୍ବସମ୍ମତିକ୍ରମେ ଘୋଷଣା କରାଯାଇଥିଲା। ଅନିଲ କୁମାର ସାହୁ କୃପାସିନ୍ଧୁ ଓଝା ବୁଦ୍ଧଦେବ ପଣ୍ଡା ନୃସିଂହ ଦତ୍ତ ମାଗୁଣି ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସରକାରୀ ଜମିରେ ବେଆଇନ ଖନନ ଓ ରେଳ ସାମଗ୍ରୀ ହଟାଇବା ଅଭିଯୋଗ

## ବଡ଼ବିଲ ଥାନାରେ ମାମଲା ରୁଜୁ, ତଦନ୍ତ ଜାରି





ବଡ଼ବିଲ, ୩୦।୮ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ଓଏମଡିସି ଲିଜ ଖଣି ଅଞ୍ଚଳରେ ସରକାରୀ ଜମିରେ ବିନା ଅନୁମତିରେ ପ୍ରବେଶ କରି ଖନନ କାର୍ଯ୍ୟ କରିବା ଏବଂ ସେଠାରେ ଥିବା ରେଳ ଟ୍ରାକ୍ ସମେତ ସରକାରୀ ସାମଗ୍ରୀ ହଟାଇବା ଅଭିଯୋଗରେ ବଡ଼ବିଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏନେଇ ବଡ଼ବିଲ ତହସିଲଦାରଙ୍କ ଲିଖିତ ଅଭିଯୋଗ ଆଧାରରେ ବଡ଼ବିଲ ଥାନା କେସ୍ ନଂ ୩୬୭, ତାରିଖ ୨୮.୦୮ .୨୦୨୬ରେ ବିଏନ୍‌ଏସ୍‌ର ଧାରା ୩୨୯(୩)/୩୦୩(୨)/ ୩୨୪(୫)/ ୩(୫) ଏବଂ ପିଡିପିପି ଆକ୍ଟର ଧାରା ୩ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ସରକାରୀ ଜମି ପୂର୍ବରୁ ବିପିଏମ୍‌ଇକୁ ଲିଜ୍ ଦିଆଯାଇଥିଲା। ତେବେ ଉକ୍ତ ଲିଜ୍‌ର ଅବଧି ୨୦୦୯ରେ ଶେଷ ହୋଇଛି। ଏହାସତ୍ତ୍ୱେ ବିନା ଅନୁମତିରେ ଯନ୍ତ୍ରପାତି ବ୍ୟବହାର କରି ଖନନ କାର୍ଯ୍ୟ କରାଯାଇଥିବା ତହସିଲଦାରଙ୍କ ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୂର୍ବରୁ ସତର୍କ କରାଯାଇଥିଲେ ମଧ୍ୟ ଖନନ କାର୍ଯ୍ୟ ହୋଇଥିବା ଅଭିଯୋଗ ରହିଛି। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ ଏଏମ୍/ଏନ୍‌ଏସ୍ ସହ ସମ୍ପୃକ୍ତ କିଛି ବ୍ୟକ୍ତି, ଅଭିନବ ହଲଦାରଙ୍କ ନେତୃତ୍ୱରେ କଥିତ ଭାବେ ଏହି କାର୍ଯ୍ୟ କରିଥିଲେ। ଏଥିସହ ସରକାରୀ ଜମିରେ ଥିବା ରେଳ ଟ୍ରାକ୍ ଓ ଅନ୍ୟାନ୍ୟ ସାମଗ୍ରୀ ହଟାଇ ଦିଆଯାଇଥିବା ଏବଂ ଏହାଦ୍ୱାରା ସରକାରଙ୍କର ବିପୁଳ ଆର୍ଥିକ କ୍ଷତି ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ବଡ଼ବିଲ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାରେ କେଉଁମାନେ ସମ୍ପୃକ୍ତ, କେଉଁ ଯନ୍ତ୍ରପାତି ବ୍ୟବହାର କରାଯାଇଥିଲା ଏବଂ କେଉଁ ସାମଗ୍ରୀ ହଟାଯାଇଛି, ସେନେଇ ପୁଲିସ ତଦନ୍ତ କରୁଛି। ପ୍ରମାଣ ଆଧାରରେ ଆଇନାନୁଗତ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।









## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୯୧୯ - ଆମେରିକାରେ କମ୍ୟୁନିଷ୍ଟ ପାର୍ଟିର ଗଠନ।
- ୧୯୫୭ - ମାଲେସିଆ ବ୍ରିଟେନ୍‌ଠାରୁ ସ୍ୱତନ୍ତ୍ର ହେଲା।
- ୧୯୯୫ - ପ୍ରଥମ ଥର ପାଇଁ ଏମିନେଷ୍ଟି ଇଣ୍ଟରନ୍ୟାସନାଲ୍ ଚୀନ୍‌ରେ ମାନବାଧିକାର ଉପରେ ଆପତ୍ତି ଉଠାଇଲା।
- ୧୯୯୮ - ଉତ୍ତର କୋରିଆ ଜାପାନ ଉପରେ ବାଲିଷ୍ଟିକ୍ ମିସାଇଲ୍ କ୍ଷେପଣ କଲା।
- ୨୦୦୮ - ଭାରତ ସରକାର ଅମରନାଥ ଟ୍ରଷ୍ଟ ଜମି ବିବାଦର ସମାଧାନ କଲେ।


# ସଲମାନ୍‌ଙ୍କ ସହ କାମ କରିବାକୁ ଆଗ୍ରହୀ ରାଜକୁମାର ହିରାନୀ



ରାଜକୁମାର ହିରାନୀ ଦୀର୍ଘ ୨୩ ବର୍ଷ ହେଲାଣି ନିର୍ଦ୍ଦେଶକ ଭାବେ ବଲିଉଡ୍‌ରେ କାମ କରୁଛନ୍ତି। ୨୦୦୩ରେ ସେ 'ମୁନ୍ନାଭାଇ ଏମ୍‌ବିବିଏସ୍' ଚଳଚ୍ଚିତ୍ର ଜରିଆରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଥାପିଥିଲେ। ସେ ତାଙ୍କ କ୍ୟାରିୟରରେ ସଞ୍ଜୟ ଦତ୍ତ, ରଣବୀର କପୁର, ଶାହରୁଖ ଖାନ୍, ଅମିର ଖାନ୍‌ଙ୍କ ଭଳି ବଡ଼ ବଡ଼ କଳାକାରଙ୍କ ସହ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ହେଲେ ଏଯାଏଁ ସେ ସଲମାନ୍‌ଙ୍କ ସହ କୌଣସି ବି ପ୍ରୋଜେକ୍ଟରେ କାମ କରିନାହାନ୍ତି। ତେବେ, ସେ ସଲମାନ୍‌ଙ୍କ ସହ ଚଳଚ୍ଚିତ୍ର କରିବାକୁ ଚାହାଁନ୍ତି ବୋଲି କହିଛନ୍ତି।

ନିକଟରେ ଏକ ସାକ୍ଷାତକାରରେ ତାଙ୍କୁ ପଚରାଯାଇଥିଲା ଯେ, ଭବିଷ୍ୟତରେ ସେ ସଲମାନ୍‌ଙ୍କ ସହ କାମ କରିବେ କି ? ଏହା ଉପରେ ରାଜକୁମାର ହିରାନୀ କହିଥିଲେ, "ମୁଁ ତାଙ୍କ ସହ କାମ କରିବାକୁ ଚାହୁଁଛି। ଏମିତି ନୁହେଁ ଯେ ଆମର ଦେଖା ହୋଇନାହିଁ। ଆମେ ଅନେକ ଥର ପରସ୍ପରକୁ ଭେଟିଛୁ। ମୁଁ ମଧ୍ୟ ତାଙ୍କ ସହ କାମ କରିବାକୁ ନେଇ ବେଶ୍ ଉତ୍ସାହିତ ଅଛି। ହେଲେ ଏଯାଏଁ ମୋତେ ସେମିତି କିଛି କାହାଣୀ ମିଳିନାହିଁ ଯାହା ଉପରେ ଆମେ ଦୁହେଁ ଏକାଠି କାମ କରିପାରିବୁ। ତେଣୁ ଯଦି କେବେ ସମ୍ଭବ ହୁଏ, ତେବେ ଆମେ ଏକାଠି ନିଶ୍ଚୟ କାମ କରିବୁ।' ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଏବେ ବାମଶୀ ପେଡିପଲ୍ଲୀଙ୍କର ଫିଲ୍ମ 'ମନଷ୍ଟର୍'ରେ କାମ କରୁଛନ୍ତି। ଯଦିଓ ଏଯାଏଁ ଚଳଚ୍ଚିତ୍ରର ନାମ ଘୋଷଣା କରାଯାଇ ନାହିଁ, କିନ୍ତୁ ଏହି ଚଳଚ୍ଚିତ୍ରର ନାମ 'ମନଷ୍ଟର୍' ହୋଇପାରେ ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଛି। ଇଦ୍ ୨୦୨୭ରେ ଏହା ରିଲିଜ୍ ହେବ।

# ଅଟିଜିମ୍ ପୀଡ଼ିତ ପୁଅ ପାଇଁ ମା'ର ଅନନ୍ୟ ପ୍ରୟାସ



ସନ୍ତାନର ଖୁସି ପାଇଁ ଜଣେ ମା' ଯେ କେତେ ଦୂର ଯାଇପାରେ, ତାର ଏକ ଅଦ୍ଭୁତ ଏବଂ ପ୍ରେରଣାଦାୟୀ ଉଦାହରଣ ସାମ୍ନାକୁ ଆସିଛି କାନାଡାର ନ୍ୟୁ ବ୍ରନ୍ସୱିକ୍‌ରୁ। ଜେସିକା ଫେଲଚର ନାମ୍ନୀ ଜଣେ ମହିଳା ନିଜର ୧୧ ବର୍ଷୀୟ ଅଟିଜିମ୍ ପୀଡ଼ିତ ପୁଅ ପାଇଁ ତାଙ୍କ ହାତରେ କି-ବୋର୍ଡ ଟାଟୁ ତିଆରି କରିଛନ୍ତି। ହଣ୍ଟର୍ ଅଟିଜିମ୍ ଯୋଗୁଁ ସାଧାରଣ ପିଲାଙ୍କ ଭଳି କଥା କହିପାରେ ନାହିଁ। ସେ ନିଜର ଦୈନନ୍ଦିନ ଆବଶ୍ୟକତା ପ୍ରକାଶ କରିବା ପାଇଁ ଏକ ଇଲେକ୍ଟ୍ରୋନିକ୍ ସ୍ପିଚ୍ ଡିଭାଇସ୍ ଉପରେ ନିର୍ଭର କରୁଥିଲା। ଦିନେ ଏକ ରେଷ୍ଟୁରାଣ୍ଟରେ ହଠାତ୍ ସେହି ଡିଭାଇସ୍‌ର ବ୍ୟାଟେରି ସରିଗଲା। ଡିଭାଇସ୍ ବନ୍ଦ ହେବା ମାତ୍ରେ ହଣ୍ଟର୍ ନିଜ କଥା କହିପାରି ନ ଥିଲା। ହଣ୍ଟର୍ କିନ୍ତୁ ହାର୍ ମାନି ନ ଥିଲା, ସେ ଏକ କାଗଜ ଟୁକୁଡ଼ାରେ ନିଜ ହାତରେ ଏକ କିବୋର୍ଡ ଆଙ୍କି, ଅକ୍ଷରଗୁଡ଼ିକୁ ଛୁଇଁ ମା'ଙ୍କୁ ନିଜ କଥା ବୁଝାଇବାକୁ ଚେଷ୍ଟା କଲା। ସେହି ଦୃଶ୍ୟ ମା' ଜେସିକାଙ୍କ ହୃଦୟକୁ ଆନ୍ଦୋଳିତ କଲା। ସେ ଅନୁଭବ କଲେ ଯେ, ବ୍ୟାଟେରି କିମ୍ବା ଚାର୍ଜର ଅଭାବରୁ ତାଙ୍କ ପୁଅ ଭାବପ୍ରକାଶ କରିବାରୁ ବିଚ୍ୟୁତ ହେବା କଥା ନୁହେଁ। ଏହାପରେ ଜେସିକା ଏହାର ଏକ ସମାଧାନର ରାସ୍ତା ଖୋଜିଲେ। ସେ ନିଜ ବାମ ହାତର ଆଗ ଭାଗରେ ଏକ କି-ବୋର୍ଡ ଟାଟୁ କଲେ। ଏହି ଟାଟୁରେ କେବଳ ଅକ୍ଷର ନୁହେଁ କିଛି ଭାବପ୍ରକାଶକ ଇମୋଜି ମଧ୍ୟ ରହିଛି। ହଣ୍ଟର୍ ଏବେ ମା'ଙ୍କ ହାତର ଟାଟୁକୁ ଛୁଇଁ ନିଜ ମନର ସବୁ କଥା ସେକେଣ୍ଡକରେ କହିଦିଏ। ଜେସିକା ଯେତେବେଳେ ଏହି ପ୍ରେରଣାଦାୟୀ ଯାତ୍ରାର ଭିଡିଓ ସୋସିଆଲ ମିଡିଆରେ ସେୟାର କଲେ, ତାହା ଦେଖୁଦେଖୁ ଭାଇରାଲ ହୋଇଗଲା। ଜଣେ ମା'ଙ୍କର ଏହି ନିଃସ୍ୱାର୍ଥପର ପ୍ରୟାସକୁ ଦେଖି ଅନେକେ ଆଖିର ଲୁହ ରୋକିପାରି ନ ଥିଲେ। ଏହି କାହାଣୀ କେବଳ ଏକ ଟାଟୁର କଥା କହେନାହିଁ, ବରଂ ଏହା ଦର୍ଶାଏ ଯେ, ପ୍ରଯୁକ୍ତିବିଦ୍ୟା ଠାରୁ ମାନବୀୟ ସମ୍ବେଦନଶୀଳତା ଓ ଭଲପାଇବାର ଶକ୍ତି କେତେ ଗୁଣରେ ଅଧିକ। ଜେସିକାଙ୍କ ଏହି ପଦକ୍ଷେପ ସାରା ବିଶ୍ୱର ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କ ପିତାମାତାଙ୍କୁ ଏକ ନୂଆ ଦିଶା ଦେଖାଇଛି।

# କୀଟପତଙ୍ଗଙ୍କ ଆହାର ଛଡ଼ାଉଛି ଷ୍ଟ୍ରିଟ୍‌ଲାଇଟ୍

ରାସ୍ତାଗୁଡ଼ିକୁ ଆଲୋକିତ କରିବା ପାଇଁ ରାସ୍ତା କଡ଼ରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଏ। ହେଲେ ଏହି ଷ୍ଟ୍ରିଟ୍‌ଲାଇଟ ଦ୍ୱାରା କୀଟପତଙ୍ଗଗୁଡ଼ିକ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ବୈଜ୍ଞାନିକମାନେ ଏକ ନୂତନ ଅଧ୍ୟୟନରେ ଚେତାବନୀ ଦେଇ କହିଛନ୍ତି ଯେ, ସାରା ବିଶ୍ୱରେ କୀଟପତଙ୍ଗଙ୍କ ସଂଖ୍ୟା କମିବା ପଛରେ ଷ୍ଟ୍ରିଟ୍‌ଲାଇଟ୍ ଦାୟୀ। କୀଟପତଙ୍ଗଙ୍କ ଉପରେ ଆସିଥିବା ଏହି ସଙ୍କଟ ଯୋଗୁଁ ପ୍ରକୃତିର ସନ୍ତୁଳନ ମଧ୍ୟ ବିଗିଡ଼ି ଯାଇପାରେ। ବୈଜ୍ଞାନିକମାନେ କହିଛନ୍ତି ଯେ, ରାତିସାରା ଜଳୁଥିବା ଷ୍ଟ୍ରିଟ୍‌ଲାଇଟ୍ ଯୋଗୁଁ ଗଛର ପତ୍ରଗୁଡ଼ିକ ଅସ୍ୱାଭାବିକ ଭାବେ ଶକ୍ତ ହୋଇଯାଉଛି, ଯାହା କୀଟପତଙ୍ଗମାନଙ୍କୁ ଭୋକରେ ମରିବା ପାଇଁ ବାଧ କରୁଛି। ବୈଜ୍ଞାନିକମାନେ ଏହି ପ୍ରକ୍ରିୟା ପଛରେ ଥିବା କାରଣଗୁଡ଼ିକୁ ମଧ୍ୟ ସ୍ପଷ୍ଟ କରିଛନ୍ତି। ରାତିରେ କୃତ୍ରିମ ଆଲୋକ ସଂସ୍ପର୍ଶରେ ଆସିବା ଯୋଗୁଁ ଗଛଗୁଡ଼ିକର ଆଲୋକ ସଂଶ୍ଳେଷଣ ଚକ୍ର ପ୍ରଭାବିତ ହେଉଛି। ଫଳରେ ପତ୍ରଗୁଡ଼ିକ ବହୁତ ଟାଣ ଓ ଶକ୍ତ ହୋଇଯାଉଛି। ଏହାବାଦ୍ ଆଲୋକ ପ୍ରଦୂଷଣ ଯୋଗୁଁ ଏହି ପତ୍ରଗୁଡ଼ିକରେ ଫସ୍‌ଫରସ୍ ଭଳି ଜରୁରୀ ପୋଷକ ତତ୍ତ୍ୱର ପରିମାଣ କମିଯାଏ। ଏହାଦ୍ୱାରା ପତ୍ରଗୁଡ଼ିକ



କୀଟପତଙ୍ଗମାନଙ୍କ ପାଇଁ ଖାଦ୍ୟ ଉପଯୋଗୀ ହୋଇ ରହେନାହିଁ। ଅତ୍ୟଧିକ ଆଲୋକ ଯୋଗୁଁ ଗଛଗୁଡ଼ିକ ପତ୍ରରେ 'ଟାନିନ୍' ଭଳି ପ୍ରତିରକ୍ଷା ରାସାୟନିକ ପଦାର୍ଥ ଅଧିକ ପ୍ରସ୍ତୁତ କରନ୍ତି, ଯାହା ପତ୍ରର ସ୍ୱାଦକୁ ପିତା ବା ଖରାପ କରିଦିଏ। ଜୀବବିଜ୍ଞାନୀମାନେ ଚୀନ୍‌ର ବେଜିଂ ସହରରେ ଗଛଗୁଡ଼ିକ ଉପରେ ପରୀକ୍ଷା କରି ଦେଖିଥିଲେ ଯେ, ଯେଉଁଠାରେ ଷ୍ଟ୍ରିଟ୍‌ଲାଇଟ୍ ବହୁତ ପ୍ରଖର ଥାଏ, ସେଠାରେ ପତ୍ରଗୁଡ଼ିକୁ କୀଟପତଙ୍ଗମାନେ ଆଦୌ ଖାଇପାରନ୍ତି ନାହିଁ। ଏହାଦ୍ୱାରା ପତ୍ର ଖାଉଥିବା କୀଟ ଖାଦ୍ୟ ନ ପାଇ ମରିଯାଉଛନ୍ତି। ଯଦି ଏହି ପ୍ରାଥମିକ କୀଟପତଙ୍ଗମାନେ ମରିଯିବେ, ତେବେ ସେମାନଙ୍କୁ ଖାଉଥିବା ପକ୍ଷୀ ଏବଂ ଅନ୍ୟାନ୍ୟ ଛୋଟ ଜୀବମାନେ ମଧ୍ୟ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେବେ। ଏହା ସହରୀ ଜୈବ ବିବିଧତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। ବୈଜ୍ଞାନିକମାନେ ଏହାର ପ୍ରତିକାର ସ୍ୱରୂପ କେତେକ ପରାମର୍ଶ ମଧ୍ୟ ଦେଇଛନ୍ତି। ରାତି ସାରା ସମାନ ପ୍ରଖରତାରେ ଲାଇଟ୍ ନ ଜଳାଇ, ବିଳମ୍ବିତ ରାତିରେ ଷ୍ଟ୍ରିଟ୍‌ଲାଇଟ୍‌ର ପ୍ରଖରତା କମାଇବା ସହ କୀଟପତଙ୍ଗ ଓ ଗଛକୁ କମ୍ ପ୍ରଭାବିତ କରୁଥିବା ନିର୍ଦ୍ଦିଷ୍ଟ ରଙ୍ଗର ଏଲ୍‌ଇଡି ଲାଇଟ୍ ବ୍ୟବହାର କରିବା ପାଇଁ କହିଛନ୍ତି।

## ସ୍ୱସ୍ତି



# ପବିତ୍ର ଜନ୍ମାଷ୍ଟମୀ

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। କୃଷ୍ଣଙ୍କ ଜନ୍ମ ଉତ୍ସବକୁ 'ଜନ୍ମାଷ୍ଟମୀ' ଭାବେ ପାଳନ କରାଯାଏ। କୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ଏବଂ ସେ ବଢ଼ିଥିବା ବୃନ୍ଦାବନରେ ଏହି ଦିନରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ତା'ସହ ଏହିଦିନ କୃଷ୍ଣ ମନ୍ଦିର ଚଳଚଞ୍ଚଳ ହୋଇଥାଏ ଏବଂ କୃଷ୍ଣ ମନ୍ଦିରକୁ ସୁନ୍ଦର ଭାବେ ସଜାଯାଇଥାଏ।

ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଅଷ୍ଟମ ଅବତାର। ସେ ଅଧର୍ମ ତଥା ପାପ ବିରୋଧରେ ଠିକ୍ ମାର୍ଗଦର୍ଶନ କରାଇଥାନ୍ତି। ଦେବକୀ ଏବଂ ବସୁଦେବଙ୍କ ପୁତ୍ର ରୂପେ କୃଷ୍ଣ ମଥୁରାରେ ଜନ୍ମ ହୋଇଥିଲେ। ସେ କଂସର ବନ୍ଦୀଶାଳରେ ଜନ୍ମ ହୋଇଥିଲେ। କିନ୍ତୁ ପରେ କଂସ ଭୟରେ ବସୁଦେବ କୃଷ୍ଣଙ୍କୁ ମଥୁରାରେ ଛାଡ଼ି ଦେଇ ଥିଲେ। କୃଷ୍ଣଙ୍କ ଆଶୀର୍ବାଦ ଏବଂ କୃପା ପାଇବା ପାଇଁ କୃଷ୍ଣଭକ୍ତମାନେ ଶ୍ରଦ୍ଧାନୁସାରେ ଉପବାସ ରଖନ୍ତି। ମଧ୍ୟ ରାତ୍ରିରେ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଏ। ଜନ୍ମାଷ୍ଟମୀ ବ୍ରତ ବହି ପାଠ କରାଯାଏ। କୃଷ୍ଣଭକ୍ତମାନେ ଭଜନ କୀର୍ତ୍ତନ କରି ଜନ୍ମୋତ୍ସବ ପାଳନ କରନ୍ତି। ଏହିପରି ଭାବେ ମଧ୍ୟ ରାତ୍ରରେ ଉପବାସ ଭାଙ୍ଗନ୍ତି। ଏହି ଅବସରରେ ମହାରାଷ୍ଟ୍ର ଭଳି ଅନ୍ୟ କେତେକ ସ୍ଥାନରେ ଦହି ହାଣ୍ଡି ଉତ୍ସବ ପାଳନର ପରମ୍ପରା ଅଛି।

ତେବେ ଏହି ଅବସରରେ ରାସଲୀଳା ଆୟୋଜନ ହୁଏ। ଭାଗବତ ଟୁଙ୍ଗୀ ତଥା ମଠ ମନ୍ଦିରରେ ଭାଗବତ ପୁରାଣ ଏବଂ ଗୀତା ପାଠ କରାଯାଏ। କୃଷ୍ଣଙ୍କ ଭକ୍ତିଗୀତ ଗାନ କରାଯାଏ। ଅନ୍ୟପଟେ ଏହି ରାତିରେ କୃଷ୍ଣଙ୍କ ଧ୍ୟାନ କଲେ ସାଂସାରିକ ମୋହ ମାୟା ଆସକ୍ତି ଦୂର ହୁଏ ବୋଲି ବିଶ୍ୱାସ ଅଛି। ତେବେ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀର ସ୍ୱତନ୍ତ୍ର ନୀତି ତଥା ପୂଜାର୍ଚ୍ଚନାର ବିଧି ଅଛି। ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାଙ୍କ ଖୁସିକୁ ମନେ ପକାଇବା ପାଇଁ ଏହିଦିନ ଲୋକ ଭଜନ କୀର୍ତ୍ତନ କରିଥାନ୍ତି। ଏଥର ସେପ୍ଟେମ୍ବର ୪ରେ ଜନ୍ମାଷ୍ଟମୀ ପାଳନ କରାଯିବ।

# ଶନିଦେବଙ୍କୁ ଦାନ

**ଶନି ଦେବଙ୍କ କୃପା ପାଇବା ତଥା ଜୀବନରେ କଷ୍ଟ କମ୍ କରିବା ପାଇଁ ପବିତ୍ର ମନରେ କରାଯାଉଥିବା ଦାନ ଖୁବ୍ ପ୍ରଭାବଶାଳୀ ବୋଲି କୁହାଯାଏ। ଏଣୁ ନିଜ କ୍ଷମତା ଅନୁସାରେ ଗରିବ, ଅସହାୟଙ୍କୁ ଦାନ କରିବା ଉଚିତ। ସେହିପରି ଛୋଟ ଦାନ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି କୁହାଯାଏ। ଶନିଦେବଙ୍କ କୃପା ଦ୍ୱାରା ଜୀବନରେ ସ୍ଥିରତା ଆସେ ଏବଂ ସଫଳତା ମିଳିଥାଏ।**

- ଶନିବାର ତଥା ଅମାବାସ୍ୟାରେ ଶନିଦେବଙ୍କ ଉଦ୍ଦେଶ୍ୟରେ ଗରିବଙ୍କୁ ଦାନ କରିବା ଉଚିତ।
- ଶନିବାର କଳା ରାଶି ଦାନ କରିବା ଉଚିତ।
- ଲୁହା ଜିନିଷ ମଧ୍ୟ ଦାନ କରିବା ଭଲ।
- କଳା ରଙ୍ଗ କମ୍ବଳ ଶନିବାର କିମ୍ବା ଅମାବାସ୍ୟାରେ ଗରିବ ଅସହାୟଙ୍କୁ ଦାନ କରନ୍ତୁ।
- ସେହିପରି କଳା ଜୋତା, ଚପଲ ବି ଦାନ କରିପାରିବେ।
- ଛତା ତଥା ରାଶି ଲଡୁ ଦାନ କରିବା ଶୁଭ। ଶନିଙ୍କ ଶୁଭ ଫଳ ପ୍ରାପ୍ତି ହୁଏ।



# ଭାଦ୍ରବ ମାସର ମହତ୍ତ୍ୱ

**ଭାଦ୍ରବ ମାସ ଚାଲିଛି। ଏହି ମାସ ଭଗବାନ କୃଷ୍ଣ ଏବଂ ଶ୍ରୀଗଣେଶଙ୍କୁ ସମର୍ପିତ। ଏହି ମାସରେ ଜନ୍ମାଷ୍ଟମୀ, ଗଣେଶ ପୂଜା, ଅନନ୍ତ ଚତୁର୍ଦ୍ଦଶୀ ଭଳି ଅନ୍ୟାନ୍ୟ ପର୍ବ ପଡ଼ିଥାଏ। ସେହିପରି ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହେବ। ତେବେ ଏହି ମାସ ଧାର୍ମିକ ଦୃଷ୍ଟିକୋଣରୁ ବେଶ୍ ଶୁଭ ହୋଇଥାଏ।**



ହିନ୍ଦୁ ଶାସ୍ତ୍ରରେ ଏହି ମାସକୁ ବେଶ୍ ସ୍ୱତନ୍ତ୍ର ବୋଲି କୁହାଯାଇଛି। ଏହି ମାସରେ କୌଣସି ଶୁଭ କାମ କରାଯାଇ ନ ଥାଏ। ଭାଦ୍ରବ ମାସରେ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ। ସେହିପରି ଏହି ମାସରେ ଦେବୀ ଦେବତାଙ୍କ ଉପାସନା କରିବା ଦ୍ୱାରା ସମସ୍ତ କଷ୍ଟ ଓ ଦୁଃଖରୁ ମୁକ୍ତି ମିଳିଥାଏ। ଏହାସହ ସୁଖ, ସମୃଦ୍ଧି ଏବଂ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହା ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ। ତେଣୁ କୃଷ୍ଣ ଭକ୍ତଙ୍କ ପାଇଁ ଏହି ମାସକୁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ। ଶ୍ରୀକୃଷ୍ଣଙ୍କ ପୂଜା, ବ୍ରତ କରିବାର ବିଶେଷ ମହତ୍ତ୍ୱ ଅଛି। ସେହିପରି ଘରେ ଲଡୁ ଗୋପାଳଙ୍କୁ ସ୍ଥାପନା କରିବା, ଶଙ୍ଖ ସ୍ଥାପନା, ଗୀତାପାଠ କରିବାକୁ ଅଧିକ ଶୁଭ ବୋଲି କୁହାଯାଇଛି। ମାନ୍ୟତା ଅଛି, ଏଭଳି କରିବା ଦ୍ୱାରା ଧନ, ଯଶ ଏବଂ ବୈଭବ ପ୍ରାପ୍ତି ହୋଇଥାଏ। ଏହି ମାସରେ ଶ୍ରୀକୃଷ୍ଣଙ୍କୁ ତୁଳସୀ ଅର୍ପଣ କରିବା ଦ୍ୱାରା ପାରିବାରିକ ଜୀବନରେ ସୁଖସମୃଦ୍ଧି ଆସିଥାଏ।

# ବୁଧିବାମନ ବ୍ରତ



ଭାଦ୍ରବ ମାସରେ ପାଳିତ ହେଉଥିବା ଓଷାବ୍ରତ ମଧ୍ୟରୁ ଅନ୍ୟତମ ବୁଧିବାମନ ବ୍ରତ। ଏହା 'ବୁଧେଇ ଓଷା' ନାଁରେ ମଧ୍ୟ ପରିଚିତ। ବୁଧବାର ଏହି ବ୍ରତ ପାଳନ କରାଯାଏ। ପ୍ରତ୍ୟେକ ବୁଧବାର ସଧବା ନାରୀମାନେ ସନ୍ତାନ କାମନା କରିବା ଏବଂ ସନ୍ତାନଙ୍କ ଶୁଭ ମନାସିବା ଉଦ୍ଦେଶ୍ୟରେ ଏହାକୁ ପାଳନ କରିଥାନ୍ତି। ଏହି ବ୍ରତକୁ ନିର୍ଜଳା ଭାବେ ନିଷ୍ଠାର ସହ ପାଳନ କରାଯାଏ। ଏହାକୁ ୪ଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ। ଏହାକୁ ଗହ୍ମା ପୂର୍ଣ୍ଣିମା ପରଦିନଠାରୁ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତି ବୁଧବାର ସଧବା ନାରୀ ପୂଜାର୍ଚ୍ଚନା କରିଥାନ୍ତି।

ଏଥିରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା। ସେହିପରି ବାମନ କହିଲେ, ଭୈରବ, ଯିଏ ସ୍ୱୟଂ ଜଗନ୍ନାଥ। ଏଣୁ ଏହି ଓଷାର ଆରାଧ୍ୟ ଦେବୀ ଦେବତା ହେଲେ ଶ୍ରୀ ଜଗନ୍ନାଥ ଏବଂ ବିମଳା। ଅବଶ୍ୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ଓଷାରେ ନାରୀରୂପୀ ବୁଧ ଏବଂ ମଙ୍ଗଳାଙ୍କୁ ପୂଜା କରାଯାଏ। ଏହି ପୂଜା ଲାଗି ପାଞ୍ଚଟି ରଙ୍ଗର ଫୁଲ, ପାଞ୍ଚ ପ୍ରକାର ଫଳ, ପାଞ୍ଚ ପ୍ରକାର ଧୂପ, ପାଞ୍ଚ ପ୍ରକାର ଦୁବ ଏବଂ ପାଞ୍ଚଟି ଅକ୍ଷତ ଦରକାର ହୁଏ। ଏଥିରେ ବେଲପତ୍ର, ଫୁଲମାଳ ଏବଂ ଖଇମାଳ ଠାକୁରାଣୀଙ୍କୁ ଲାଗି କରାଯାଏ। ପ୍ରଥମ ପାଳିରେ ଗୋଟିଏ ନଡ଼ିଆ ବସାଯାଏ ଏବଂ ତାହାକୁ ଶେଷ ପାଳିରେ ଭାଙ୍ଗି ଲାଗି କରାଯାଏ। ଶେଷ ପାଳିରେ ପାଞ୍ଚ ପ୍ରକାର ପିଠାପଣା ବି କରାଯାଏ।

ଏହିଦିନ ବ୍ରତଧାରୀ ଦିନଯାକ ଉପବାସ ରହି ରାତିରେ ପୂଜା ପରେ ଭୋଗ ଖାଆନ୍ତି। ଏହି ପୂଜାର ଦେବୀ ଦେବତା ହେଉଛନ୍ତି, ଶିଳ ଏବଂ ଶିଳପୁଆ। ପ୍ରଥମେ ଏହି ଶିଳ ପୁଆକୁ ବଟା ଅଁଳା ପାଣି ସହ ଗଙ୍ଗାଜଳରେ ସ୍ନାନ କରାଯାଏ। ତେବେ କଉଡ଼ି ଏବଂ ଗୁଆରେ ଆଖି, ନାକ, କାନ, ପାଟି କରାଯାଏ। ହଳଦୀକନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ। ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ। ଏହାକୁ ପିଢ଼ା ଆସ୍ଥାନରେ ସ୍ଥାପନ କରାଯାଏ। ଏହି ଓଷା ବହିରେ ପାଞ୍ଚଟି ଅଧ୍ୟାୟ ଅଛି। ଏଥିରେ ବୁଧେଇଙ୍କ ମହିମାକୁ ବର୍ଣ୍ଣନା କରାଯାଇଛି।

■ ଏସିଆ କପ୍ ମହିଳା କ୍ରିକେଟ

## ଶେଫାଳିଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ଦୁବାଇ,୩୦।୮ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ କପ୍ ମହିଳା କ୍ରିକେଟର ପ୍ରଥମ ମ୍ୟାଚ୍‌ରେ ଟାଇଟଲ ଆଶାୟୀ ଭାରତ ବିସ୍ଫୋରକ ବ୍ୟାଟିଂରୁ ଖେଳ ଆରମ୍ଭ କରିଛି। ଗ୍ରୁପ୍-ଏ'ରେ ଥାଇଲାଣ୍ଡ ବିପକ୍ଷ ମୁକାବିଲାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ



ହରାଇ ୧୫୯ ରନ୍ କରିନେଇଛି। ଦଳ ପକ୍ଷରୁ ଓପନର ଶେଫାଳି ବର୍ମା ସର୍ବାଧିକ ୬୪, ଟି-୨୦ରେ ଡେବ୍ୟୁ କରିଥିବା ପ୍ରତୀକା ରାୱଲ ୨୨ ଓ ଉପଅଧିନାୟିକା ସ୍ମୃତି ମନ୍ଧାନା ୧୯ ରନ୍ କରିଥିଲେ। ଦଳର ଅନ୍ୟ ଦୁଇ ବ୍ୟାଟର ଭାରତୀ ଫୁଲମାଳି ୧୩ ଓ କ୍ରାନ୍ତି ଗୌଡ଼ ଅପରାଜିତ ୧୫ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଦଳ ପକ୍ଷରୁ ଅର୍ଦ୍ଧଶତକ ହାସଲ ଲାଗି ୨୬ବଲ୍ ନେଇଥିଲେ। ସେ କିନ୍ତୁ ମୋଟରେ ୩୬ବଲ୍ ଖେଳି ୮ ଚୌକା ଓ ୩ଛକା ବଳରେ ସବାଧିକ ୬୪ ରନ୍ କରିଥିଲେ। ଥାଇଲାଣ୍ଡ ପକ୍ଷରୁ ସୁଲୀପର୍ଣ୍ଣ ଲାଓମି ୨୬ରନ୍‌ରେ ୩ଟି ଓ ସୁନିନ୍ଦା ଚତୁରଙ୍ଗରତ୍ନା ୩୧ ରନ୍‌ରେ ୨ ୱିକେଟ ନେଇ ଭାରତର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡ ୬ ରନ୍‌ରେ ହଂକଂ ଚୀନ୍‌କୁ ହରାଇଥିଲା। ସେହିପରି ଦ୍ୱିତୀୟ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା ୯ ୱିକେଟରେ ୟୁଏଇକୁ ହରାଇ ଟାଇଟଲ ରକ୍ଷା ଅଭିଯାନ ଆରମ୍ଭ କରିଛି।

## ସାଉଦ୍, ଶାନ୍‌ଙ୍କ ଲଢୁଆ ବ୍ୟାଟିଂ

ଲର୍ଡ୍ସ,୩୦।୮ (ଏଜେନ୍ସି): ଦୁଇ ବରିଷ୍ଠ ବ୍ୟାଟର ସାଉଦ୍ ସକିଲ ଓ ଶାନ୍ ମାସୁଦ୍‌ଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ପରାଜୟ ଏଡ଼ାଇବାକୁ ସଂଘର୍ଷ କରୁଛି। ଏହି ଟେଷ୍ଟରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୨୦୮ ରନ୍‌ରେ ଶେଷ ହେବା ପରେ ପାକିସ୍ତାନ ଆଗରେ ୩୭୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଶେଷ ଖବର ସୁଦ୍ଧା ପାକିସ୍ତାନ ୫ ୱିକେଟ ବିନିମୟରେ ୧୧୫ ରନ୍ କରିଛି। ଏହି ସମୟରେ ସକିଲ ୬୬ ଓ ଅଲି ଉସ୍‌ମାନ ୦ରନ୍ କରି ବ୍ୟାଟିଂ କରୁଥିଲେ। ଦଳ ବିଶାଳ ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ ଆରମ୍ଭ କରିବା ପରେ ୧୪ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ୩୬ ବର୍ଷୀୟ ଓପନର ଶାନ ଓ ୩୦ ବର୍ଷୀୟ ମିଡିଲ ଅର୍ଡର ବ୍ୟାଟର ସାଉଦ୍ ଚତୁର୍ଥ ୱିକେଟରୁ ୯୭ ରନ୍ ଉଠାଇ ପାକିସ୍ତାନର ବିଜୟ ବିଳମ୍ବିତ କରିଥିଲେ। ଦଳୀୟ ସ୍କୋର ୧୧୧ ବେଳେ ୭୨ ବଲ୍‌ରେ ୨୬ ରନ୍ କରିଥିବା ଶାନ୍‌ଙ୍କୁ ଆଉଟ କରି ଓଲି ରବିନସନ ଏହି ଯୋଡି ଭାଙ୍ଗିବା ସହ ତୃତୀୟ ୱିକେଟ ପାଇଥିଲେ।

## ସରେ ପାଇଁ ଖେଳିବେ ଆକ୍ୱିବ ନବି

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଜମ୍ମୁ-କାଶ୍ମୀରର ଦ୍ରୁତ ବୋଲର ଆକ୍ୱିବ ନବି ଦାର୍ କାଉଣ୍ଟି କ୍ରିକେଟ୍ ଖେଳିବେ। ସରେ ଦଳ ପକ୍ଷରୁ ୩ଟି କାଉଣ୍ଟି ଚାମ୍ପିଅନସିପ୍ ମ୍ୟାଚ୍ ଖେଳିବାକୁ ନବି ସଂକ୍ଷିପ୍ତ ଚୁକ୍ତି କରିଛନ୍ତି। ସରେ ପକ୍ଷରୁ ନବି ଏହି ୩ଟି ମ୍ୟାଚ୍ ଯଥାକ୍ରମେ ୟର୍କଶାୟର (ସେପ୍ଟେମ୍ବର ୨ରୁ), ସସେକ୍ସ (ସେପ୍ଟେମ୍ବର ୮ରୁ) ଓ ଗ୍ଲାମରଗନ (ସେପ୍ଟେମ୍ବର ୧୫ରୁ) ବିପକ୍ଷରେ ଖେଳିବେ। ଭାରତୀୟ ଦଳ ଅକ୍ଟୋବରରେ ନ୍ୟୁଜିଲାର୍ଡ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ଏହି ଗସ୍ତରେ ଭାରତ ଦଳ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ପାଞ୍ଚଟି ଲେଖାଏ ଟି-୨୦ ଓ ଦିନିକିଆ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅକ୍ଟୋବର ୨୨ରେ ପ୍ରଥମ ଟି-୨୦ ଖେଳାଯିବ। ଉଲ୍ଲେଖଯୋଗ୍ୟ, ନବି ରଣଜୀ ଟ୍ରଫିର ଗତ ସିଜନରେ ସର୍ବାଧିକ ୱିକେଟ ହାସଲକାରୀ ବୋଲର ରହିଛନ୍ତି। ଏହି ପ୍ରଦର୍ଶନ ଆଧାରରେ ତାଙ୍କୁ ନିକଟରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳରେ ପ୍ରଥମଥର ସୁଯୋଗ ମିଳିଥିଲା। କିନ୍ତୁ ନବି ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ତେବେ ଭାରତର ଆଗାମୀ ନ୍ୟୁଜିଲାଣ୍ଡ ଟୁର୍‌କୁ ଲକ୍ଷ୍ୟରେ ରଖି ନବିଙ୍କୁ ପ୍ରସ୍ତୁତି କରିବା ଲାଗି ବିସିସିଆଇ ତାଙ୍କୁ କାଉଣ୍ଟି ଖେଳିବାକୁ ଏହି ଯୋଜନା କରିଛି।

## ମେସି ଇଭେଣ୍ଟର ଟିକଟ ଅର୍ଥ ମିଳିବ

କୋଲକାତା, ୩୦।୮ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ବଡ଼ ଘୋଷଣା କରିଛନ୍ତି। ଗତ ବର୍ଷ ଆର୍ଜେଣ୍ଟିନା ସୁପର୍ଷ୍ଟାର୍ ଲିଓନେଲ ମେସିଙ୍କ ବିଶୃଙ୍ଖଳିତ ଇଭେଣ୍ଟ ପାଇଁ ଟିକଟ୍ କିଣିଥିବା ସମସ୍ତ ୩୩ ହଜାର ପ୍ରଶଂସକଙ୍କୁ ଅର୍ଥ ଫେରସ୍ତ କରାଯିବ। ରାଜ୍ୟର କ୍ରୀଡା ବଜେଟରୁ ଏହି ଅର୍ଥ ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଗତବର୍ଷ ଡିସେମ୍ବର ୧୩ ତାରିଖରେ ଫୁଟବଲ ତାରକା ମେସି କୋଲକାତାର ଯୁବ ଭାରତୀ ଷ୍ଟାଡିୟମ୍ ପରିଦର୍ଶନରେ ଆସିଥିଲେ। କିନ୍ତୁ ଏହି ହାଇଭୋଲଟେଜ ଇଭେଣ୍ଟରେ ବିଶୃଙ୍ଖଳା ଆଚରଣ ଲାଗି କାର୍ଯ୍ୟକ୍ରମକୁ ଅଧାରୁ ବାତିଲ କରିବାକୁ ପଡ଼ିଥିଲା। ମେସିଙ୍କ ଝଲକ ଟିକିଏ ପାଇବା ଲାଗି ପ୍ରାୟ ୩୩ ହଜାର ପ୍ରଶଂସକ ୪ରୁ ୬ ହଜାର ଟଙ୍କା ଲେଖାଏ ଦେଇ ଟିକେଟ୍ କିଣିଥିଲେ।

ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍

# ନେଦରଲ୍ୟାଣ୍ଡସ୍‌କୁ ହରାଇ କାଂସ୍ୟ ଜିତିଲା ଆର୍ଜେଣ୍ଟିନା

ୱାଭରେ,୩୦।୮ (ଏଜେନ୍ସି)



ନେଦରଲ୍ୟାଣ୍ଡସ ଓ ବେଲଜିୟମ ମିଳିତଭାବେ ଆୟୋଜନ କରିଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ମହିଳା ବିଭାଗରେ ଯୁଗ୍ମ ଆୟୋଜକ ନେଦରଲ୍ୟାଣ୍ଡସକୁ ହରାଇ ଆର୍ଜେଣ୍ଟିନା ଚାମ୍ପିଅନ ହୋଇଛି। ଆଜି ପୁରୁଷ ବିଭାଗରେ କାଂସ୍ୟ ପଦକ ଲାଗି ଖେଳାଯାଇଥିବା ମୁକାବିଲାରେ ମଧ ଆର୍ଜେଣ୍ଟିନା ୨-୧ଗୋଲରେ ନେଦରଲ୍ୟାଣ୍ଡସକୁ ହରାଇଥିଲା। ଏହା ଫଳରେ ଆର୍ଜେଣ୍ଟିନା କାଂସ୍ୟ ପଦକ ହାସଲ କରିଛି। ଆଜି ଖେଳାଯାଇଥିବା ମୁକାବିଲା ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ଥିଲାବେଳେ ଦ୍ୱିତୀୟାର୍ଦ୍ଧର ୪୧ତମ ମିନିଟ୍‌ରେ ଆର୍ଜେଣ୍ଟିନାର ବରିଷ୍ଠ ଖେଳାଳି ଟୋମାସ ଡୋମେନ୍ ପ୍ରଥମ ଗୋଲ ସ୍କୋର କରିଥିଲେ। ୪୯ତମ ମିନିଟ୍‌ରେ ଫ୍ଲୋରିସ୍ ମିଡେନଡ୍ରପ୍ ପେନାଲ୍ଟି କର୍ଣ୍ଣରରୁ ଗୋଲ ଶୁଝାଇଦେଇଥିଲେ। ଖେଳ ପେନାଲ୍ଟି ସୁଟଆଉଟକୁ ଯାଉଥିଲାବେଳେ ୫୯ତମ ମିନିଟ୍‌ରେ ଆର୍ଜେଣ୍ଟିନାକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ରିବାଉଣ୍ଡ ହୋଇ ଆସୁଥିବା ବଲ୍‌କୁ ଅଧିନାୟକ ମାଟିଆସ୍ ରେ' ନେଦରଲ୍ୟାଣ୍ଡସ ପୋଷ୍ଟ ମଧ୍ୟକୁ ପଠାଇ ଦଳକୁ ଜିତାଇବା ସହ କାଂସ୍ୟ ପଦକ ଦେଇଥିଲେ। ଏହା ପରେ ସ୍ପେନ୍ ଓ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ମଧ୍ୟରେ ପୁରୁଷ ବିଭାଗ ଟାଇଟଲ ଲାଗି ମୁକାବିଲା ଜୋରଦାର ହୋଇଛି। ଏଥିରେ ବିଜୟୀ ହେଲେ ଜର୍ମାନୀ କ୍ରମାଗତ ତଥା ଚତୁର୍ଥ ଟାଇଟଲ ଜିତିବ। ଅନ୍ୟ ପକ୍ଷରେ ସ୍ପେନ୍ ଜିତିଲେ ଏହାର ପ୍ରଥମ ଟାଇଟଲ ହେବ। ପୂର୍ବରୁ ଖେଳାଯାଇଥିବା ପୁରୁଷ ବିଭାଗ ସେମିଫାଇନାଲରେ ସ୍ପେନ୍ ୪-୩ ଗୋଲରେ ନେଦରଲ୍ୟାଣ୍ଡସକୁ ଓ ଜର୍ମାନୀ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

### ଅଷ୍ଟମରେ ରହିଲା ଭାରତ

ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ବେଲଜିୟମଠାରୁ ୪-୩ ପେନାଲ୍ଟି ଗୋଲରେ ପରାଜିତ ହୋଇ ଭାରତୀୟ ଦଳ ଅଷ୍ଟମ ସ୍ଥାନରେ ରହିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ସମାନସ୍ତରରେ ରହିଥିଲେ ମଧ ଭାରତ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଆଦୌ ଉନ୍ନତ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ଅନ୍ୟପକ୍ଷରେ କ୍ୱାର୍ଟର ଫାଇନାଲକୁ ଯାଇଥିବା ଅନ୍ୟ ଦୁଇ ଦଳ ମଧ୍ୟରୁ ଅଷ୍ଟ୍ରେଲିଆ ୫ମ ଓ ଇଂଲଣ୍ଡ ୬ଷ୍ଠ ସ୍ଥାନ ଅଧିକାର କରିଥିଲା। କ୍ଲାସିଫିକେସନ ମୁକାବିଲାରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଥିଲା।

### ନ୍ୟୁଜିଲାଣ୍ଡ ୯ମ, ଆୟର୍ଲାଣ୍ଡ ୧୦ମ

ଟୁର୍ଣ୍ଣାମେଣ୍ଟର ୯ରୁ ୧୬ତମ କ୍ଲାସିଫିକେସନ ମୁକାବିଲା ମଧ ବେଶ ରୋମାଞ୍ଚକର ହୋଇଥିଲା। ଏଥିରେ ଆୟର୍ଲାଣ୍ଡକୁ ୫-୩ ଗୋଲରେ ହରାଇ ନ୍ୟୁଜିଲାଣ୍ଡ ୯ମ ସ୍ଥାନରେ ରହିଥିଲା। ପାକିସ୍ତାନ ୪-୩ ପେନାଲ୍ଟି ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ୧୧ଶ, ଜାପାନକୁ ୩-୧ ଗୋଲରେ ହରାଇ ଫ୍ରାନ୍ସ ୧୩ଶ ଓ ମାଲେସିଆକୁ ୨-୧ ଗୋଲରେ ହରାଇ ୱେଲ୍ସ ୧୫ଶ ସ୍ଥାନ ଅଧିକାର କରିଥିଲା।

### ପୁରୁଷ ହକି ବିଶ୍ୱକପ୍ ଚୂଡାନ୍ତ ସ୍ଥାନ

୧-୨- ସ୍ପେନ୍/ଜର୍ମାନୀ, ୩-୪- ନେଦରଲ୍ୟାଣ୍ଡସ/ଆର୍ଜେଣ୍ଟିନା, ୫-ଅଷ୍ଟ୍ରେଲିଆ, ୬-ଇଂଲଣ୍ଡ, ୭-ବେଲଜିୟମ, ୮-ଭାରତ, ୯-ନ୍ୟୁଜିଲାଣ୍ଡ, ୧୦-ଆୟର୍ଲାଣ୍ଡ, ୧୧- ପାକିସ୍ତାନ, ୧୨-ଦକ୍ଷିଣ ଆଫ୍ରିକା, ୧୩-ଫ୍ରାନ୍ସ, ୧୪-ଜାପାନ, ୧୫-ୱେଲ୍ସ, ୧୬-ମାଲେସିଆ।

### ମହିଳା ହକି ବିଶ୍ୱକପ୍ ଚୂଡାନ୍ତ ସ୍ଥାନ

୧-ଆର୍ଜେଣ୍ଟିନା, ୨-ନେଦରଲ୍ୟାଣ୍ଡସ, ୩- ବେଲଜିୟମ, ୪-ଅଷ୍ଟ୍ରେଲିଆ, ୫-ଭାରତ, ୬-ଜର୍ମାନୀ, ୭- ସ୍ପେନ୍, ୮-ଚୀନ୍, ୯-ଇଂଲଣ୍ଡ, ୧୦-ଆମେରିକା, ୧୧-ଜାପାନ, ୧୨-ସ୍କଟଲାଣ୍ଡ, ୧୩-ଆୟର୍ଲାଣ୍ଡ, ୧୪- ଦକ୍ଷିଣ ଆଫ୍ରିକା, ୧୫-ନ୍ୟୁଜିଲାଣ୍ଡ, ୧୬- ଚିଲି।

ଦୁଲୀପ ଟ୍ରଫି ସେମିଫାଇନାଲ

## କେନ୍ଦ୍ରାଞ୍ଚଳ ୨୬୬ରେ ସୀମିତ

ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ଏଠାରେ ରବିବାର ଆରମ୍ଭ ହୋଇଥିବା ଦୁଲୀପ୍ ଟ୍ରଫିର ପୂର୍ବାଞ୍ଚଳ ବିପକ୍ଷ ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି କେନ୍ଦ୍ରାଞ୍ଚଳ ୨୬୬ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ରିଙ୍କୁ ସିଂ ସର୍ବାଧିକ ୬୦, ଆର୍ଯ୍ୟାନ ଜୁଏଲ ୪୬, ନଂ-୧୧ ବ୍ୟାଟର ଯଶ ଠାକୁର ଅପରାଜିତ ୩୦, ହର୍ଷ ଦୁବେ ୨୭ ଓ ଆର୍ଯ୍ୟନ ପାଣ୍ଡେ ୨୨ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ପେସର ୮ଟି ଓ ସ୍ପିନର ୨ଟି ୱିକେଟ ନେଇଛନ୍ତି। ଅଭିଜିତ ସରକାର ଓ ମୁକେଶ କୁମାର ୩ଟି ଲେଖାଏଁ, ମହମ୍ମଦ୍ ସାମି ୨ଟି ୱିକେଟ ପାଇଛନ୍ତି। ପ୍ରଥମ ମ୍ୟାଚ୍‌ର ହିରୋ ଶାହବାଜ ଅହମ୍ମଦ୍‌ଙ୍କ ସ୍ଥାନରେ ଖେଳିଥିବା ସ୍ପିନର କୌନେନ୍ କ୍ୟୁରେଶୀଙ୍କୁ ୨ଟି ୱିକେଟ ମିଳିଛି। ଓଡ଼ିଶାର ଶୁଭ୍ରାଂଶୁ ଶେଖର ସେନାପତିଙ୍କୁ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଖେଳିବା ସୁଯୋଗ ମିଳିନାହିଁ।



### ଉତ୍ତରାଞ୍ଚଳ ୧୯୫, ଦକ୍ଷିଣାଞ୍ଚଳ ୪୦/୨

ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମଧ ଏଠାରେ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଞ୍ଚଳ ମାତ୍ର ୧୯୫ ରନ୍‌ରେ ଆଉଟ ହୋଇଯାଇଛି। ଦଳ ପକ୍ଷରୁ କମରାନ ଇକବାଲ ୭୬, ଅଧିନାୟକ କନ୍ହେୟା ୱାଧାୱାନ୍ ୩୫ ରନ୍ କରିଥିଲେ। ଦକ୍ଷିଣାଞ୍ଚଳ ପକ୍ଷରୁ ଘାତକ ବୋଲିଂ କରି ବିଦ୍ୱାଥ କାଭେରପ୍ପା ସର୍ବାଧିକ ୪ଟି, ଏମ୍‌ଡି ନାଧୀଶ ଓ ତନୟ ତ୍ୟାଗରାଜନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଜବାବରେ ପ୍ରଥମ ଦିନ ଖେଳ ଶେଷବେଳକୁ ଦକ୍ଷିଣାଞ୍ଚଳ ୧୮ ଓଭରରେ ୨ ୱିକେଟ ହରାଇ ୪୦ରନ୍ କରିଥିଲାବେଳେ ନାରାୟଣ ଜଗଦୀଶନ ୩୪ ରନ୍‌ରେ ଅପରାଜିତ ଅଛନ୍ତି। ଅଂଶୁଲ କାମ୍ବୋଜ ଓ ଗୁରନୁର ବ୍ରାର ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି।


## ୯୦୦ ୱିକେଟ୍ ପୂରଣ କଲେ ସାମି



ବେଙ୍ଗାଲୁରୁ, ୩୦।୮ (ଏଜେନ୍ସି): ଅଭିଜ୍ଞ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ତାଙ୍କ କ୍ୟାରିୟରରେ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଷଷ୍ଠ ଭାରତୀୟ କ୍ରିକେଟର୍ ଭାବେ ସାମି ପ୍ରଫେସନାଲ କ୍ରିକେଟ୍‌ରେ ୯୦୦ ୱିକେଟ ପୂରଣ କରିଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ଦୁଲୀପ୍ ଟ୍ରଫି ସେମିଫାଇନାଲ ମ୍ୟାଚ ଅବସରରେ ସାମି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ପୂର୍ବାଞ୍ଚଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସାମି କେନ୍ଦ୍ରାଞ୍ଚଳ ବିପକ୍ଷ ସେମିଫାଇନାଲ ମ୍ୟାଚର ପ୍ରଥମ ଦିବସରେ ଦୁଇଟି ୱିକେଟ ନେଇଥିଲେ। ଏଥିସହ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟର ତିନୋଟିଯାକ ଫର୍ମାଟରେ ତାଙ୍କ ମୋଟ୍ ୱିକେଟ ସଂଖ୍ୟା ୯୦୦ ଛୁଇଁଛି। ସାମି ବର୍ତ୍ତମାନ ସୁଦ୍ଧା ପ୍ରଥମଶ୍ରେଣୀ କ୍ରିକେଟରେ ୩୭୯, ଲିଷ୍ଟ-ଏ'ରେ ୨୮୩ ଓ ଟି-୨୦ କ୍ରିକେଟରେ ୨୩୮ ଟି ୱିକେଟ ନେଇଛନ୍ତି।

ୟୁଏସ୍ ଓପନ୍

## ହ୍ୟାଟ୍ରିକ ଟାଇଟଲ୍ ଲକ୍ଷ୍ୟରେ ସାବାଲେଙ୍କା



ନ୍ୟୁୟର୍କ, ୩୦।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ୧୪୬ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହୋଇଛି। ମହିଳା ବିଭାଗର ଟପ୍ ସିଡ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ଆରିନା ସାବାଲେଙ୍କା ଦ୍ୱିତୀୟ ଦିବସରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ସାବାଲେଙ୍କା ପ୍ରଥମ ରାଉଣ୍ଡରେ କଲମ୍ବିଆର କାମିଲା ଓସୋରିଓଙ୍କୁ ଭେଟିବେ। ୨୮ ବର୍ଷୀୟା ସାବାଲେଙ୍କା ଗତ ଦୁଇଟି ସଂସ୍କରଣର ହେବ ଏଠାରେ ଚାମ୍ପିଅନ ହୋଇ ଆସୁଛନ୍ତି। ତେଣୁ ଏଥର ମଧ ସର୍ବିୟା ତାରକା ଟାଇଟଲ୍ ବଜାୟ ରଖି ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛନ୍ତି। ଯଦି ସାବାଲେଙ୍କା ଏଥର ମଧ ଚାମ୍ପିଅନ ହୁଅନ୍ତି ତେବେ ବିଶ୍ୱର ଦ୍ୱିତୀୟ ଖେଳାଳି ଭାବେ ୟୁଏସ୍ ଓପନ୍‌ରେ ବିରଳ ହ୍ୟାଟ୍ରିକ ସଫଳତା ପାଇବେ। ଏଥିପୂର୍ବରୁ ଏକମାତ୍ର ମହିଳା ଖେଳାଳି ଭାବେ ସେରେନା ୱିଲିୟମ୍ସ କ୍ରମାଗତ ୩ଟି (୨୦୧୨, ୨୦୧୩ ଓ ୨୦୧୪) ସିଜନ ଧରି ୟୁଏସ୍ ଓପନ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲେ। ପ୍ରଥମ ଦିବସରେ ରବିବାର ମହିଳା ବିଭାଗରେ ୧୯ତମ ସିଡ୍ ଇଟାଲୀର ଯସ୍ମିନ ପାଓଲିନ ଓ ସ୍ଲୋଭେନିଆର ଭେରୋନିକା ଏର୍ଜାଭେକ ସାମ୍ନାସାମ୍ନି ହୋଇଛନ୍ତି। ସେହିଭଳି ତୃତୀୟ ସିଡ୍ ଜେସିକା ପେଗୁଲା ପ୍ରଥମ ଦିବସରେ ରୋମାନିଆର ଏଲିନା ଗାବ୍ରିଏଲ ରୁସେଙ୍କ ସହ ମୁକାବିଲା କରିବେ। ପୁରୁଷ ବିଭାଗରେ ୭ମ ସିଡ୍ ଡାନିଲ ମେଡଭେଡେଭ ଓ ଫ୍ରାନ୍ସର ହୁଗୋ ଗାସଟନଙ୍କ ମଧ୍ୟରେ ଲଢ଼େଇ ହେବ।

ସିଏଚେମ୍ ଟ୍ରଫି କ୍ରିକେଟ

## ଓଡ଼ିଶା-ମୁମ୍ବାଇ ମ୍ୟାଚ୍ ଡ୍ର'

ଭୁବନେଶ୍ୱର,୩୦।୮ (ସମିସ): ଓଡ଼ିଶା ଓ ମୁମ୍ବାଇ ମଧ୍ୟରେ ଚାଲିଥିବା ସିଏଚେମ୍ ଟ୍ରଫିର ସିନିଅର ମୁକାବିଲାର ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ଏହା ଫଳରେ ଓଡ଼ିଶା ଏକ କ୍ୱାଲିଟି ଦଳ ବିପକ୍ଷରେ ଅଭ୍ୟାସ କରିବାର ସୁଯୋଗ ପାଇଛି, କିନ୍ତୁ ଜଣେ ହେଲେ ଦମ୍‌ଦାର ପ୍ରଦର୍ଶନ ଦେବାରେ ସମର୍ଥ ହୋଇନାହାନ୍ତି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ମୁମ୍ବାଇର ୧୯୨ ରନ୍ ଜବାବରେ ଓଡ଼ିଶା ୧୭୭ ରନ୍ କରିଥିଲା। ୧୪ ରନ୍‌ରେ ଆଗୁଆ ଥିବା ମୁମ୍ବାଇ ୮ ୱିକେଟରେ ୨୪୧ ରନ୍ କରି ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଦଳ ପକ୍ଷରୁ ହାର୍ଦ୍ଦିକ ତୋମାରେ ୭୨ରନ୍ କରିଥିଲାବେଳେ ଓଡ଼ିଶାର ଆମଦାନୀକାରୀ ବୋଲର ଲଳିତ ଯାଦବ ଓ ସମ୍ବିତ ବରାଳ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୨୫୫ ରନ୍‌ରେ ପଛରେ ଥାଇ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଥିବା ଓଡ଼ିଶା ୨ ୱିକେଟରେ ୧୦୬ ରନ୍ କରିବା ପରେ ଖେଳ ବନ୍ଦ ରହିଥିଲା। ଓମ୍‌ଟି ମୁଣ୍ଡେ ୪୦ ଓ ସନ୍ଦୀପ ପଟ୍ଟନାୟକ ୩୫ରନ୍‌ରେ ଅପରାଜିତ ରହିଥିଲେ।

ସେପ୍ଟେମ୍ବର ୨୦ରୁ ଓଡ଼ିଶା ଟି-୨୦ ଲିଗ୍

# ଚାରୋଟି ବର୍ଗରେ ହେବ ଖେଳାଳି ଡ୍ରାଫ୍ଟ

ଭୁବନେଶ୍ୱର, ୩୦।୮ (ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଓଡ଼ିଶା ଟି-୨୦ ଲିଗ୍'ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୨୦ରୁ ଆଇକନିକ ବାରବାଟୀ ଷ୍ଟାଡିୟମ ଆରମ୍ଭ ହେବାକୁଯାଉଛି। ଗତବର୍ଷ ଭଳି ଏଥର ମଧ ୬ଟି ଫ୍ରାଞ୍ଚାଇଜ

### ଆଇକନିକ ଖେଳାଳିଙ୍କୁ ମିଳିବ ସର୍ବାଧିକ ୧.୨୫ ଲକ୍ଷ

ମଧ୍ୟରେ ୧୦ଦିନ ଧରି ଟ୍ରଫି ପାଇଁ ଲଢ଼େଇ ହେବ। ଅଂଶଗ୍ରହଣକାରୀ ଏହି ୬ଟି ଦଳ ହେଲେ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ, ଭୁବନେଶ୍ୱର ଟାଇଗର୍ସ, ପୁରୀ ଟାଇଟାନ୍ସ, ରାଉରକେଲା ଷ୍ଟିଲର୍ସ, କେନ୍ଦୁଝର ମାଇନର୍ସ ଓ ସମ୍ବଲପୁର ୱାରିୟର୍ସ। ଏହି ଛଅଗୋଟି ଫ୍ରାଞ୍ଚାଇଜ ଲାଗି ଖେଳାଳି ଡ୍ରାଫ୍ଟ ସେପ୍ଟେମ୍ବର ୬ ତାରିଖରେ ଅନୁଷ୍ଠିତ। ଡ୍ରାଫ୍ଟ ପ୍ରକ୍ରିୟା ଲାଗି ଖେଳାଳିଙ୍କୁ ୪ଟି କାଟାଗୋରୀରେ ରଖାଯାଇଛି। କାଟାଗୋରୀ-ଏ'ରେ ରାଜ୍ୟର ସିନିଅର ଖେଳାଳିଙ୍କୁ ରଖାଯାଇଛି। ଏଥିସହ ଗତ




ସିଜନରେ ୨୩ ବର୍ଷରୁ କମ୍ ବୟସରେ ଆଖିଦୃଶିଆ ପ୍ରଭାବୀ ପ୍ରଦର୍ଶନ କରିଥିବା କିଛି ଖେଳାଳିଙ୍କୁ ଏହି ବର୍ଗରେ ରଖାଯାଇଛି। ସେହିଭଳି କାଟାଗୋରୀ-ବି'ରେ ରାଜ୍ୟର ୨୩ ବର୍ଷରୁ କମ୍ ବୟସବର୍ଗର ଖେଳାଳିଙ୍କୁ ନିଆଯାଇଛି। ଏହାବାଦ୍ ୧୯ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କିଛି ମନୋନୀତ ଖେଳାଳିଙ୍କୁ ମଧ ବି' କାଟାଗୋରୀରେ ରଖାଯାଇଛି। କାଟାଗୋରୀ-ସି'ରେ କେବଳ ୧୯ ବର୍ଷରୁ କମ୍ ବର୍ଗର ଖେଳାଳି ସ୍ଥାନ ପାଇଛନ୍ତି। ଭିଜି ଟ୍ରଫି ଓ କଳାହାଣ୍ଡି କପ୍ ଖେଳାଳିଙ୍କ ଲାଗି ଅନ୍ତିମ ତଥା କାଟାଗୋରୀ-ଡି ରଖାଯାଇଛି। ଏହିବର୍ଗରେ ନାମ ପଞ୍ଜୀକରଣ କରି ଖେଳାଳି ନିଜ ନାମକୁ ଡ୍ରାଫ୍ଟକୁ ନେଇପାରିବେ ବୋଲି ଓସିଏ'ର ସିଇଓ ସୁବ୍ରତ ବେହେରା ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ସଂସ୍କରଣ ଭଳି ଏଥର ମଧ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍ ହୋଇଥିବା ଦଳ ୨୦ ଲକ୍ଷ ଟଙ୍କା ପାଇବ। ଦ୍ୱିତୀୟ ସଂସ୍କରଣର ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଓ ଫ୍ଲଡ ଲାଇଟରେ ଖେଳାଯିବ। ସେହିଭଳି ମ୍ୟାଚର ସିଧାପ୍ରସାରଣ ଜିଓ ହଟ୍‌ଷ୍ଟାର ଓ ତରଙ୍ଗ ଟିଭିରେ କରାଯିବ। ଏହି ଅବସରରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସଂସ୍କରଣରେ ଟୁର୍ଣ୍ଣାମେଣ୍ଟର ନାମ ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫି ରଖାଯାଇଛି। ଯାହାକି ପ୍ରଥମ ସଂସ୍କରଣରେ କେବଳ ଓଡ଼ିଶା ଟି-୨୦ ଲିଗ୍ ନାମରେ ଖେଳାଯାଇଥିଲା। କେବଳ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନାର୍ଥେ 'ସିଏମ ଟ୍ରଫି' ଯୋଡ଼ା ଯାଇଛି ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଖେଳାଳି ଦର**

| | | |
|---|---|---|
| ଆଇକନିକ୍ | : | ୧.୨୫ ଲକ୍ଷ |
| କାଟାଗୋରୀ-ଏ | : | ଏକ ଲକ୍ଷ |
| କାଟାଗୋରୀ-ବି | : | ୭୫ ହଜାର |
| କାଟାଗୋରୀ-ସି | : | ୫୦ ହଜାର |
| କାଟାଗୋରୀ-ଡି | : | ୪୦ ହଜାର |

ରାଜ୍ୟ ସ୍କୁଲ ଓପନ ଚେସ୍

## ଓମ୍ ଚାମ୍ପିଅନ, ସାତ୍ତ୍ୱିକ ରନର୍ସଅପ୍

ଭୁବନେଶ୍ୱର,୩୦।୮ (ସମିସ): ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲର ଓମ୍ ଶତପଥୀ ତୃତୀୟ ବାସୁଦେବ ସ୍ମାରକୀ ସ୍କୁଲ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆଜି ଅନୁଷ୍ଠିତ ଏହି ଦିନିକିଆ ଏବଂ ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଓମ୍ ଏବଂ ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ୍‌ର ସାତ୍ତ୍ୱିକ ମହାନ୍ତି ସମାନ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ଓମ୍ ଟାଇଟଲ ଜିତିଥିଲାବେଳେ ସାତ୍ତ୍ୱିକ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଏମାନଙ୍କ ପଛକୁ ଅନ୍ୟ ୩ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁର ଡିଏଭି'ର ଆଶୁତୋଷ ଅରୁଣ ଦାସ ତୃତୀୟ, ପୋଖରୀପୁଟ ଡିଏଭି'ର ଦିବ୍ୟାଂଶ ମହନ୍ତ ଚତୁର୍ଥ ଓ ସାଇ ସ୍ୱାଗତ ପରିଜା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଏହା ଏକ ରାଜ୍ୟସ୍ତରୀୟ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ହୋଇଥିଲେ ମଧ କେବଳ ଭୁବନେଶ୍ୱର ପ୍ରତିଯୋଗୀ ପ୍ରଥମ ୫ଟି ସ୍ଥାନ ଅଧିକାର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ



ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲାବେଳେ ଖୋର୍ଦ୍ଧା ସ୍ପେଶାଲ ଟ୍ରେଜେରୀ ଅଫିସର ରାଜେଶ ମହନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ନିର୍ଲିପ୍ତା ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS